R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୪୫
ତିଥି : ତୃତୀୟା
୧୪ ଜୁନ୍ ୨୦୨୫, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 245
14 Jun 2025, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ଯାହାକୁ ରଖିବେ ଅନନ୍ତ...

ଅହମ୍ମଦାବାଦ,୧୩।୬: କଥାରେ ଅଛି ଯାହାକୁ ରଖିବେ ଅନନ୍ତ, କି କରି ପାରେ ବଳବନ୍ତ । ଏହାର ସାର୍ଥକତା ପ୍ରମାଣିତ ହୋଇଛି ବିଶ୍ୱାସ କୁମାରଙ୍କ କ୍ଷେତ୍ରରେ । ଅହମ୍ମଦାବାଦରେ ଗୁରୁବାର ମଧ୍ୟାହ୍ନରେ ହୋଇଥିବା ଭୟଙ୍କର ଦୁର୍ଘଟଣାରେ ଚମତ୍କାର ଘଟଣା ଘଟିଛି । ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ କ୍ରାଶ ହେବା ପରେ ନିଆଁ ପିଣ୍ଡୁଳାରେ ପରିଣତ ହୋଇ ଯାଇଥିଲା । ଏଥିରେ ଥିବା ସମସ୍ତ ୨୪୨ ଜଣ ଲୋକ ପ୍ରାଣ ହରାଇଥିବା ଆଶଙ୍କା ପ୍ରକାଶ ପାଇଥିଲା । କିନ୍ତୁ ବିମାନ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି ଜଣେ ମାତ୍ର ଯାତ୍ରୀ । ଏତେ ବଡ଼ ବିମାନ ଦୁର୍ଘଟଣା ହୋଇଥିଲେ ହେଁ ୩୮ ବର୍ଷୀୟ ବିଶ୍ୱାସ କୁମାର ରମେଶ ସମସ୍ତଙ୍କୁ ଚକିତ କରି ଜୀବିତ ରହିଛନ୍ତି । ଦୁର୍ଘଟଣା ସ୍ଥଳରୁ ସେ ଚାଲଚାଲି ଆମ୍ବୁଲାନ୍ସ ଆଡ଼କୁ ଆସୁଥିବାର ଭିଡିଓ ସାମ୍ନାକୁ ଆସିଛି ।

ସେ ଦୁର୍ଘଟଣା ଗ୍ରସ୍ତ ଏୟାର ଇଣ୍ଡିଆ ବିମାନ ଏଆଇ ୧୭୧ର ୧୧ଏ ସିଟରେ ବସିଥିଲେ । ଉଡ଼ାଣ ଭରିବାର ୫ ମିନିଟ ମଧ୍ୟରେ ବିମାନଟି ମେଘାନି ନଗରରେ କ୍ରାଶ ହୋଇ ଯାଇଥିଲା । କିନ୍ତୁ ରମେଶ ବେଶ ଚତୁରତାର ସହ ଏଥିରୁ ଡେଇଁ ପଡ଼ିଥିଲେ । ଫଳରେ ସେ ବଞ୍ଚି ଯାଇଥିବା ଜଣାପଡ଼ିଛି । ଦୁର୍ଘଟଣାରେ ରମେଶ ଆହତ ହୋଇଛନ୍ତି । ସେଠାକୁ ସେ ଆସିବା ପରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

ରମେଶ ଜଣେ ବ୍ରିଟିଶ ନାଗରିକ ବୋଲି କୁହାଯାଉଛି । ଏବେ



ଅହମଦାବାଦର ଗୋଟିଏ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି । ସେ ଈଶ୍ୱରଙ୍କ କୃପାରୁ ବର୍ତ୍ତି ଯାଇଥିବା କହିଛନ୍ତି । ତାଙ୍କ କହିବା କଥା ଯେ ଉଡ଼ାଣର ମାତ୍ର କିଛି ସେକେଣ୍ଡ ମଧ୍ୟରେ ଜୋରରେ ବିସ୍ଫୋରଣ ଶବ୍ଦ ହୋଇଥିଲା । କିନ୍ତୁ ଏହା କ୍ରାଶ କଲା ବେଳକୁ ସେ ବିମାନରୁ ଡେଇଁ ପଡ଼ିଥିଲେ । କିଛି ସମୟ ପରେ ସେ ଉଠିଥିଲେ । ଏହି ସମୟରେ ତାଙ୍କ ଆଖପାଖରେ ଏକାଧିକ ମୃତଦେହ ପଡ଼ିଥିଲା । ଏହାକୁ ଦେଖି ସେ ପୂରା ଡରି ଯାଇଥିଲେ । ବିମାନ ଦୁର୍ଘଟଣାରେ ଏକମାତ୍ର ଯାତ୍ରୀ ଜୀବିତ ଥିବା ମଧ୍ୟ ଅହମଦାବାଦ ପୁଲିସ୍ କମିଶନର ଜିଏସ୍ ମଲିକ ନିଶ୍ଚିତ କରିଛନ୍ତି ।

# ଅହମ୍ମଦାବାଦରେ ହୃଦୟ ବିଦାରକ ବିମାନ ଦୁର୍ଘଟଣା

## ୨୪୧ ମୃତ ! ଜଣେ ବଞ୍ଚିଗଲେ

ହାଇଦ୍ରାବାଦ,୧୩।୬: ଅହମ୍ମାଦାବାଦରେ ଭୟାବହ ବିମାନ ଦୁର୍ଘଟଣା ହୋଇଛି । ବିମାନରେ ୨୩୦ ଯାତ୍ରୀଙ୍କ ସମେତ ୧୦ କ୍ରୁ ସଦସ୍ୟ ଓ ୨ ଜଣ ପାଇଲଟ୍ ଥିଲେ । ଏହି ଭୟାବହ ଦୁର୍ଘଟଣାରେ ଜଣେ ଯାତ୍ରୀ ବଞ୍ଚି ଯାଇଥିବା ବେଳେ ଅନ୍ୟମାନେ ମୃତ୍ୟୁ ବରଣ କରିଥିବା ସୂଚନା ମିଳୁଛି । ମୃତକଙ୍କ ମଧ୍ୟରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଅଛନ୍ତି । ବିମାନଟି




### ଉଡାଣର ଗୋଟିଏ ମିନିଟ୍ ପରେ ଲାଗିଲା ନିଆଁ
### ମେଡ଼ିକାଲ ହଷ୍ଟେଲ କୋଠାରେ ମାଡ ହେଲା
### ୫ ଡାକ୍ତରୀ ଛାତ୍ର ମୃତ, ୫୦ରୁ ଅଧିକ ଆହତ
### ଘଟଣା ସ୍ଥଳରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା
### ଦୁଃଖ ପ୍ରକାଶ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ
### ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦୁଃଖ ପ୍ରକାଶ

ନିଆଁ ଲାଗି ଯିବାରୁ ସେ ପୋଡି ହୋଇ ପ୍ରାଣ ହରାଇଥିବା ସୂଚନା ମିଳିଛି । ସରକାରୀ ସୂଚନା ମୁତାବକ ପ୍ରାୟ ସବୁ ଯାତ୍ରୀଙ୍କର ମୃତ୍ୟୁ ଘଟିଛି । ବିମାନଟି ଅହମ୍ମଦାବାଦରୁ ଲଣ୍ଡନ ଯାଉଥିଲା ।

ଉଡାଣ ଭରିବାର ପ୍ରାୟ ୩୦ ସେକେଣ୍ଡ ମଧ୍ୟରେ ବିମାନରେ ତ୍ରୁଟି ଦେଖାଯାଇଥିଲା । ଏୟାର ଇଣ୍ଡିଆର ଫ୍ଲାଇଟ୍ ୧୭୧ ବୋଇ ୭୮୭-୮ ଅହମ୍ମାଦାବାଦର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଆନ୍ତର୍ଜାତୀୟ ବିମାନବନ୍ଦରରୁ ଲଣ୍ଡନ ଅଭିମୁଖେ ଉଡାଣ ଭରିଥିଲା । ବିମାନରେ ୧୬୯ ଭାରତୀୟ ନାଗରିକ ଥିଲା ବେଳେ ୫୩ ବ୍ରିଟିଶ ନାଗରିକ, ୭ ପର୍ତ୍ତୁଗାଲ ନାଗରିକ, ଜଣେ କାନାଡା ନାଗରିକ ଓ ୧୨ କ୍ରୁ ସଦସ୍ୟ ଥିଲେ । ବିମାନଟି ଉଡାଣ ଭରିଲା ପରେ ବିଜେ ମେଡିକାଲ କଲେଜ ଓ ସଭିଲ ହସ୍ପିଟାଲର ଛାତ୍ରାବାସ ଡାକ୍ତରଙ୍କ କ୍ୱାର୍ଟର ଓ ନର୍ସିଂ ଷ୍ଟାଫ ରହୁଥିବା କ୍ୱାର୍ଟରରେ ମାଡ଼ ହୋଇଥିଲା । ଏହାଛଡା ଅନେକ କୋଠା, ଗଛ ମାଡ ହେବା ପରେ ବିମାନରେ ନିଆଁ ଲାଗି ଯାଇଥିଲା ଓ ଖଣ୍ଡ ଖଣ୍ଡ ହୋଇ ତଳେ ପଡିଯାଇଥିଲା । ମେଡିକାଲ କଲେଜରେ ବିମାନ ଖସି ପଡିବା ପରେ ସେଠାରେ ୫୦ ଜଣ ଆହତ ହୋଇଥିବା ସହ ୫ ଜଣଙ୍କର ମୃତ୍ୟୁ ହୋଇଛି । ଅଧିକାଂଶ ଲୋକ ପୋଡି ଯାଇଥିବାରୁ ସେମାନଙ୍କୁ ଚିହ୍ନଟ କରିବା କଷ୍ଟ ହୋଇପଡିଛି । ଆମେରିକାର ଫେଡେରାଲ ଆଭିଏସନ୍, ପ୍ରଶାସନ, ତଦନ୍ତରେ ସହାୟତା କରିବ ବୋଲି ଘୋଷଣା କରିଛି । ଭାରତୀୟ କର୍ତ୍ତୃପକ୍ଷ ଏହାର ତଦନ୍ତ ଆରମ୍ଭ କଲେ ଏଫ୍ଏଏ ସହଯୋଗ କରିବ । ବିମାନଟି ଅହମ୍ମଦାବାଦ ବିମାନବନ୍ଦରରୁ ଅପରାହ୍ଣ ୧.୩୯ରେ ଉଡାଣ ଭରିଥିଲା । ତକ୍ଷଣାତ୍ ଏହା ଦୁର୍ଘଟଣାଗ୍ରସ୍ତ ହୋଇ ବିଜେ ମେଡିକାଲ କଲେଜ ଓ ସିଭିଲ ହସ୍ପିଟାଲ ଅଞ୍ଚଳରେ ଖସି ପଡିଥିଲା । ପ୍ରବଳ ଧୂଆଁ ଓ ବ୍ୟାପକ ଧ୍ୱଂସାବଶତ ଯୋଗୁଁ ସେଠାରେ ଏକ ଭୟାନକ ପରିସ୍ଥିତି ସୃଷ୍ଟି ହୋଇଥିଲା । ମାଇଲ ମାଇଲ ଧରି (୯ ପୃଷ୍ଠାରେ)

## ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନିଙ୍କ ମୃତ୍ୟୁ



ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନି ଅହମ୍ମାଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ଗୁଜରାଟ ରାଜ୍ୟ ବିଜେପି ସଭାପତି ତଥା କେନ୍ଦ୍ରମନ୍ତ୍ରୀ ସିଆର୍ ପାଟିଲ ଏନେଇ ସୂଚନା ଦେଇଛନ୍ତି । ତାଙ୍କ ବିୟୋଗରେ ବିଜେପି ପରିବାର ଗଭୀର ଦୁଃଖତ ବୋଲି ଶ୍ରୀ ପାଟିଲ କହିଛନ୍ତି । ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ବୋଲି ସେ ପ୍ରାର୍ଥନା କରିଛନ୍ତି । ବିଜୟ ରୂପାନୀ ହେଉଛନ୍ତି ଗୁଜରାଟର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଯେ କି ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ । ପୂର୍ବରୁ ୧୯୬୫ରେ ହେଉଥିବା ଏକ ବିମାନ ଦୁର୍ଘଟଣାରେ ବଳବନ୍ତ ରାୟଙ୍କ ଜୀବନ ଯାଇଥିଲା ।

### ଭଦ୍ରକ ଗୋଷ୍ଠୀ ସଂଘର୍ଷରେ ଯୁବକ ମୃତ୍ୟୁ ଘଟଣା

## ୨୪ ଘଣ୍ଟା ଇଣ୍ଟରନେଟ୍ ବନ୍ଦ, ରାସ୍ତାରୋକ



ଭଦ୍ରକ୧୩।୬ (ସବ୍ୟୁ): ମେ ୩୦ ତାରିଖରେ ଗୋଷ୍ଠୀ ସଙ୍ଘର୍ଷରେ ଗୁରୁତର ଆହତ ହୋଇ ଭୁବେନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିବା ଜଣେ ଯୁବକଙ୍କ ମୃତ୍ୟୁ ପରେ ଭଦ୍ରକରେ ଦେଖା ଦେଇଛି ଚାପା ଉତ୍ତେଜନା । ଏହି ଉତ୍ତଜନାକୁ ନେଇ ସର୍ତ୍ତକତା ସ୍ୱରୂପ ଭଦ୍ରକ ଜିଲ୍ଲା ପୋଲିସ ପକ୍ଷରୁ ୨୪ଘଣ୍ଟା ପାଇଁ ଇଣ୍ଟରନେଟ ସେବାକୁ ବନ୍ଦ କରାଯାଇଛି ।ଗୁରୁବାର ସକାଳ ୬ଟାରୁ ଆସନ୍ତାକାଲି ଶୁକ୍ରବାର ସକାଳ ୬ଟା ପର୍ଯ୍ୟନ୍ତ ଇଣ୍ଟରନେଟ ସେବା ବନ୍ଦ ରଖାଯାଇଛି । ଗୁରୁବାର ସକାଳ ୬ଟାରୁ ଆସନ୍ତାକାଲି ଶୁକ୍ରବାର ସକାଳ ୬ଟା ଯାଏଁ ଇଣ୍ଟରନେଟ ସେବା ବନ୍ଦ ରହିବ । ଭଦ୍ରକ ପୌରାଞ୍ଚଳ,ଭଦ୍ରକ ବ୍ଲକ,ତିହିଡିରେ (୯ ପୃଷ୍ଠାରେ)

### ସନ୍ତୋଷଙ୍କ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବେ ସରକାର

ଭୁବନେଶ୍ୱର,୧୩।୬ (ସବ୍ୟୁ): ଭଦ୍ରକ ତିହିଡି ଥାନା ଅଞ୍ଚଳରେ ଦୁଇ ସମ୍ପ୍ରଦାୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ସନ୍ତୋଷ ପରିଡାଙ୍କ ପିଲାଙ୍କ ପାଠ ପଢା ଖର୍ଚ୍ଚ ସରକାର ବହନ କରିବେ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଗତକାଲି ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ସନ୍ତୋଷଙ୍କ ନିକଟ ସମ୍ପର୍କୀୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ଏବଂ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

### ବିକାଶ ବାହନ ଯାତ୍ରାର ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ଲୋକଙ୍କୁ ଯୋଡିବା ଆମ ସରକାରଙ୍କ ହଲ୍ମାର୍କ

ଭୁବନେଶ୍ୱର,୧୩।୬ (ସବ୍ୟୁ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ, ସ୍ଥାନୀୟ ମହାତ୍ମାଗାନ୍ଧୀ ମାର୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିଥିଲେ । ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗଣତନ୍ତ୍ରରେ ଜନତା ହେଉଛନ୍ତି ଜନାର୍ଦ୍ଦନ । ଜନତାଙ୍କ ସେବାରେ ହିଁ ଜୀବନର ସାର୍ଥକତା । ଓଡିଶାରେ ଡବଲ ଇଞ୍ଜିନ ସରକାର, ଡବଲ ସ୍ପିଡରେ କାମ କରି ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ



କରିପାରୁଛି । ଆମ ସରକାରଙ୍କ ଏକ ହଲ୍ମାର୍କ ହେଉଛି, ଲୋକଙ୍କ ସହିତ ଯୋଡି ହେବାର ପ୍ରୟାସ । ଏହି ଏକ ବର୍ଷରେ ଅନେକ କ୍ଷେତ୍ରରେ ଓଡ଼ିଶାର କାୟାକଳ୍ପ ହୋଇଛି । ମହିଳା, କୃଷକ, ଆଦିବାସୀ ଓ ଯୁବବର୍ଗର ସଶକ୍ତିକରଣ ସହିତ ଭିତ୍ତିଭୂମି ଓ ଶିଳ୍ପ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି । ଗାଁ ଠାରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଆଶାର ସଞ୍ଚାର ସୃଷ୍ଟି ହୋଇପାରିଛି । ଆଜି ଯେଉଁ ବିକାଶ ବାହନ ଯାତ୍ରା ଆରମ୍ଭ ହେବାକୁ ଯାଉଛି, ତାହା ହେଉଛି ଆମ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଜନସାଧାରଣ ମାନଙ୍କୁ ଯୋଡିବାର ଆଉ ଏକ ପ୍ରୟାସ ବୋଲି (୯ ପୃଷ୍ଠାରେ)

### ହଜାରେ କୋଟି ଠକେଇ

## ଓଡ଼ିଶା ମୁଖ୍ୟ ଗିରଫ



ଭୁବନେଶ୍ୱର,୧୩।୬ (ସବ୍ୟୁ): ଦୁବାଇରୁ ପରିଚାଳିତ ହେଉଥିବା ୧୮ ଫୁଟ୍ବଲ୍ ଡଟ୍ କମ୍ ଆପ୍ ମାଧ୍ୟମରେ ଭାରତରୁ ହଜାରେ କୋଟି ଟଙ୍କା ଠକେଇ ହୋଇଛି । ଗଞ୍ଜାମ ଜିଲ୍ଲାର ଜିତେନ୍ଦ୍ର ମଲ୍ଲିକ (୨୭) ଓଡ଼ିଶା ମୁଖ୍ୟ ଭାବେ କାମ କରୁଥିଲା । ଜିତେନ୍ଦ୍ର ମାଧ୍ୟମରେ ଓଡ଼ିଶାରୁ କୋଟି କୋଟି ଟଙ୍କା ଠକେଇ ହୋଇଛି । ଠକେଇର ଶିକାର ହୋଇଥିବା ଗଞ୍ଜାମର ଜଣେ ବ୍ୟକ୍ତି କ୍ରାଇମ୍ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଏତଲା କରିବା (୯ ପୃଷ୍ଠାରେ)

## ଲିଙ୍ଗଗତ ବୈଷମ୍ୟରେ ଭାରତର ସ୍ଥାନ ୧୩୧

ନୂଆଦିଲ୍ଲୀ,୧୩।୬: ଲିଙ୍ଗଗତ ବୈଷମ କ୍ଷେତ୍ରରେ ୧୪୮ ଦେଶ ମଧ୍ୟରେ ଭାରତର ସ୍ଥାନ ୧୩୧ ରହିଛି । ଏହି ବୈଷମତା ଦିନକୁ ଦିନ ବୃଦ୍ଧି ପାଉଥିବା ଗ୍ଲୋବାଲ ଜେଣ୍ଡର ଗ୍ୟାପ ରିପୋର୍ଟ-୨୦୨୫ରେ ଉଲ୍ଲେଖ କରାଯାଇଛି ।

ରିପୋର୍ଟ ଅନୁଯାୟୀ ଲିଙ୍ଗଗତ ସମତୁଲତାରେ ଦକ୍ଷିଣ ଏସିଆର ସ୍କୋର ସର୍ବନିମ୍ନ ୬୪.୧% ରହିଛି । ଗତବର୍ଷ ତୁଳନାରେ ଭାରତର ସ୍ଥାନ ପୁଣି ଦୁଇଟି ତଳକୁ ଖସିଛି । ଭାରତରେ ଲିଙ୍ଗଗତ ସମାନତା ମାତ୍ର ୬୪.୧% ରହିଛି । ଦକ୍ଷିଣ ଏସିଆ ଅଞ୍ଚଳରେ ଏହା ସର୍ବନିମ୍ନ ର୍ୟାଙ୍କ । ୨୦୨୪ ରିପୋର୍ଟରେ ଭାରତ ୧୨୯ ନମ୍ବର ସ୍ଥାନରେ ଥିଲା । ପୁରୁଷ ଓ ମହିଳାଙ୍କ ମଧ୍ୟରେ ଲିଙ୍ଗଗତ ଅସମାନତା । କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦେଖିବାକୁ ମିଳିଛି । ମୁଖ୍ୟତଃ ୪ ଡାଇମେନସନକୁ ନେଇ ସମାନତା ସ୍ଥିର କରାଯାଇଛି । ଆର୍ଥିକ ସହଭାଗିତା, ଶିକ୍ଷାଗତ ସମ୍ପୃକ୍ତି, ସ୍ୱାସ୍ଥ୍ୟ ଓ ରାଜନୈତିକ ସଶକ୍ତିକରଣକୁ ଆଧାର କରାଯାଇଛି । ଆର୍ଥିକ ସହଭାଗିତାରେ ଭାରତରେ ସମତୁଲତା ବୃଦ୍ଧି ପାଇଛି । ଏଥିରେ ସ୍କୋର ୪୦.୭%କୁ ବୃଦ୍ଧି ହୋଇଛି । ସେହିଭଳି ଆୟ କ୍ଷେତ୍ରରେ ମଧ୍ୟ ସ୍କୋର ବଢ଼ିଛି । ଶ୍ରମକ୍ଷେତ୍ରରେ ଭାଗିଦାରିତାରେ ଗତବର୍ଷ ଯାହା ଥିଲା ତାହା ରହିଛି । ତେବେ ଶିକ୍ଷା ଓ ସୁବିଧା କ୍ଷେତ୍ରରେ ଭାରତର ସ୍କୋର ୯୭.୧% ରହିଛି । ଯାହାକୁ ମହିଳା ସ୍ୱାକ୍ଷରତାରେ ଉନ୍ନତିକୁ ଦେଖାଉଛି । ରାଜନୈତିକ ସଶକ୍ତିକରଣ ମଧ୍ୟ ହ୍ରାସ ପାଇଛି । ପୂର୍ବ ବର୍ଷ ତୁଳନାରେ ଏହା ୦.୬%କୁ ହ୍ରାସ ପାଇଛି । ସଂସଦରେ ମହିଳାମାନଙ୍କ ପ୍ରତିନିଧିତ୍ୱ ୧୪.୭%ରୁ ୧୩.୮%କୁ ୨୦୨୫ରେ ହ୍ରାସ ପାଇଛି । ସେହିଭଳି ମନ୍ତ୍ରୀମଣ୍ଡଳରେ (୯ ପୃଷ୍ଠାରେ)

## ଯୁକ୍ତ ୩ର ପ୍ରଥମ କଟ୍ ଅଫ ତାଲିକା

ଭୁବନେଶ୍ୱର,୧୩।୬ (ସବ୍ୟୁ): ଚଳିତବର୍ଷ ଯୁକ୍ତ ତିନି ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ତାଲିକା ପ୍ରକାଶ ପାଇଛି । ଏହି ତାଲିକାରେ ବିଜ୍ଞାନ, ବାଣିଜ୍ୟ ଏବଂ କଳା ସମସ୍ତ ୩ଟି ବର୍ଗରେ ରେଭେନ୍ସା

### ୩ ବର୍ଗରେ ରେଭେନ୍ସା ସର୍ବାଧିକ ମାର୍କ

ବିଶ୍ୱବଦ୍ୟାଳୟ ଆଗରେ ରହିଛି । ରେଭେନ୍ସା ବିଶ୍ୱବିଦ୍ୟାଳୟର ସର୍ବାଧିକ କଟ୍ ଅଫ୍ ମାର୍କ ରହିଛି । ମୋଟ ୨ଲକ୍ଷ ୬୫ ହଜାର ୫୯୦ ଛାତ୍ରଛାତ୍ରୀ ଆବେଦନରୁ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୭୫ ହଜାର ୭୨୨ ଜଣ ମନୋନୀତ ହୋଇଛନ୍ତି ।

ରେଭେନ୍ସା ବିଶ୍ୱବଦ୍ୟାଳୟର କଳା ବିଭାଗରେ (ରାଜନୀତି ବିଜ୍ଞାନ) ସର୍ବାଧିକ ୯୨.୮୦ ପ୍ରତିଶତ କଟ ଅଫ ମାର୍କ ରହିଛି । ବିଜ୍ଞାନ ବିଭାଗର ଜୁଲୋଜି ଅନର୍ସରେ ୯୪ ପ୍ରତିଶତ, ଫିଜିକ୍ସରେ ୯୩.୬୭ ପ୍ରତିଶତ ଏବଂ ବାଣିଜ୍ୟରେ ୯୦.୫୦ ପ୍ରତିଶତ କଟ ଅଫ୍ ମାର୍କ ରହିଛି ।



# ଡାଇରିଆ

ବେଳେବେଳେ ଦେଖିବାକୁ ମିଳେ ଖାଦ୍ୟ ରୋଗକୁ କେହି ଏତେ ଗମ୍ଭୀରତାର ସହିତ ନେଇ ନଥାନ୍ତି । ହେଲେ ପ୍ରଥମରୁ କମରେ ଆରମ୍ଭ ହୋଇଥିବା ଏହି ରୋଗ ଗମ୍ଭୀର ସମସ୍ୟା ପାଲଟିଥାଏ । ଏପରିକି ଏହା ଜୀବନ ମଧ୍ୟ ନେଇଥାଏ । ସେହିଭଳି ଏକ ସମସ୍ୟା ହେଲା ଡାଇରିଆ, ଯାହା ପ୍ରଥମରୁ କମରେ ଆରମ୍ଭ ହୋଇ ଗମ୍ଭୀର ହୋଇଥାଏ । ଏହାର ଲକ୍ଷଣ ଭାବେ ଅତ୍ୟଧିକ ତରଳ ଝାଡ଼ାକୁ ଧରାଯାଇଥାଏ । ଏପରି ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶର ଆବଶ୍ୟକତା ରହିଛି ।

**କାରଣ–** ଡାଇରିଆ ଅନେକ କାରଣରୁ ହୋଇଥାଏ । ଖାଦ୍ୟ, ପାନୀୟ, ପରିବେଶ ସବୁର ପ୍ରଭାବ ଏହା ଉପରେ ରହିଛି ।

**ସଂକ୍ରମଣ–** ଇଣ୍ଟରନେଟରେ ଥିବା ତଥ୍ୟ ଅନୁସାରେ ଡାଇରିଆ ଏକ ଭାଇରାଲ ସଂକ୍ରମଣ ହୋଇଥାଏ, ଯାହାର କାରଣ ନୋରୋ ଭାଇରସ, ରୋଟା ଭାଇରସ ବା ଆଡେନୋ ଭାଇରସ ହୋଇପାରେ । କେବଳ ଭାଇରସ ନୁହେଁ ଏହାର କାରଣ ବ୍ୟାକ୍ଟେରିଆ କିମ୍ବା ପାରାସାଇଟ୍ ମଧ୍ୟ ହୋଇପାରେ । ଯେଉଁମାନେ ଆମ ଶରୀରକୁ କୌଣସି ବି ମାଧ୍ୟମରେ ଯିବା ପରେ ଏହି ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ ।

**ଖାଦ୍ୟ–** କିଛି କ୍ଷେତ୍ରରେ ଖାଦ୍ୟରେ କୌଣସି ଏପଟସେପଟ ହେଲେ ମଧ୍ୟ ଡାଇରିଆ ହେବାର ଆଶଙ୍କା ରହିଥାଏ । କିଛି ଖାଦ୍ୟକୁ ଆମ ପାଚନ ତନ୍ତ୍ର ହଜମ କରି ପାରିନଥାଏ ଯେଉଁ କାରଣରୁ ଡାଇରିଆ ହୋଇଥାଏ ।

### ଟିପ୍ସ

ଦୈନନ୍ଦିନ ଜୀବନରେ କିଛି କଥାର ଧ୍ୟାନ ରଖିଲେ ଆମେ ଡାଇରିଆ ସହିତ ବିଭିନ୍ନ ପେଟ ସମସ୍ୟାରୁ ଦୂରେଇ ରହିପାରିବା । ଏହି ଦିନେ ଯଥା ସମ୍ଭବ ଅଧିକ ପାଣି ପିଇବାକୁ ଚେଷ୍ଟା କରନ୍ତୁ । ସେହିଭଳି ସବୁବେଳେ ସଫା ତଥା ପରିଷ୍କାର ପାଣି ପିଅନ୍ତୁ । ଯାହା ଖାଉଛନ୍ତି ତାକୁ ନଜରରେ ରଖନ୍ତୁ । ବଜାରର ଖାଦ୍ୟ ଠାରୁ ଦୂରରେ ରୁହନ୍ତୁ । ସବୁବେଳେ ସତେଜ ଖାଦ୍ୟ ଖାଆନ୍ତୁ, ବାସି ଖାଦ୍ୟ ଖାଆନ୍ତୁ ନାହିଁ । ଯଦି ବୁଲିବାକୁ ଯାଉଛନ୍ତି ତେବେ ଆବଶ୍ୟକ ସତର୍କତା ଅବଲମ୍ବନ କରନ୍ତୁ । ପାଣିରେ ଭରପୂର ଥିବା ଫଳମୂଳ ଖାଆନ୍ତୁ ଏହା ବେଶ୍ ଲାଭ ଦାୟକ ହୋଇଥାଏ । ଯଦି ଲକ୍ଷଣ ଅଧିକ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଡାକ୍ତରୀ ଚିକିତ୍ସାରେ ଏହା ଖୁବ ଜଲଦି ଭଲ ହୋଇଥାଏ ।



## ସୋସିଆଲ କୋଟ୍ସ



“ଇଣ୍ଟରନ୍ୟାସନାଲ ଏମି ଡାଇରେକ୍ଟୋରେଟ୍ ଆୱାର୍ଡ ମିଳିବା ମୋ ପାଇଁ ଗର୍ବର ବିଷୟ । ଏହା ମୋତେ ଆଗକୁ ଆହୁରି କାମ କରିବାକୁ ପ୍ରେରଣା ଯୋଗାଇଛି । ଏହା ମୋ ଜୀବନରେ ସବୁଠାରୁ ଭଲ ଉପଲବ୍ଧି ।

ଏକତା କପୁର, ନିର୍ଦ୍ଦେଶକ



“ମୋତେ ବୀରଥା ଫିଲ୍ମରୁ ମୋତେ ମୋ ତ୍ୱଚାର ରଙ୍ଗ ପାଇଁ ବାହାର କରି ଦିଆଯାଇଥିଲା । ଅନେକ ସମୟରେ ବିଭିନ୍ନ ଅଜବ କାରଣରୁ ମୋତେ ଫିଲ୍ମରୁ କଢ଼ାଯାଇଥାଏ, ଯାହା ସବୁବେଳେ ମୋତେ ବ୍ୟଥିତ କରିଥାଏ ।

ଶାନ୍ତି ପ୍ରିୟା, ଅଭିନେତ୍ରୀ



“ନ୍ୟାସନାଲ ଆୱାର୍ଡ ମିଳିବା ମୋତେ ସବୁଠାରୁ ବେଶି ଖୁସି ଦେଇଥିଲା। ମୁଁ ଏହା ବିଷୟରେ ଯେତେବେଳେ ଜାଣିଲି ଲାଗିଲା କିଛି ତ ଭଲ କାମ କରିଛି, ଯାହାଫଳରେ ଏହା ମୋତେ ମିଳିଛି । ଏହା ମୋତେ ସବୁବେଳେ ଗର୍ବିତ କରିଥାଏ ।

କ୍ରିତି ସନନ୍, ଅଭିନେତ୍ରୀ

## ୬ ହଜାର ବର୍ଷର କଙ୍କାଳ ଠାବ

ଅନେକ ସମୟରେ ପ୍ରତ୍ନତତ୍ତ୍ୱବିତ୍‌ଙ୍କୁ ଏଭଳି ସାମଗ୍ରୀ ମାଟିତଳୁ ମିଳିଥାଏ ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ସେହିଭଳି ଏକ ଖନନ ବର୍ତ୍ତମାନ କଲମ୍ବିଆରେ ମିଳିଛି, ଯାହା ବର୍ତ୍ତମାନର ସେଠିକାର ଗବେଷକଙ୍କୁ ଖୁବ ଆଶ୍ଚର୍ଯ୍ୟ କରିଛି । ଏହି ସ୍କେଲିଟନର ଡିଏନ୍‌ଏ ସେଠିକାର ଅଞ୍ଚଳରେ ଥିବା କୌଣସି ଆଧୁନିକ ମଣିଷର ଡିଏନ୍‌ଏ ସହିତ ମିଶୁ ନାହିଁ । କଙ୍କାଳଟି ପାଖାପାଖି ୫୦୦ ରୁ ୬ ହଜାର ବର୍ଷର ବୋଲି ଆକଳନ କରାଯାଉଛି । ତେବେ ଏହା ପୂର୍ବର କୌଣସି ପ୍ରଜାତିର ହୋଇପାରେ ଯାହା ନେଇ କୌଣସି ତଥ୍ୟ ନାହିଁ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି । ଏହି କଙ୍କାଳକୁ ଅଧିକ ପରୀକ୍ଷା କରିବାଫଳରେ ପ୍ରାଚୀନ କାଳରେ ସ୍ଥାନାନ୍ତରଣ ସମ୍ପର୍କରେ ତଥ୍ୟ ମିଳିବ ବୋଲି ବୈଜ୍ଞାନିକମାନେ ମତ ଦେଉଛନ୍ତି ।



## ଇତିହାସ

୧୬୨୫– ବ୍ରିଟେନ୍‌ର ରାଜା ହେନରୀ ପ୍ରଥମ ଫ୍ରାନ୍ସର ରାଜକୁମାରୀ ହିନରିଟିଙ୍କୁ ବିବାହ କରିଥିଲେ ।
୧୭୭୪– ବ୍ରିଟିଶ୍ ଆମେରିକାର ଉପନିବେଶ ରୋଡ୍ ଆଇଲ୍ୟାଣ୍ଡ ଦାସପ୍ରଥା ଉପରେ ପ୍ରତିବନ୍ଧକ ଲାଗୁ କରିଥିଲେ । ଏପରି କରିବାରେ ସେ ପ୍ରଥମ ଉପନିବେଶ ।
୧୮୮୮– ଆମେରିକା କଂଗ୍ରେସ ତରଫରୁ ଶ୍ରମ ବିଭାଗ ଗଠନ କରାଗଲା ।
୧୯୨୭– ଆମେରିକାରେ ପ୍ରଥମ ଥର ପାଇଁ ଷ୍ଟାଚ୍ୟୁ ଅଫ୍ ଲିବର୍ଟିର ଡାହାଣ ହାତରେ ଆମେରିକାର ପତାକା ପ୍ରଦର୍ଶିତ କରାଗଲା ।
୧୯୪୩– ସ୍ୱତନ୍ତ୍ରତା ସେନାନି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜର୍ମାନୀରୁ ଟୋକିଓ ଯାତ୍ରା ଆରମ୍ଭ କରିଥିଲେ ।
୧୯୫୬– ୭୨ ବର୍ଷ ପର୍ଯ୍ୟନ୍ତ ନିଜ ନିୟନ୍ତ୍ରଣରେ ରଖିବା ପରେ ବ୍ରିଟେନ୍ ସ୍ୱେଜ୍ ନହରର ନିୟନ୍ତ୍ରଣ ମିଶ୍ରକୁ ହସ୍ତାନ୍ତର କଲା ।
୧୯୬୦– ରାଜକୁମାର ନରୋତ୍ତମ ସିଂହ ଆଲୋକ କମ୍ବୋଡିଆର ରାଷ୍ଟ୍ରପତି ହେଲେ ।
୧୯୯୩– କିମ୍ କ୍ୟାମ୍ପବେଲ୍ କାନାଡାର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ ।
୧୯୯୭– ଦିଲ୍ଲୀର ଉପହାର ହଲ୍‌ରେ ଅଗ୍ନିକାଣ୍ଡ ଘଟି ୫୯ ଲୋକଙ୍କର ମୃତ୍ୟୁ ଘଟିବା ସହ ଶତାଧିକ ଲୋକେ ଆହତ ହୋଇଥିଲେ ।
୨୦୦୫– ୨୦୦୯ ମସିହା ଶେଷଠାରୁ ୨୫ ବର୍ଷ ପର୍ଯ୍ୟନ୍ତ ଭାରତକୁ ପ୍ରାକୃତିକ ତରଳ ଗ୍ୟାସ୍‌ର ରପ୍ତାନି କରିବା ପ୍ରସଙ୍ଗରେ ଇରାନର ସହମତି ।

## ବିନା ଦୋକାନୀରେ ଚାଲିଛି ଦୋକାନ

ବ୍ୟବସାୟ ଏଭଳି ଏକ କ୍ଷେତ୍ର ଯେଉଁଠି ସମସ୍ତ ଚାହାନ୍ତି ନିଜ ଜିନିଷକୁ ସୁରକ୍ଷିତ ରଖିବାକୁ । ତେଣୁ ଦେଖିବେ ସମସ୍ତେ ନିଜ ଦୋକାନ ହେଉ କିମ୍ବା ଅଫିସ୍‌କୁ ଚାବି ପକାଇ ରଖନ୍ତି । ହେଲେ ନାଗାଲାଣ୍ଡ୍‌ର ଏଭଳି ଏକ ଗାଁ ରହିଛି ଯେଉଁଠାରେ ଦୋକାନରେ ଚାବି ପଡୁନଥିବା ସୂଚନା ମିଳିଛି । ଏହି ଗାଁର ନାଁ ରହିଛି ଖୋନୋମା ଗ୍ରାମ, ଯେଉଁଠାରେ ଦୋକାନରେ ଚାବି ପଡିବା ତ ଦୂରର କଥା ଦୋକାନରେ କୋଦାନୀ ମଧ୍ୟ ନଥାଆନ୍ତି । ଜଣେ ବ୍ଲଗର ଏନେଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଏହା ଖୁବ ଅଧିକ ମାତ୍ରାରେ ଭାଇରାଲ ହେବାରେ ଲାଗିଛି । ପ୍ରତିଟି କିଣାବିକା ସେଠାରେ ବିଶ୍ୱାସରେ ହୋଇଥାଏ, ବ୍ୟବସାୟ ବିଶ୍ୱାସରେ ପରିଚାଳିତ ହୋଇଥାଏ । ସେଠାରେ ଆପଣଙ୍କର ଯାହା ଦରକାର ଆପଣ ଦୋକାନରୁ ଆଣିବା ପରେ ସେଠାରେ ଥିବା ବାକ୍ସରେ ପଇସା ପକାଇ ଆସିପାରିବେ । ସେହିଭଳି ଏଠାରେ ଲୋକମାନେ ମଧ୍ୟ ନିଜ ଘର ଚାବି ପକାନ୍ତି ନାହିଁ, ହେଲେ କୌଣସି ଦିନ ଚୋରି ହୋଇଥିବାର ସୂଚନା ନାହିଁ । ତେବେ ଏଠାରେ ଗୋଟିଏ ପ୍ରାଚୀନ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି ଯାହାଙ୍କର ଏହା ହେଉଛି ପରମ୍ପରା ବୋଲି ଏହି ଭିଡିଓରେ ସୂଚନା ଦିଆଯାଇଛି । ସେହିଭଳି ଏଠାର ଲୋକମାନେ ମଧ୍ୟ ଖୁବ ପ୍ରକୃତି ପ୍ରିୟ । ସମସ୍ତେ ଘରେ ନିଜ ବାଡିରେ ଚାଷ କରି ଖାଦ୍ୟ ସଂଗ୍ରହ କରିଥାଆନ୍ତି । ଏହାକୁ ସୋସିଆଲ ମିଡିଆରେ ଗ୍ରୀନ ଭିଲେଜ ବା ସବୁଜ ଗ୍ରାମର ଆଖ୍ୟା ମଧ୍ୟ ଦିଆଯାଇଛି ।








## କିମା ବିରିୟାନୀ

**ସାମଗ୍ରୀ–** ବାସୁମତି ଚାଉଳ, ଦହି, ରସୁଣ ପେଷ୍ଟ, ଗୁଜୁରାତି, ରସୁଣ, ଗୋଟା ଗରମ ମସଲା, ଧନିଆ ପତ୍ର, କିମା ପିସ୍‌ରେ କଟାଯାଇଥିବା ଖାସୀ ମାଂସ, ଅଦା ପେଷ୍ଟ, ଲଙ୍କା ଗୁଣ୍ଡ, ବିରିୟାନୀ ମସଲା ।

**ପ୍ରଣାଳୀ–** ପ୍ରଥମେ ଗୋଟିଏ ପଟେ ପ୍ୟାନ ଗରମ କରିବା ସହିତ ଅନ୍ୟ ଚୁଲାରେ ପାଣି ଗରମ କରନ୍ତୁ । ପ୍ୟାନ୍‌ରେ ତେଲ ପକାଇ ଏଥିରେ ପ୍ରଥମେ ଗୋଟା ଗରମ ମସଲା ପକାଇ ଏଥିରେ ପିଆଜକୁ ଭାଜନ୍ତୁ । ଏହାପରେ ଏଥିରେ ଅଦା ରସୁଣ ପେଷ୍ଟ ପକାଇ କଷନ୍ତୁ । ଏହାପରେ ଏଥିରେ ଗୁଣ୍ଡ ମସଲା ଓ କିମା ମାଂସକୁ ପକାଇ ଭାଜନ୍ତୁ । ଏହାପରେ ଏଥିରେ ଦହି ଓ ଲୁଣ ପକାଇ ଗୋଳାନ୍ତୁ । କିମା ମାଂସରୁ ପାଣି ମରି ଅଧା ସିଝିବା ପର୍ଯ୍ୟନ୍ତ ଏହାକୁ ଭାଜନ୍ତୁ । ଅନ୍ୟ ପାତ୍ରରେ ଗରମ ପାଣିରେ ସମସ୍ତ ଗୋଟା ମସଲା ପକାଇ ଏଥିରେ ଚାଉଳ ପକାଇ ୬୦ ପ୍ରତିଶତ ହେବାପରେ ଭାତକୁ ଛାଣି ନିଅନ୍ତୁ । ଏହାପରେ ପୂର୍ବ ପ୍ରସ୍ତୁତ କିମା ଓ ଭାତକୁ ଲେୟାର କରି ଦେଇ ବିରିୟାନୀ ମସଲା ପକାଇ କିଛି ସମୟ ଦମ୍ ଦେଇ ପ୍ରସ୍ତୁତ କରନ୍ତୁ କିମା ବିରିୟାନୀ ।


## ସେଟ୍‌ରେ ହୋଇଥିଲେ ଅସହଜ

ନବେଦଶକର ଆଗଧାଡିର ନାୟିକା ଭାବେ ରବିନା ଟଣ୍ଡନଙ୍କର ରହିଥିଲା ଭିନ୍ନ କ୍ରେଜ । ସମସ୍ତେ ତାଙ୍କ ଅଭିନୟ ଠାରୁ ଆରମ୍ଭ କରି ଡ୍ୟାନ୍ସ ସବୁର ଦିବାନା ଥିଲେ । ତାଙ୍କ ଫିଲ୍ମ ଆସିଲେ ହଲରେ ଭିଡ ଲାଗି ରହୁଥିଲା । ରବିନାଙ୍କୁ ଟିପ୍‌ଟିପ୍ ବରସା ପାନି ଭଳି ସେନ୍ସୁଆଲ ଗୀତରେ ମଧ୍ୟ ଦେଖିବାକୁ ମିଳିଥିଲା । ହେଲେ ରବିନା ଫିଲ୍ମରେ କିସିଂ ସିନ୍‌କୁ ନେଇ ସହଜ ନଥିଲେ ବୋଲି ନିକଟରେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଫିଲ୍ମରେ ତାଙ୍କୁ ଏଭଳି ସିନ୍ କରିବା ସମୟରେ ଖୁବ ଅସୁବିଧା ହେଉଥିଲା ବୋଲି ସେ ପ୍ରକାଶ କରିଛନ୍ତି । ତେଣୁ ସେ ନୋ କିସିଂ ପଲିସି ରଖିଥିଲେ ବୋଲି ଏଥିରେ ପ୍ରକାଶ କରିଛନ୍ତି । ଏକଦା ସେ ସେଟ୍‌ରେ ଜଣେ କୋ ଷ୍ଟାରଙ୍କ ସହିତ ଏହି ସିନ୍ କରିବା ସମୟରେ ଖୁବ ଅସହଜ ହୋଇଯାଇଥିଲେ । ଏପରିକି ସେ ଘୃଣାରେ ସେଟ୍‌ରେ ବାନ୍ତି ମଧ୍ୟ କରିଥିଲେ । ସୁଟିଂ ସମୟରେ ଭୁଲରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ଯାହା ତାଙ୍କୁ ଅସହଜ କରିଥିଲା । ତେବେ ଏହି ସିନ୍ ପରେ ତାଙ୍କ କୋଷ୍ଟାର ତାଙ୍କୁ କ୍ଷମା ମଧ୍ୟ ମାଗିଥିଲେ ।



## ଗୁମ୍ଫା ମଣିଷ

ସୋସିଆଲ ମିଡିଆରେ ଜଣେ ୩୫ ବର୍ଷୀୟ ଯୁବକ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛନ୍ତି । ତାଙ୍କୁ ସୋସିଆଲ ମିଡିଆରେ ସମସ୍ତେ କେଭ୍ ମ୍ୟାନ ବା ଗୁମ୍ଫା ମଣିଷର ନାଁ ଦେଇଛନ୍ତି । ସୂଚନା ଅନୁସାରେ ଚୀନର ୩୫ ବର୍ଷୀୟ ମିନି ହେଙ୍ଗସାଇ ନିଜର ଘର, ସ୍ତ୍ରୀ ଓ ଚାକିରିକୁ ଛାଡି ଗୁମ୍ଫାରେ ରହୁଛନ୍ତି । ଏହାପୂର୍ବରୁ ସେ ଦିନକୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ କାରଣ ତାଙ୍କ ଉପରେ ପରିବାରର ଅନେକ ଦାୟିତ୍ୱ ରହିଥିଲା । ତେବେ ସହରରେ ତାଙ୍କ ଜୀବନରେ ଶାନ୍ତି ହଜିଯାଇଥିଲା ଏବଂ ତାଙ୍କ ଉପରେ ଅନେକ ଦାୟିତ୍ୱ ରହିଥିଲା । ଯାହା ତାଙ୍କୁ ଖୁବ ବିଚଳିତ କରୁଥିଲା ତେଣୁ ସେ ଏହି ଗୁମ୍ଫା ଜୀବନ ବାଛିଥିବା ପ୍ରକାଶ କରିଛନ୍ତି । ବର୍ତ୍ତମାନ ସେ ମାତ୍ର ୫୦ ସ୍କୋୟାର ଫୁଟର ଏକ ସ୍ଥାନରେ ୬ହଜାର ଡଲାର ଖର୍ଚ୍ଚ କରି ନିଜର ଗୁମ୍ଫାଘର ନିର୍ମାଣ କରିଛନ୍ତି । ସେଠାରେ ସେ ନିଜର ଏକ ବଗିଚା ମଧ୍ୟ କରିଛନ୍ତି, ଯେଉଁଥିରେ ବିଭିନ୍ନ ପନିପରିବା ଉତ୍ପାଦନ ମଧ୍ୟ କରୁଛନ୍ତି । ଏଥିରୁ ସେ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି ।



# କବି ଅନନ୍ତ ପଟ୍ଟନାୟକ ଥିଲେ କ୍ରାନ୍ତିକାରୀ ସାହିତ୍ୟ ସ୍ରଷ୍ଟା




ବାଲିପାଟଣା ,(ସବ୍ୟୁ) :ଓଡିଶା ସାହିତ୍ୟ ଏକାଡେମୀ ଓ ସାହିତ୍ୟ ପତ୍ରିକା ସମୟର ପ୍ରାଚୀଧାରାର ମିଳିତ ଆନୁକୂଲ୍ୟରେ କବି ଅନନ୍ତ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ବାଲିପାଟଣାସ୍ଥିତ ବାଗଦେବୀ ବିଦ୍ୟା ମନ୍ଦିର ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି।ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର କହିଲେ ଅନନ୍ତ ପଟନାୟକ ଥିଲେ ଜଣେ କ୍ରାନ୍ତିକାରୀ ଲେଖକ । ତାଙ୍କ ସାହିତ୍ୟରେ ଗରିବ ଅନ୍ତରର ବେଦନାକୁ ପରିସ୍ଫୁଟନ କରିଛନ୍ତି। ସେ ଥିଲେ ସାମ୍ୟବାଦ ଚେତନା ର ଉପାସକ ଛଡକ୍ଟର ଜ୍ଞାନ ରଞ୍ଜନ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦାନ କରି କହିଲେ କବି ଅନନ୍ତ ପଟ୍ଟନାୟକ ସମାଜର ନିମ୍ନ ସ୍ତରର ଲୋକଙ୍କ ସ୍ୱର ତାଙ୍କ ଲେଖା ମାଧ୍ୟମରେ କହୁଥିଲେ। ଅନ୍ୟତମ ଅତିଥିଭାବେ ଡକ୍ଟର ସୁନିତା ଦାଶ ଯୋଗଦାନ କରି ବକ୍ତବ୍ୟରେ କହିଲେ। ତାଙ୍କ ସାମ୍ୟବାଦ ସାହିତ୍ୟ କୃତି ତାଙ୍କୁ କାଳଜୟୀ କରି ରଖିବ।ଡକ୍ଟର ଭବାନୀ ଶଙ୍କର ଦାଶ ଅନ୍ୟତମ ଅତିଥିଭାବେ ଯୋଗଦାନ କରି ତାଙ୍କ ବକ୍ତବ୍ୟ ରଖିଥିଲେ।ଡକ୍ଟର ମୁରଲୀଧର ସାହୁ ସଭାପତିତ୍ୱ କରିଥିଲେଛ କବି ଅଭିମନ୍ୟୁ ନାୟକ ମଞ୍ଚ ପରିଚାଳନା କରିଥିଲେ। ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ବାଲିପାଟଣା ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ।

## ଶୃଙ୍ଖଳିତ ସ୍ନାନଯାତ୍ରା ପାଇଁ ସେବକଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟ ପ୍ରଶାସକ

ପୁରୀ, (ସବ୍ୟୁ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶୃଙ୍ଖଳିତ ଭାବେ ସ୍ନାନ ଯାତ୍ରା ସଂପାଦନ ପାଇଁ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ସେବକଙ୍କ ସମେତ ସମସ୍ତ ଙ୍କୁ ଧନ୍ୟବାଦ୍ ଦେଇଛନ୍ତି । ମହାପ୍ରଭୁଙ୍କ ଅପାର କରୁଣାରୁ ସ୍ନାନଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଛି । ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ସ୍ନାନବେଦୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରି କୃତାର୍ଥ ହୋଇଛନ୍ତି । ସେବକ ବନ୍ଧୁ ମାନଙ୍କର ଅକୁଣ୍ଠ ସହଯୋଗ ଯୋଗୁଁ ଦେବସ୍ନାନ ପୂର୍ଣ୍ଣିମା ନୀତିକାନ୍ତି ଠିକଣା ସମୟରେ ସମାପନ ହୋଇଛିଛ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ତଥା ପୁଲିସ ପ୍ରଶାସନର କର୍ମଚାରୀ ଏବଂ ଅଧିକାରୀ ମାନେ ସମର୍ପିତ ଭାବେ ଦାୟିତ୍ୱ ସମ୍ପାଦନ କରିଛନ୍ତି । ଏଥିପାଇଁ ସମସ୍ତଙ୍କୁ ଗଭୀର କୃତଜ୍ଞତା ତଥା ସାଧୁବାଦ ଜ୍ଞାପନ କରୁଛି । ଅନ୍ୟାନ୍ୟ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ମଧ୍ୟ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରୁଛିଛ ଆଗାମୀ ଘୋଷଯାତ୍ରା ପାଇଁ ମଧ୍ୟ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିବା ସହ ମହାପ୍ରଭୁଙ୍କ ପାଦପଦ୍ମରେ ପ୍ରଣତି ଜଣାଉଛି ।

## ଓଡ଼ିଶାରେ ବିଜେପି ସରକାରର ୧ବର୍ଷ

# ଓଡ଼ିଶାରେ ଲୋକସେବାର ନୂଆ ପରମ୍ପରା ତିଆରି ହୋଇଛି : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ଜନସେବାରେ ସମର୍ପିତ ବିଜେପି ସରକାର ଶାସନର ୧ ବର୍ଷ ପୂର୍ତ୍ତି ପାଳନ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଦେଶରେ ୧୧ ବର୍ଷ ଧରି ଏକ କଲ୍ୟାଣକାରୀ ସରକାର ଲୋକଙ୍କ ସେବାରେ ଅଛି । ଓଡ଼ିଶାରେ ମଧ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ କଲ୍ୟାଣକାରୀ ଲୋକଙ୍କ ସରକାର କାମ କରୁଛି । ରାଜ୍ୟରେ ବିଜେପି ସରକାରର ସେବା, ସୁଶାସନ ଓ ସଫଳତାର ୧ବର୍ଷ ପୂର୍ତ୍ତି ହୋଇଛି । ବିଗତ ଏକ ବର୍ଷରେ ଆମ ସରକାରଙ୍କ ପ୍ରତିଟି ପଦକ୍ଷେପ ଜନସାଧାରଣଙ୍କ ଜୀବନକୁ ସୁଗମ କରିଛି । ଆମ ସରକାର ଲୋକସେବାର ନୂଆ ପରମ୍ପରା ତିଆରି କରିଛି । ଲୋକମାନଙ୍କ ନିକଟତର ହେବା ସହ ଉତ୍ତରଦାୟୀ ହୋଇଛି ଛ ଓଡ଼ିଶା ସମେତ ଦେଶରେ ଏକ ବିକାଶମୂଳକ ରାଜନୀତି ର ଆରମ୍ଭ ହୋଇଛି – ଯାହାର ମୂଳ ମନ୍ତ୍ର ହେଉଛି ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ । ଆମ ସରକାରଙ୍କ ପ୍ରତିଟି ପଦକ୍ଷେପ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କ ପାଖରେ ପହଞ୍ଚୁଛି । ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରାଯାଉଛି । ପ୍ରତ୍ୟେକ ଗରିବର ଅଧିକାର, କୃଷକଙ୍କୁ ସମ୍ମାନ, ଯୁବକଙ୍କୁ ସୁଯୋଗ ଏବଂ ମହିଳା ସଶକ୍ତିକରଣ ସହ ରାସ୍ତା, ରେଳ, ବିମାନସେବା ଏବଂ ଆନୁଷଙ୍ଗିକ ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି ।



'ସୁଭଦ୍ରା । ଯୋଜନା'ରେ ରାଜ୍ୟର ୧ କୋଟିରୁ ଅଧିକ ମହିଳାଙ୍କୁ ସଶକ୍ତ କରାଯିବା ସହ 'ସମୃଦ୍ଧ କୃଷକ ଯୋଜନା'ରେ ଧାନର କ୍ୱିଣ୍ଟାଲ ପିଛା ଏମଏସପି ମୂଲ୍ୟ ଉପରେ ଅଧିକ ୮୦୦ ଟଙ୍କା ବୃଦ୍ଧି କରାଯାଇଛି । ୨୦୨୪–୨୫ ଖରିଫ ଋତୁରେ ୧୬.୬ ଲକ୍ଷ ଚାଷୀଙ୍କ ଠାରୁ ୭୩.୪୬ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି । ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ, ଜାତୀୟ ଶିକ୍ଷା ନୀତି –୨୦୨୦ର କାର୍ଯ୍ୟକାରିତା, ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି, ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ୧୧.୨୫% ସ୍ଥାନ ସଂରକ୍ଷଣ ଦିଆଯିବା ଭଳି ଅନେକ କଲ୍ୟାଣକାରୀ ପଦକ୍ଷେପ ନିଆଯାଇଛି, ଯାହା ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଓଡ଼ିଶା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚାଉଛି । କେନ୍ଦ୍ର ଓ ରାଜ୍ୟ ମିଳିତ ଭାବରେ ଓଡ଼ିଶାକୁ ନବଉତ୍କର୍ଷକୁ ନେବେ ବୋଲି ସେ ମତପ୍ରକାଶ କରିଛନ୍ତି ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ।

## ଘରୋଇ ଆମ୍ବୁଲାନ୍ସ ଆଉ ମନଇଚ୍ଛା ନେଇ ପାରିବେନି ଭଡ଼ା

# ଲାଗିବ ଲଗାମ, ଜୁଲାଇରେ ଜାରି ହେବ ସଂଶୋଧନ ବିଜ୍ଞପ୍ତି

କଟକ, (ସବ୍ୟୁ): ଘରୋଇ ଆମ୍ବୁଲାନ୍ସ ପାଇଁ ୨୦୨୧ ମସିହାରେ ପରିବହନ ବିଭାଗ ପକ୍ଷରୁ ଯେଉଁ ଭଡ଼ା ସଂକ୍ରାନ୍ତ ବିଜ୍ଞପ୍ତି ଧାର୍ଯ୍ୟ ହୋଇଥିଲା ସେଥିରେ ସଂଶୋଧନ ପାଇଁ ସାନି ବିଜ୍ଞପ୍ତି ଜାରି କରାଯିବ । ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗର ମତାମତ ନିଆଯିବ । ଆସନ୍ତା ଜୁଲାଇ ୧୫ତାରିଖ ଭିତରେ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍ଟିଏ) ଏହି ଭଡ଼ା ସଂକ୍ରାନ୍ତ ନିଷ୍ପତ୍ତି ଗ୍ରହଣ କରିବ । ସେହିପରି ଏସ୍‌ସିବି ସମେତ ବିଭିନ୍ନ ବଡ଼ବଡ଼ ମେଡିକାଲ ନିକଟରେ ରୋଗୀଙ୍କୁ ଆମ୍ବୁଲାନ୍ସ ଭଡ଼ା ସଂକ୍ରାନ୍ତରେ ଅବଗତ ନିମନ୍ତେ ଏକ ହେଲପ୍ ଡେସ୍କ ଖୋଲାଯିବ । ମନମୁଖୀ ଘରୋଇ ଆମ୍ବୁଲନ୍ସ ଭଡ଼ା ଭିଡୁଥିବା ଅଭିଯୋଗ ଆସିବା ପରେ ସେମାନଙ୍କ ଉପରେ ନିୟନ୍ତ୍ରଣ ଲାଗି ପରିବହନ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକାରେ ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ପରିବହନ ସଚିବ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପରିବହନ ବିଭାଗ, ଏସ୍ଟିଏର ବିଭିନ୍ନ ଅଧୁକାରୀ ଉପସ୍ଥିତ ରହିଥିଲେ । ଘରୋଇ ଆମ୍ବୁଲାନ୍ସ ଦ୍ୱାରା ରୋଗୀ ଶୋଷଣ ହେଉଥିଲାବେଳେ ସେମାନଙ୍କ ଉପରେ ଲଗାମ ଲଗାଇବା ଲାଗି ଏହି ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଥିଲାଛ ସେଥିରେ କୁହାଯାଇଛି ଯେ, ୨୦୨୧ ମେ' ୧୭ରେ ପରିବହନ ବିଭାଗ ପକ୍ଷରୁ ଘରୋଇ ଆମ୍ବୁଲାନ୍ସର ଭଡ଼ା ସଂକ୍ରାନ୍ତ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେଥିରେ ସଂଶୋଧନ କରାଯାଇ ସାନି ବିଜ୍ଞପ୍ତି ପ୍ରକାଶ କରାଯିବ । ତେବେ ଏହା ପୂର୍ବରୁ ଏସ୍ଟିଏର ଯେଉଁ ଟେକ୍ନିକାଲ କମିଟି ବୈଠକ ଡାକିବ ସେଥିରେ ଘରୋଇ ଆମ୍ବୁଲାନ୍ସ ଭଡ଼ା ସ୍ଥିର କରିବା ଲାଗି ସ୍ୱାସ୍ଥ୍ୟ ବିଭାଗକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯିବ । ଆସନ୍ତା ଜୁଲାଇ ୧୫ ତାରିଖ ମଧ୍ୟରେ ଏହା ଉପରେ ଏସ୍ଟିଏ ଚୂଡ଼ାନ୍ତ ନିଷ୍ପତ୍ତି ନେବ । କୌଣସି ନୂଆ ଆମ୍ବୁଲାନ୍ସର ପଞ୍ଜୀକରଣ ହେଉ ଅବା ପଞ୍ଜୀକରଣ ନବୀକରଣ କରାଯିବା ପୂର୍ବରୁ ଆରଟିଓମାନେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଉଥିବା ଏନ୍‌ଓସିକୁ ନିଶ୍ଚିନ୍ତ ଭାବରେ ଯାଞ୍ଚ କରିବେ । ପ୍ରତ୍ୟେକ ଆମ୍ବୁଲାନ୍ସରେ ଭେଇକିଲ୍ ଲୋକେସନ୍ ଟ୍ରାକିଙ୍ଗ ସିଷ୍ଟମ୍ ଲଗାଯିବଛ ଏହାକୁ ଏସ୍ଟିଏ ଦ୍ୱାରା ପରିଚାଳନା କରାଯିବ । ଓଡ଼ିଶାରେ ଯେତେ ଘରୋଇ ଆମ୍ବୁଲାନ୍ସ ଚାଲୁଛନ୍ତି ସମସ୍ତଙ୍କୁ ସ୍ୱାସ୍ଥ୍ୟ ବିଭାଗ ପୋର୍ଟାଲରେ ନିଶ୍ଚିତ ଭାବେ ପଞ୍ଜୀକରଣ କରିବାକୁ ପଡ଼ିବ । ଏ ସଂକ୍ରାନ୍ତରେ ଏସ୍ଟିଏ ପକ୍ଷରୁ ଏନ୍‌ଫୋର୍ସମେଣ୍ଟ କରାଯିବ । ଯେଉଁମାନେ ପଞ୍ଜୀକରଣ କରିନଥିବାର ଜଣାପଡ଼ିବ ସେମାନଙ୍କ ଉପରେ ଜରିମାନା ଧାର୍ଯ୍ୟ କରାଯିବ । ଯେଉଁସବୁ ଘରୋଇ ଆମ୍ବୁଲାନ୍ସମାନେ ସମସ୍ତ ନିୟମାବଳୀକୁ ମାନିବେ ସେମାନଙ୍କ କ୍ଷେତ୍ରରେ ଟ୍ୟାକ୍ସ ଛାଡ୍ ପାଇଁ ପଦକ୍ଷେପ ନିଆଯିବ । ସେଥିପାଇଁ ଘରୋଇ ଆମ୍ବୁଲାନ୍ସ ମାଲିକଙ୍କୁ ଉତ୍ସାହିତ କରିବା ଲାଗି ଏସ୍ଟିଏ ପକ୍ଷରୁ ଏକ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବାକୁ କୁହାଯାଇଛି । ଏସ୍‌ସିବି, କ୍ୟାପିଟାଲ ହସ୍ପିଟାଲ, ଏମସ ଆଦି ମେଡିକାଲ ନିକଟରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଆମ୍ବୁଲାନ୍ସ ଭଡ଼ା ସଂକ୍ରାନ୍ତରେ ଜଣାଇବା ଲାଗି ସଚେତନତା କାର୍ଯ୍ୟକ୍ରମମାନ ହାତକୁ ନିଆଯିବ । ଏନେଇ ଏସ୍ଟିଏର ଟ୍ରାଫିକ୍ ଇନ୍ସପେକ୍ଟର ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ସହଯୋଗ କରିବା ଲାଗି କୁହାଯାଇଛି । ବଡ଼ବଡ଼ ମେଡିକାଲ ନିକଟରେ ହେଲପ୍ ଡେସ୍କ ଖୋଲାଯିବ । ସେଠାରେ ଘରୋଇ ଆମ୍ବୁଲନ୍ସଗୁଡ଼ିକ ପ୍ରିପେଡ଼୍ ବ୍ୟବସ୍ଥାରେ ଏବଂ ପୂର୍ବ ନିର୍ଦ୍ଧାରିତ ରେଟ୍ରେ ଭଡ଼ା ନେବା ସଂକ୍ରାନ୍ତରେ ରୋଗୀ ସମ୍ପର୍କୀୟଙ୍କୁ ଅବଗତ କରାଯିବ । ଘରୋଇ ଆମ୍ବୁଲାନ୍ସ ଚଳାଚଳ କ୍ଷେତ୍ରରେ ସମସ୍ତ ସୂଚନା ଜାଣିବା ଲାଗି 'ଓଡ଼ିଶା ଯାତ୍ରୀ' ଆପକୁ ଅଧିକ ବିକଶିତ କରାଯିବ । ଯେଉଁ ଆମ୍ବୁଲାନ୍ସରେ ରୋଗୀ ଯାଉଛନ୍ତି ସେହି ଆମ୍ବୁଲାନ୍ସରେ ମୃତକଙ୍କୁ ନିଆଯାଇ ପାରିବ ନାହିଁ । ଏହାକୁ ପୃଥକୀକରଣ କରାଯାଇ ମୃତକଙ୍କ ପାଇଁ ଅଲଗା ଆମ୍ବୁଲାନ୍ସ ରହିବ ।

# ୨୫ ତମ ବାର୍ଷିକ ନୃତ୍ୟ ପ୍ରତିଭା ଓ ରଜ ପ୍ରତିଭା ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶୀ ନୃତ୍ୟ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ନୃତ୍ୟ



ପ୍ରତିଭା ଦ୍ୱାରା ଆୟୋଜିତ ୨୫ ତମ ବାର୍ଷିକ ନୃତ୍ୟ ପ୍ରତିଭା ଓ ରଜ ପ୍ରତିଭା ଉତ୍ସବ ୨୦୨୫ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅତିଥିମାନଙ୍କ ଦ୍ୱାରା ଭୁବନେଶ୍ୱରର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅବସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ପ୍ରସିଦ୍ଧ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ତିନୋଟି ଶୈଳୀରେ ଏକକ, ଦୈତ୍ୟ ଓ ଦଳଗତ ଓଡ଼ିଶୀ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ପ୍ରତିବର୍ଷ ଏହି ଅନୁଷ୍ଠାନ ଓଡ଼ିଶାର ଏକ ପାରମ୍ପରିକ ଧାର୍ମିକ ଉତ୍ସବ ରଜ ଉତ୍ସବର ଆୟୋଜନ ସହିତ ଓଡ଼ିଆ ଧର୍ମ ସଂସ୍କୃତିକୁ ଗତିଶୀଳ କରିବା ପାଇଁ ତଥା ଯୁବ ପିଢ଼ିଙ୍କୁ ନିଜ ପରମ୍ପରା ସଂସ୍କୃତିକୁ ଗ୍ରହଣ କରିବା ପାଇଁ ଏହି ଉତ୍ସବ ପ୍ରେରଣା ଯୋଗାଇଥାଏ । ଦିନ ଅଧିବେଶନର ଅତିଥିମାନେ ଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଚପଳା ମିଶ୍ର, ପୁଷ୍ପରଞ୍ଜନ ମଙ୍ଗରାଜ, ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ସୋନାଲୀ ମହାପାତ୍ର ଏବଂ ଡ଼ିଷ୍ଟିକ୍ ଆଇ.ଏସ୍.ଓ. ଆରତୀ ବଡ଼ପଣ୍ଡା ଛ ଏହି ଅଧିବେଶନରେ ପ୍ରାୟ ୨୦୦ରୁ ଉର୍ଦ୍ଧ ନୃତ୍ୟଶିଳ୍ପୀ ଅଂଶ ଗ୍ରହଣ କରି ଏକକ, ଦୈତ୍ୟ ଓ ଦଳଗତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ସଧାର ଅତିଥି ଭାବେ ପୂର୍ବତନ ସାଂସଦ ଡ଼କ୍ଟର ପ୍ରସନ୍ନ ପାଟ୍ଟଶାଣୀ, ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍ସ, ସଭାପତି ସମୀର ମହାନ୍ତି, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ନୃତ୍ୟ ପ୍ରତିଭାର ଉପ ସଭାପତି ଶ୍ରୀଯୁକ୍ତ ବଙ୍କିମ ଚନ୍ଦ୍ର ନାୟକ ଓ ନୃତ୍ୟ ପ୍ରତିଭାର ସମ୍ପାଦିକା ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା ।

# ଦୁଡ଼ା ପଞ୍ଚାୟତବାସୀ ପ୍ରଶାସନ ଆଲୋଚନା

ଦଶପଲ୍ଲା ,(ସବ୍ୟୁ) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଦୁଡା ପଞ୍ଚାୟତରେ ଲାଗି ରହିଛି ବହୁବିଧ ସମସ୍ୟା । ୨୦୧୭ ମସିହାରେ ଏହି ନୂତନ ପଂଚାୟତ ଗଠନ କରାଯାଇଥିବା ବେଳେ ଏବେ ବି ଲୋକ ମାନଙ୍କୁ ମିଳୁନି ମୌଳିକ ସୁବିଧା। ରାସ୍ତା,ବିଦ୍ୟୁତ,ପାନୀୟ ଜଳ,ମୋବାଇଲ ଟାୱାର, ଗୋଷ୍ଠି ଅଧିକାର ଆଇନି ଅନୁଯାୟୀ ଜଙ୍ଗଲ ସୁରକ୍ଷା କମିଟି ଗଠନ , ଆଦିବାସୀ ମାନଙ୍କୁ ଜଙ୍ଗଲ ଜମି ଅଧିକାର ପଟା ପ୍ରଦାନ ଆଦି ଦାବି କରାଯାଇଛି । ୧୦ ଦଫା ଦାବି ନେଇ ପଞ୍ଚାୟତ ବାସୀ ଙ୍କ ପକ୍ଷରୁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ତାହା ସଫଳ ହୋଇ ନାହିଁ। ଯାହାକୁ ନେଇ ପଞ୍ଚାୟତ ବାସୀ ଦୁଡା ଜଙ୍ଗଲ ରେ ବନ ନିଗମ ପକ୍ଷରୁ କଟା ଯାଇଥିବା କାଠକୁ ଛାଡି ନଥିବା ବେଳେ ଦାବି ପୂରଣ ପାଇଁ ଅଡ଼ି ବସିଥିଲେ । ଏହାକୁ ଦୃଷ୍ଟିରେ ରଖି ବୁଧବାର ଦିନ ଏଡିଏମ ରୋଜିନା ଦାସ,ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ,ବିଡ଼ିଓ ଭୁବନା ନନ୍ଦ ପଟନାଏକ ଛ ବନନୀଗମ ଡି ଏମ ରୁଦ୍ରାଣି ସାହୁ,ଡିଡିଏମ ଆଦିତ୍ୟ ମିଶ୍ର,ଏସ୍ ଡିଏମ ସୋରେନ ମହାଳିକ ଯାଇ ଦୁଡାରେ ସରପଞ୍ଚ ,ସମିତିସଭ୍ୟ ଓ ପଞ୍ଚାୟତ ବାସୀ ଙ୍କ ସହ ଆଲୋଚନା କରିଥିଲେ । ୭ ଦିନ ମଧ୍ୟରେ ଦୁଡା ପଞ୍ଚାୟତ କୁ ଲକ୍ଷ୍ମୀ ବସ ସେବା, ପଞ୍ଚାୟତ ଗୃହ ସମ୍ପୂର୍ଣ କରି ବ୍ଲକ ପ୍ରଶାସନ କୁ ହସ୍ତାନ୍ତର , କର୍ଣ୍ଣଡ଼ି ରୁ ଗୋଛାବାରି ରାସ୍ତା,ତଲାପାୟୁ–ଭାଳିଆପଦର ରାସ୍ତା,କୁ ମନେରେଗା ଯୋଜନାରେ ରାସ୍ତା ନିର୍ମାଣ ସହ ଧୀରେ ଧୀରେ ସମସ୍ତ ଦାବି ପୂରଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା । ମାତ୍ର ଦାବି ପୂରଣ ନ ହେବା ଯାଏ ଜଙ୍ଗଲ ରୁ କାଠ ଛଡ଼ାଯିବ ନାହିଁ ବୋଲି ପଞ୍ଚାୟତ ବାସୀ ପ୍ରକାଶ କରିଥିଲେ । ପରେ ବର୍ଷା ହେବାରୁ ଆଲୋଚନା ସ୍ଥଗିତ ରହିଥିଲା । ମାତ୍ର ଦାବି ପୂରଣ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ପଞ୍ଚାୟତ ବାସୀ ପ୍ରକାଶ କରିଛନ୍ତି । ମାତ୍ର ପଞ୍ଚାାୟତ ବାସୀ ଙ୍କ ଦାବି କେବେ ପୁରଣ ହେଉଛି ଏବଂ ପଞ୍ଚାୟତ ବାସୀ କେବେ ଜଙ୍ଗଲ ରେ ପଡିଥିବା ବନ ନିଗମ କାଠ ଛାଡୁଛନ୍ତି ତାହା ଦେଖଗିବାକୁ ବାକି ରହିଛ।

# ଜ୍ୱରରେ ପୀଡିତ ଶ୍ରୀଜିଉ ଶ୍ରୀମନ୍ଦିରରେ ଅଣସର ନୀତି ଆରମ୍ଭ, ପୂଜା ପାଉଛନ୍ତି ପଟିଦିଅଁ

ପୁରୀ, (ସବ୍ୟୁ): ଜ୍ୱରରେ ପୀଡିତ ମହାବାହୁ । କଷ୍ଟ ଲାଘବ ପାଇଁ ସେବାୟତଙ୍କ ଦ୍ୱାରା ଚାଲିଛି ଗୁପ୍ତସେବା । ଅଣସରର ଗୁପ୍ତନୀତି ଆରମ୍ଭ । ସ୍ନାନବେଦିରେ ୧୦୮ ଗରା ଜଳ ସ୍ନାନ କରିବା ପରେ ଜ୍ୱରରେ ପୀଡିତ ମହାପ୍ରଭୁ ଅଣସର ପିଣ୍ଡିରେ ରହିଛନ୍ତି । ମହାପ୍ରଭୁଙ୍କ ପ୍ରତିବଦଳରେ ପଟିଦିଅଁ ପୂଜା ପାଉଛନ୍ତି । ସ୍ନାନଯାତ୍ରାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ ପରେ ଜ୍ୱରରେ ପୀଡ଼ିତ ଦାରୁ ଦିଅଁ । ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ଅଣସର ନୀତି । ଜ୍ୱରରେ ଆକ୍ରାନ୍ତ ଦାରୁଦିଅଁଙ୍କ ପାରମ୍ପାରିକ ଉପଚାର ଆରମ୍ଭ କରିଛନ୍ତି ଦଇତାପତି ସେବକ । ସେପଟେ ମହାପ୍ରଭୁଙ୍କ ସ୍ଥାନରେ ପୂଜା ପାଇଛନ୍ତି ପଟି ଦିଅଁ । ଅଣସର ୧୫ ଦିନ ଶ୍ରୀବିଗ୍ରହଙ୍କ ବଦଳରେ ପଟି ଦିଅଁ ଶ୍ରୀମନ୍ଦିରରେ ପୂଜା ପାଇବେ ।

ମନୁଷ୍ୟ ଯେଭଳି ଅତ୍ୟଧିକ ସ୍ନାନ କଲେ ଜ୍ୱରରେ ଆକ୍ରାନ୍ତ ହୋଇଥାଏ ମହାପ୍ରଭୁ ମଧ ସ୍ନାନଯାତ୍ରା ପରେ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି । ଜ୍ୱର ଆକ୍ରାନ୍ତ ଦାରୁ ଦିଅଁଙ୍କ ଉପଚାର ପାଇଁ ଅଣସର ପିଣ୍ଡିରେ ଠାକୁରଙ୍କୁ ଅବସ୍ଥାନ କରାଯାଇଛି । ମହାପ୍ରଭୁ ଦଇତା ପତି ସେବକମାନେ ଏହି ଉପଚାର ଆରମ୍ଭ କରିଛନ୍ତି । ମହାପ୍ରଭୁଙ୍କ ଏହି ଉପଚାର ବିଧି ୧୫ ଦିନ ଧରି ଚାଲିବ । ଏହାକୁ ମହାପ୍ରଭୁଙ୍କ ଅଣସର ନୀତି କୁହାଯାଏ । ସେପଟେ ରତ୍ନ ସିଂହାସନରେ ମହାପ୍ରଭୁଙ୍କ ଅନୁପସ୍ଥିତିରେ ମହାପ୍ରଭୁ ଚଳନ୍ତି ପ୍ରତିମା ସହ ପଟିଦିଅଁ ପୂଜା ପାଆନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ପ୍ରଭୁ ଅନନ୍ତ ନାରାୟଣ, ପ୍ରଭୁ ବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଓ ଦେୀ ସୁଭଦ୍ରାଙ୍କ ସ୍ଥାନରେ ଦେୀ ଭୁବନେଶ୍ୱରୀଙ୍କୁ ପୂଜା କରାଯାଏ । 'ଏହି ଅଣସର ୧୫ ଦିନ ଶ୍ରୀବିଗ୍ରହଙ୍କ ବଦଳରେ ପଟି ଦିଅଁ ଶ୍ରୀମନ୍ଦିରରେ ପୂଜା ପାଇବେ । ଶ୍ରୀମନ୍ଦିରରେ ଯେଭଳି ଦୈନିକ ନୀତିକାନ୍ତି ହୋଇଥାଏ ସେହି ନୀତି ପଟି ଦିଅଁଙ୍କ ଠାରେ ହୋଇଥାଏ । ଅଣସରର ପ୍ରଥମ ଦିନରେ ଦଇତା ପତି ସେବକମାନେ ଅସୁସ୍ଥ ମହାପ୍ରଭୁଙ୍କ ଉପଚାର ଓ ସ୍ୱତନ୍ତ୍ର ଗୁପ୍ତ ପୂଜା ବିଧି ଆରମ୍ଭ କରିଛନ୍ତି । ମହାପ୍ରଭୁଙ୍କୁ ଅଣସର ପିଣ୍ଡିରେ ବିଜେ କରାଯିବା ମହାପ୍ରଭୁଙ୍କ ସୁବର୍ଣ୍ଣ ଚିତା, ରାହୁ ରେଖା ଉଲାଗି ହୋଇଛି । ଦଇତା ପତି ସେବକମାନେ ଅଣସର ଘରେ ପ୍ରବେଶ କରି ମହାପ୍ରଭୁ ଗୁପ୍ତ ଉପଚାର ଓ ପୂଜା ବିଧି ଆରମ୍ଭ କରିଛନ୍ତି ।

## ଶ୍ରୀମନ୍ଦିରର ଆକର୍ଷଣୀୟ ଆଲୋକୀକରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ

# ଏଏସ୍ଆଇର ବୈଷୟିକ ସହାୟତାରେ ପ୍ରସ୍ତୁତ ହେବ ଡିପିଆର୍

ପୁରୀ, (ସବ୍ୟୁ): ଶ୍ରୀମନ୍ଦିର ଓ ବେଢାରେ ଥିବା ପାର୍ଶ୍ୱ ମନ୍ଦିର ଗୁଡିକର ସୁନ୍ଦର ଭାବେ ଆଲୋକୀକରଣ ସକାଶେ ଏଏସଆଇ (ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ) ସହାୟତାରେ ପଦକ୍ଷେପ ନିଆଯିବ । ଏନେଇ ଏକ ଗୁରୁତ୍ୱପୂର୍ଣ ବୈଠକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଯନ୍ତ୍ରୀମାନେ, ଏଏସ୍‌ଆଇ ପୁରୀ ସର୍କଲ୍ କର୍ତ୍ତୃପକ୍ଷ ଏବଂ ଏହାର ଦିଲ୍ଲୀସ୍ଥିତ ସ୍ୱୀକୃତିପ୍ରାପ୍ତ ପରାମର୍ଶ ଅନୁଷ୍ଠାନର ପ୍ରତିନିଧି, ଶିଳ୍ପୀ ଭରଦ୍ୱାଜ ଉପସ୍ଥିତ ଥିଲେ । ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଐତିହ୍ୟ ପ୍ରକଳ୍ପ ସକାଶେ କରାଯାଇଥିବା ଆଲୋକୀକରଣ କାର୍ଯ୍ୟ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା ଛ ସେହିପରି ପ୍ରସ୍ତାବିତ ଆଲୋକୀକରଣ ସକାଶେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ କେତେକ ନିର୍ଦ୍ଦେଶ ପରାମର୍ଶ ଦିଆଯାଇଥିଲା । ଏଏସ୍‌ଆଇର ବୈଷୟିକ ପରାମର୍ଶ ଏବଂ ମାର୍ଗଦର୍ଶନରେ ବିସ୍ତୃତ ରୂପରେଖ ପ୍ରସ୍ତୁତି କରି ପରବର୍ତ୍ତୀ ସମୟରେ ଅନୁମୋଦନ ପାଇଁ ଉପସ୍ଥାପନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା । ଏନେଇ ଆବଶ୍ୟକୀୟ ଅନୁମତି ଗ୍ରହଣ କରାଯିବା ପରେ କାର୍ଯ୍ୟ ରୂପାୟନ ସକାଶେ ସ୍ଥିର ହୋଇଛି ।

# ଆପଣେଇଲାନି ମା, ଲାଳନପାଳନ କେନ୍ଦ୍ରକୁ ଆସିଲା ଛୁଆ

ବାରଙ୍ଗ ,(ସବ୍ୟୁ) : ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବାଘୁଣୀ ମୌସୁମି ସବାକ ଜନ୍ମ ଦେବାର ୪ଦିନ ନପୁରୁଣୁ ତା ଛୁଆକୁ ଆପଣେଇଲାନି ।ଯାହାଫଳରେ ଛୁଆଙ୍କ ଜୀବନ ବଞ୍ଚାଇବାକୁ ଯାଇ ବୁଧବାର ମାଆଠାରୁ ଛୁଆ କୁ ଅଲଗା କରାଯାଇ ଲାଳନ ପାଳନକେନ୍ଦ୍ରକୁ ଅଣାଯାଇଛି। ସୂଚନା ଯୋଗ୍ୟ ଯେ ,ଗତ ୭ତାରିଖରେ ଧଳା ବାଘୁଣୀ ମୌସୁମି ଗୋଟିଏ ଧଳା ରଙ୍ଗର ଅଣ୍ଡିରା ଏବଂ ଗୋଟିଏ ସାଧାରଣ ରଙ୍ଗର ମାଈ ଛୁଆକୁ ଜନ୍ମ ଦେଇଥିଲା। ମା' ପ୍ରଥମେ ଛୁଆମାନଙ୍କୁ ଗ୍ରହଣ କରିବା ସହ ପାଖରେ ରଖିଥିଲା।କିନ୍ତୁ ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏ ସୁଦ୍ଧା ଧଳା ଅଣ୍ଡିରା ଛୁଆଟିକୁ ଗ୍ରହଣ ନକରିବା ସହ ସ୍ତନ୍ୟପାନ କରାଇନଥିଲା।ଫଳରେ ଛୁଆ ଦୁଇଟିକୁ ବଞ୍ଚାଇ ରଖିବା ପାଇଁ ମା ଠାରୁ ଅଲଗା କରାଯାଇଥିଲା। ରାତି ୭ଟାରେ ଛୁଆ ଦୁଇଟିକୁ ଚିଡ଼ିଆଖାନାର ଲାଳନପାଳନ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇ ଥିଲା।ଅଣ୍ଡିରା ଧଳା ଛୁଆଟିର ଓଜନ ୬୫୦ ଗ୍ରାମ,ସାଧାରଣ ରଙ୍ଗର ମାଈ ଶାବକଟିର ଓଜନ ୮୧୦ ଗ୍ରାମ ରହିଛି।ଅଣ୍ଡିରା ଛୁଆଟିର ଶରୀର ତାପମାତ୍ରା ସଠିକ୍ ରଖିବା ପାଇଁ ତାକୁ ଇନକ୍ୟୁବେଟରରେ ରଖାଯାଇଛି। ଅନ୍ୟପଟେ ସାଧାରଣ ରଙ୍ଗର ମାଈ ଶାବକଟି ବୋତଲ ମାଧ୍ୟମରେ ଭଲ ଭାବରେ ଖାଦ୍ୟ ଖାଉଛି ବୋଲି ଉପ ନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।



ବେଦାନ୍ତ ଆଲୁମିନିୟମ ବେଦାନ୍ତ ଗ୍ରୁପର

# ପ୍ରଥମ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଇନ୍ ଟିମ୍‌କୁ ନିୟୋଜିତ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାରେ କମ୍ପାନୀର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲ୍ଟରରେ ବେଦାନ୍ତ ଗ୍ରୁପର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଇନ୍ ଦଳକୁ ନିୟୋଜିତ କରିବାର ଘୋଷଣା କରି ଉତ୍ପାଦନ ଏବଂ ଶିଳ୍ପ କ୍ଷେତ୍ରରେ ଅନ୍ତର୍ଭୁକ୍ତି ଏବଂ ଲିଙ୍ଗ ବିବିଧତା ବୃଦ୍ଧି କରିବା ଦିଗରେ ଏକ ଅଗ୍ରଣୀ ପଦକ୍ଷେପ ଗ୍ରହଣ କରିଛି । ଏହି ଐତିହାସିକ ପଦକ୍ଷେପ ମହିଳା ବୃତିଗତମାନଙ୍କୁ ପ୍ଲାଂଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲଜିଷ୍ଟିକାଲ୍ କାର୍ଯ୍ୟଗୁଡ଼ିକ ମଧ୍ୟରୁ ଗୋଟିଏର ନେତୃତ୍ୱ ନେଇଛି, ଅର୍ଥାତ୍, ଏକ ଉତ୍ସର୍ଗୀକୃତ ଲୋକୋମୋଟିଭ୍ ଇନ୍ ଏବଂ ରେକ୍ ମାଧ୍ୟମରେ କଂଚାମାଲର ଆଭ୍ୟନ୍ତରୀଣ ପରିବହନ। ନୂତନ ଭାବରେ ନିୟୋଜିତ ହୋଇଥିବା ଦଳ – ଚାରି ଜଣ ଲୋକୋ ଡ୍ରାଇଭର (ସିଫ୍ଟରେ କାର୍ଯ୍ୟ କରୁଥିବା), ଜଣେ ଗେଟ ଓମେନ୍ ଏବଂ ଦୁଇଜଣ ସହାୟକ କର୍ମଚାରୀ – ଏହି ଅତ୍ୟାବଶ୍ୟକ ସମ୍ପତ୍ତିର ଦକ୍ଷ ଏବଂ ସୁରକ୍ଷିତ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଦାଇତ୍ୱରେ ରହିବେ । ଏହି ନିୟୋଜନ ଏକ ବିବିଧ, ସମାନ ଏବଂ ଅନ୍ତର୍ଭୁକ୍ତ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ବେଦାନ୍ତ ଆଲୁମିନିୟମର ଦୃଢ଼ ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରେ । ଏହା ଝାରସୁଗୁଡ଼ାରେ ଶିଳ୍ପ–ପ୍ରଥମ ପଦକ୍ଷେପର ଏକ ଶୃଙ୍ଖଳାକୁ ଅନୁସରଣ କରେ, ଯେଉଁଥିରେ 'ଶ୍ରୀ ଶକ୍ତି'ର




ଶୁଭାରମ୍ଭ ଅନ୍ତର୍ଭୁକ୍ତ , ଯାହା ମାଧ୍ୟମରେ ୧୦୮ ଜଣ ମହିଳା ରାତ୍ରି ଶିଫ୍ଟରେ ପ୍ରମୁଖ କାର୍ଯ୍ୟକ୍ଷମ ଭୂମିକା ଗ୍ରହଣ କରିଛନ୍ତି, ଯାହା ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ପ୍ରଥମ ପଦକ୍ଷେପ। ଏହା ସହିତ, ବେଦାନ୍ତ ନିକଟରେ ଏଠାରେ ଭାରତୀୟ ଆଲୁମିନିୟମ ଶିଳ୍ପର ପ୍ରଥମ ସମ୍ପୂର୍ଣ୍ଣ ମହିଳା ପରିଚାଳିତ ପୋଟଲାଇନ୍ ଉଦଘାଟନ କରିଛି । ଆଲୁମିନିୟମ ଉତ୍ପାଦନ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଏହି ପୋଟଲାଇନ୍ ତିନୋଟି ପର୍ଯ୍ୟାୟରେ କାର୍ଯ୍ୟକ୍ଷମ ହେବ, ଯେଉଁଥିରେ ୧୦୦ ରୁ ଅଧିକ ମହିଳା କର୍ମଚାରୀଙ୍କୁ ଆଭ୍ୟନ୍ତରୀଣ ଚାକିରି ପୋଷ୍ଟିଂ ମାଧ୍ୟମରେ ଚୟନ କରାଯିବ ଏବଂ ବିଶେଷଜ୍ଞ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଦକ୍ଷତା ବୃଦ୍ଧି କରାଯିବ । ଏହି ବିଷୟରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁଛୁ ଯେ ପ୍ରକୃତ ପ୍ରଗତି ସମାନ ସୁଯୋଗରୁ ଆସିଥାଏ ଯେଉଁଠାରେ ସମସ୍ତଙ୍କୁ ଯୋଗଦାନ, ବିକାଶ ଏବଂ ନେତୃତ୍ୱ ନେବାର ସୁଯୋଗ ମିଳିଥାଏ । ଅନ୍ତର୍ଭୁକ୍ତି ଆମ ପାଇଁ କେବଳ ଏକ ମୂଳ ମୂଲ୍ୟ ନୁହେଁ, ଏହା ନବସୃଜନ, ସ୍ଥିରତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ଏକ ଉତ୍ପ୍ରେରକ ଅଟେ । ପାରମ୍ପାରିକ ଭାବରେ ପୁରୁଷ–ପ୍ରଧାନ ଭୂମିକାରେ ମହିଳାମାନଙ୍କର ବୃଦ୍ଧି ପାଉଥିବା ଅଂଶଗ୍ରହଣ ଭାରତୀୟ ଉତ୍ପାଦନର ଗଠନକୁ ପରିବର୍ତ୍ତନ କରୁଛି। ଆମର ସମସ୍ତ ମହିଳା ଲୋକୋମୋଟିଭ୍ ଦଳର ନିୟୋଜନ ଷ୍ଟିରୁଟିଓଟାଇପ୍ ଭାଙ୍ଗିବା ଏବଂ ଶିଳ୍ପ କାର୍ଯ୍ୟରେ ମହିଳାମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ପଥ ସୃଷ୍ଟି କରିବା ପାଇଁ ଆମର ଯାତ୍ରାରେ ଆଉ ଏକ ମାଇଲଖୁଂଟ ଚିହ୍ନିତ କରୁଛି। ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା ତାଙ୍କ ମତାମତ ଦେଇ କହିଛନ୍ତି, 'ବେଦାନ୍ତ ଆଲୁମିନିୟମରେ, ଆମେ ଜାଣିଶୁଣି ଆମର ସମସ୍ତ ଭୂମିକାକୁ ଲିଙ୍ଗ ବିରୋଧୀ ଭାବରେ ଡିଜାଇନ୍ କରିଛୁ, ଯାହା ଧାତୁ, ଖଣି ଏବଂ ଉତ୍ପାଦନ ଶିଳ୍ପ ମଧ୍ୟରେ ମୁଖ୍ୟ କାର୍ଯ୍ୟରେ କ୍ୟାରିୟର ଅନୁସନ୍ଧାନ କରିବାକୁ ଆଗ୍ରହୀ ମହିଳାମାନଙ୍କ ପାଇଁ ସମ୍ପୂର୍ଣ୍ଣ ସୁଯୋଗ ଖୋଲି ଦେଇଛି।

## ଷ୍ଟିୟରିଂ ଛାଡ ଆନ୍ଦୋଳନକୁ ଅଲ୍ ଓଡ଼ିଶା ମିନିଟ୍ରକ୍ ମାଲିକ ସଂଘର ସମର୍ଥନ

ଭୁବନେଶ୍ୱର, (ସବ୍ୟୁ): ଓଡିଶା ଟ୍ରକ ମାଲିକ ସଘ ଅଫିସରେ ଏକ ସମନ୍ୱୟ କମିଟି ବୈଠକ ହୋଇଥିଲା । ଏଥିରେ ରାଜ୍ୟ ଘରୋଇ ବସ ମାଲିକ ସଘ, ଓଡିଶା ଟ୍ରକ ମାଲିକ ସଘ, ଓଡିଶା ଟ୍ରକ ମାଲିକ ଫେଡେରେସନ, କଟକ ବସ ମାଲିକ ସଘ, ଓଡିଶା ଡ୍ରାଇଭର ମହାସଂଘ ଏବଂ ଅଲ ଓଡିଶା ମିନିଟ୍ରକ ମାଲିକ ମହାସଂଘର ମିଳିତ ବୈଠକ ହୋଇଥିଲା । ଯାହାକି ଓଡିଶା ଇତିହାସରେ ପ୍ରଥମ ଥର ଏତେ ସଂଗଠନ ଏକାଠି ହବା ବୋଲି କୁହା ଯାଉଛି ଏବଂ ଓଡିଶା ପରିବହନ ମାଲିକ ଏବଂ ଡ୍ରାଇଭର ସମନ୍ୱୟ କମିଟି ନାମରେ ଏହାକୁ ନାମିତ କରାଗଲା । ଏବଂ ପରିବହନରେ ଯେ କୌଣସି ଅସୁବିଧା ହଉ ନା କହିକି ସାମୁହିକ ସମାଧାନ କରିବା ପାଇଁ ନିଷ୍ପତି ନିଆ ଗଲା ।

## ରେଳବାଇ ଏନଟିପିସି ପରୀକ୍ଷା କେନ୍ଦ୍ରରେ ଅବ୍ୟବସ୍ଥା

# ମୋବାଇଲ, ବ୍ୟାଗ ରଖିବାକୁ ଟଙ୍କା ମଗାଯାଇଥିବା ଅଭିଯୋଗ

କଟକ,(ସବ୍ୟୁ):ମୋବାଇଲ କି ବ୍ୟାଗ ରଖିବାକୁ ୧୦ ଟଙ୍କା ତ ଆଧାର କାର୍ଡ ପ୍ରିଣ୍ଟ କରିବାକୁ ୫୦ ଟଙ୍କା । ଜେରକ୍ସ କଲେ ୨୦ ଟଙ୍କା । ଏଭଳି ଭାବରେ ନିଯୁକ୍ତି ପରୀକ୍ଷା ଦେଉଥିବା ଆଶାୟୀଙ୍କ ଠାରୁ ଟଙ୍କା ଆଦାୟ କରାଯାଉଛି । ଯଦି କୌଣସି ପରୀକ୍ଷାର୍ଥୀ ଭୁଲ ବଶତଃ ସୁନା କିମ୍ବା ରୂପାର କୌଣସି ଅଳଙ୍କାର ପିନ୍ଧି ଯାଇଛନ୍ତି, ସେମାନଙ୍କୁ ଚୋରିର ଭୟ ଦେଖାଯାଉଛି । ଗୁରୁବାର ରେଳବାଇ ନିଯୁକ୍ତି ପରୀକ୍ଷା ପାଇଁ କଟକର ଏକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ କିଛି ପରୀକ୍ଷାର୍ଥୀ ରେଳବାଇ ନିଯୁକ୍ତି ବୋର୍ଡ (ଆରଆରବି) କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି । ବୋର୍ଡ ପକ୍ଷରୁ କରାଯାଇଥିବା ଏହି କେନ୍ଦ୍ରର କର୍ତ୍ତୃପକ୍ଷ ପରୀକ୍ଷାର୍ଥୀଙ୍କୁ ଆର୍ଥିକ ଶୋଷଣ କରୁଥିବା ଅଭିଯୋଗ ହୋଇଛି ।

ଅଭିଯୋଗ ମୁତାବକ, ଆରଆରବି ପକ୍ଷରୁ ବିଭିନ୍ନ ଅଣ ବୈଷୟିକ ପଦ (ଏନଟିପିସି)ନିଯୁକ୍ତି ନିମନ୍ତେ ଗୁରୁବାର ୩ଟି ସିଫ୍ଟରେ ପରୀକ୍ଷା କରାଯାଇଥିଲା । ପୂର୍ବାହ୍ନ ୯ଟା ରୁ ୧୦ଟା ୩୦ ମିନିଟ, ୧୨ଟା ୪୫ ମିନିଟରୁ ଅପରାହ୍ନ ୨ଟା ୧୫ ମି ଏବଂ ୪ଟା ୩୦ମିନିଟ୍‌ରୁ ୬ଟା ପର୍ଯ୍ୟନ୍ତ ଆଶାୟୀମାନେ ପରୀକ୍ଷା ଦେଇଥିଲେ । ତେବେ ବହୁ ଆଶାୟୀଙ୍କ ପରୀକ୍ଷା କେନ୍ଦ୍ର କଟକରେ ରହିଥିବାବେଳେ ସେମାନଙ୍କ ଠାରୁ ପରୀକ୍ଷା କେନ୍ଦ୍ରର ଦୂରତା ଅଧିକ ରହିଥିଲା । ଏହାର ସୁଯୋଗ ନେଇ ତେଲେଙ୍ଗାପେଣ୍ଠସ୍ଥିତ ଏକ ପରୀକ୍ଷା କେନ୍ଦ୍ରରେ କର୍ତ୍ତୃପକ୍ଷ ପରୀକ୍ଷାର୍ଥୀଙ୍କ ସାମଗ୍ରୀ ରଖିବାକୁ ଟଙ୍କା ମାଗୁଥିବା ଦେଖିବାକୁ ମିଳିଥିଲା । ପ୍ରଥମ ସିଫ୍ଟରେ ପରୀକ୍ଷା ନିମନ୍ତେ ତେଲେଙ୍ଗାପେଣ୍ଠ ରାମଦେବ ମନ୍ଦିର ନିକଟରେ ଥିବା କେନ୍ଦ୍ରରେ ୭ଟା ୩୦ ମିନିଟରୁ ପରୀକ୍ଷାର୍ଥୀ ପ୍ରବେଶ କରିଥିଲେ । ବହୁ ଦୂରରୁ ପରୀକ୍ଷାର୍ଥୀ ଆସିଥିବାବେଳେ ସେମାନେ ମୋବାଇଲ ଏବଂ ବ୍ୟାଗ ଆଦି ଆଣିଥିଲେ । ପରୀକ୍ଷା ହଲ ଭିତରକୁ ଏହି ସବୁ ସାମଗ୍ରୀ ନେବାରେ କଟକଣା ରହିଥାଏ। ତେଣୁ ସରକାରୀ ନିଯୁକ୍ତି ପରୀକ୍ଷା କରୁଥିବା ସଂସ୍ଥା ଦ୍ୱାରା ସବୁ କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କ ସାମଗ୍ରୀ ରଖିବା ନିମନ୍ତେ ବ୍ୟବସ୍ଥା ଥାଏ, ନଚେତ ସେମାନଙ୍କୁ ନିଜ ହେପାଜତ୍ରେ ରଖିବାକୁ କୁହାଯାଇଥାଏ କିନ୍ତୁ ତେଲେଙ୍ଗାପେଣ୍ଠର ଉକ୍ତ ପରୀକ୍ଷା କେନ୍ଦ୍ରରେ ବଡ଼ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ନିଯୁକ୍ତି ପରୀକ୍ଷା ଦେବାକୁ ଯାଇ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କୁ ହଇରାଣ ହେବାକୁ ପଡ଼ିଛି । କୌଣସି ପରୀକ୍ଷାରେ ବ୍ୟାଗ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ରଖିବାକୁ ଛାତ୍ରଛାତ୍ରୀଙ୍କ ନିମନ୍ତେ ବ୍ୟବସ୍ଥା ନଥିବାବେଳେ ଏହି କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କୁ ଟଙ୍କା ମଗାଯାଇଥିବା ଅଭିଯୋଗ ହୋଇଛି । କିଛି ପରୀକ୍ଷାର୍ଥୀ ଏନେଇ ସମ୍ପୃକ୍ତ କେନ୍ଦ୍ରର ପରିଚାଳନା ଦାୟିତ୍ୱରେ ଥିବା ଆରଆରବିର ଅଧିକାରୀଙ୍କୁ ଜଣାଇଥିଲେ ।

## ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ

# ମଧ୍ୟପ୍ରାଚ୍ୟ ଦେଶ ସହିତ ଓଡିଶାର ସମ୍ପର୍କ ସୁଦୃଢ଼ ହେବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ କରିଛି । ଏହାସହ ଭୁବନେଶ୍ୱରରୁ ବିଶାଖାପାଟଣାକୁ ମଧ ବିମାନ ସେବା ଆରମ୍ଭ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେତେକ ଯାତ୍ରୀଙ୍କୁ ବୋର୍ଡିଙ୍ଗ୍ ପାସ୍ ପ୍ରଦାନ କରିଥିଲେ । ସପ୍ତାହରେ ପ୍ରତ୍ୟେକ ମଙ୍ଗଳବାର, ଗୁରୁବାର ଓ ଶନିବାର ଏହି ବିମାନ ସେବା ଉପଲବ୍ଧ ହେବ ।

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଏହି ବିମାନ ଚଳାଚଳର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ଏହି ବିମାନ ସେବା ଇଣ୍ଡିଗୋ ଏୟାର ଲାଇନ୍ସ ଜରିଆରେ ଆରମ୍ଭ କରାଯାଇଛି । ଏହା ସିଧାସଳଖ ଆବୁଧାବିକୁ ଯାତ୍ରା କରିବ । ଏହି ବିମାନରେ ୧୮୦ ଜଣ ଯାତ୍ରୀ ଏଥିରେ ଯାତ୍ରା କରିପାରିବେ । ଭୁବନେଶ୍ୱରରୁ ମାତ୍ର ୪ ଘଣ୍ଟା ମଧ୍ୟରେ ଯାତ୍ରୀମାନେ ଆବୁଧାବିରେ ପହଞ୍ଚିବେ । ଏହି ବିମାନ ଚଳାଚଳ ହେବା ଦ୍ୱାରା ଓଡିଶାରୁ ଆବୁଧାବି ଯାଉଥିବା ଯାତ୍ରୀମାନେ, ଉଭୟ ସମୟ ଓ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ ।

ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାରଙ୍କ ସମର୍ଥନରେ ରାଜ୍ୟ ସରକାରଙ୍କ ନିୟୁ ଡେଷ୍ଟିନେସନ ପଲିସି ଅଧିନରେ ଏହି ସେବା ଆରମ୍ଭ କରାଯାଇଛ । ଏହା ଦ୍ୱାରା ମଧ ପ୍ରାଚ୍ୟ ଦେଶଗୁଡିକ ସହିତ ଓଡିଶାର ଯୋଗାଯୋଗ ଆହୁରି ବ୍ୟାପକ ହେବ । ବାଣିଜ୍ୟ, ପର୍ଯ୍ୟଟନ, ପୁଞ୍ଜିନିବେଶ ଓ ସାଂସ୍କୃତିକ ବିନିମୟ କ୍ଷେତ୍ରରେ ମଧ ଆମର ସମ୍ପର୍କ ଆହୁରି ସୁଦୃଢ ହେବ । ଏହି ବିମାନର କାର୍ଗୋ ସେବାରେ ଆଜି ବିଭିନ୍ନ ପନିପରିବା ସହିତ ୫୦ ଟନ ଆମ୍ରପଲ୍ଲୀ ଆମ୍ବ ରପ୍ତାନୀ କରାଯାଇଛି ।

ଆମ ସରକାର ସଡକ ପଥ ଓ ରେଳ ପଥ ସହିତ ଆକାଶ ପଥରେ ମଧ ଯୋଗାଯୋଗ ପାଇଁ ପଦକ୍ଷେପ ନେଇଛନ୍ତି । ଓଡଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଯୋଡିବା ପାଇଁ ଉଦ୍ୟମ ଜାରି ରହିଛି । ଭୁବନେଶ୍ୱରରୁ ଡେରାଡୁନ, ଗାଜିଆବାଦ, ଗୋଆ, ଇନ୍ଦୋର, କୋଚି, ଲକ୍ଷ୍ନୌ ଓ ପୋର୍ଟବ୍ଲେୟାରକୁ ବିମାନ ସେବା ଆରମ୍ଭ ହୋଇଥିବା ବେଳେ, ଝାରସୁଗୁଡାରୁ ହାଇଦ୍ରାବାଦ, ଲକ୍ଷ୍ନୌ, ମୁମ୍ବାଇ ଓ ରାୟପୁରକୁ ମଧ ବିମାନ ସଂଯୋଗ କରାଯାଇଛି ।

### ଗୋଟିଏ ମାସରେ ୫୦ ଗିରଫ

# ୨୦୦ ଜବତ ମୋବାଇଲ ଫେରସ୍ତ ମେଳା

ଭୁବନେଶ୍ୱର, (ସବ୍ୟୁ) : ଗୋଟିଏ ମାସରେ ଭୁବନେଶ୍ୱର ପୋଲିସ ୫୦ଜଣ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୦୦ ମୋବାଇଲ ଜବତ ହୋଇଥିଲା । ଯାହାର ମୂଲ୍ୟ ୨୫ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି । ଜବତ ୨୦୦ ମୋବାଇଲର ଫେରସ୍ତ ମେଳା ଡିସିପି ଅଫିସ୍‌ରେ ଆୟୋଜନ ହୋଇଥିଲା ।



ଫେରସ୍ତ ମେଳାରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଓ ଡିସିପି ଜଗମୋହନ ମିନା ଲୁଟ୍‌ର ଶିକାର ହୋଇଥିବା ଲୋକଙ୍କୁ ମୋବାଇଲ ଫେରାଇଛନ୍ତି ।

୩ ପାହାଡି ଗ୍ୟାଙ୍ଗ୍‌ର ମୁଖ୍ୟକୁ ଝାରଖଣ୍ଡରୁ ଗିରଫ କରାଯାଇଥିବା ବେଳେ ଛତିଶଗଡ ଓ ମଧ୍ୟପ୍ରଦେଶର ମହିଳା ଗ୍ୟାଙ୍ଗ୍ ସଦସ୍ୟଙ୍କୁ ଆମ ବସ୍‌ରୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଲୁଟ୍ ମୋବାଇଲ ଜବତ କରାଯାଇଥିବା ପୋଲିସ କହିଛି । ଗଞ୍ଜାମ ଓ ଯାଜପୁରର ଏରୋଗୋଲା ଗ୍ୟାଙ୍ଗ୍‌ର ସଦସ୍ୟଙ୍କୁ ମଧ ଗିରଫ କରାଯାଇ ସେମାନଙ୍କ ନିକଟରୁ ଲୁଟ୍ ମୋବାଇଲ୍ ଜବତ ହୋଇଛି । ପୋଲିସ ସଫଳତାର ସହ ମାସକ ମଧ୍ୟରେ ୫୦ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ୨୫ଲକ୍ଷ ଟଙ୍କାର ୨୦୦ଟି ମୋବାଇଲ ଜବତ କରିଥିଲା । ଗୁରୁବାର ଡିସିପି ଅଫିସ୍‌ରେ ଜବତ ମୋବାଇଲ ଫେରସ୍ତ ମେଳା ଆୟୋଜନ କରାଯାଇ ଲୁଟ୍‌ର ଶିକାର ହୋଇଥିବା ଲୋକଙ୍କୁ ମୋବାଇଲ ଫେରସ୍ତ କରାଯାଇଛି ।

### ବିଜେପି ସରକାର ୧ବର୍ଷ ପୂର୍ତ୍ତି ନେଇ ଆଇନମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀ

# ରାଜ୍ୟରେ ୨୦୩୬ ସୁଦ୍ଧା ୯.୫ ଲକ୍ଷ ହେବ ମୁଣ୍ଡପିଛା ଆୟ

କଟକ,(ସବ୍ୟୁ): ନିର୍ବାଚନ ଆସିଲେ ସମସ୍ତ ରାଜନୈତିକ ଦଳ ସଙ୍କଳ୍ପପତ୍ର ଉପସ୍ଥାପନ କରିଥାନ୍ତିକିନ୍ତୁ ସରକାର ଗଠନ ହେବା ପରେ ଉକ୍ତ ସଙ୍କଳ୍ପପତ୍ର ଶୀତଳଭଣ୍ଡାରକୁ ଠେଲି ଦେଇଥାନ୍ତି । ବିଜେପି



ସରକାର ଗଠନ ପରେ ୨୧ ସଙ୍କଳ୍ପ ମଧ୍ୟରୁ ୧୮ କାର୍ଯ୍ୟକାରୀ କରାଯାଇଛି ଏବଂ ୧୧ ସଙ୍କଳ୍ପ ପୂର୍ଣ୍ଣ କରାଯାଇଛି ହେଲେ କିଛି କରାଯାଉନାହିଁ ବୋଲି ବିରୋଧୀ କହୁଛନ୍ତି । ସେମାନେ ଏବେ ଆଖିରେ ଅନ୍ଧପୁଟୁଳି ବାନ୍ଧି ବସିରହିଛନ୍ତି । ତାଙ୍କ ପାଖେ ଗାନ୍ଧାରୀଙ୍କ ଭଳି ଦିବ୍ୟଦୃଷ୍ଟି ନାହିଁ କିମ୍ବା ସେପରି ଧାର୍ମିକତା ନାହିଁ, ଯେଉଁଥିପାଇଁ ବିରୋଧୀ ଦଳର ନେତା ଉନ୍ନତିମୂଳକ କାର୍ଯ୍ୟକୁ ଦେଖି ପାରୁନାହାନ୍ତି ବୋଲି ଆଇନମନ୍ତ୍ରୀ ତଥା ପୂର୍ତ୍ତବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

କେନ୍ଦ୍ରରେ ବିଜେପି ସରକାରର ୧୧ବର୍ଷ ଓ ରାଜ୍ୟରେ ୧ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକ ଜନସାଧାରଣରେ ଉପସ୍ଥାପନା କରିବା ନିମନ୍ତେ ଜିଲା ବିଜେପି ପକ୍ଷରୁ ଗୁରୁବାର ସର୍କିଟ ହାଉସଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି, ଓଡ଼ିଶାର ବିକାଶକୁ ସରକାର ଆଗକୁ ନେଉଛନ୍ତି । ଆସନ୍ତା ୨୦୩୬ ସୁଦ୍ଧା ୫ଶହ ବିଲିଅନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଓଡ଼ିଶାର ଅର୍ଥନୀତିକୁ ପରିଣତ କରିବାର ଲକ୍ଷ୍ୟ ରହିଛିଛ ଓଡ଼ିଶାରେ ମୁଣ୍ଡ ପିଛା ଆୟ ବୃଦ୍ଧି ପାଇ ୨୦୩୬ ସୁଦ୍ଧା ୯.୫ ଲକ୍ଷ ଟଙ୍କାରେ ପହଞ୍ଚିବ ଏବଂ ୨୦୪୭ ସୁଦ୍ଧା ୩୨ ଲକ୍ଷ୍ୟରେ ପହଞ୍ଚିବ । ସେଥିପାଇଁ ଏକ ଯୋଜନା ପ୍ରସ୍ତୁତ କରି ସରକାର କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି ବୋଲି ସେ କହିଥିଲେ । ସେହିଭଳି ଧାନରେ ୮ଶହ ଟଙ୍କା ସବସିଡ୍, ସୁଭଦ୍ରା ଯୋଜନାରେ ୫ ବର୍ଷରେ ୫୦ ହଜାର ଟଙ୍କା, ଏକ ବର୍ଷ ମଧ୍ୟରେ ୪୨ ହଜାରରୁ ଅଧିକ ସରକାରୀ ନିଯୁକ୍ତି, ଚଳିତମାସରେ ୧ ହଜାର ଜୁନିଅର ଇଞ୍ଜିନିୟର ନିଯୁକ୍ତି ପାଇବେ ଓ ଆସନ୍ତା ମାସରେ ଆସିଷ୍ଟାଣ୍ଡ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦିଆଯିବ ବୋଲି ସେ ସୂଚନା ଦେଇଥିଲେ । ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଓଡ଼ିଶା ଅଲିମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତି, ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳ, ନୟନ କିଶୋର ମହାନ୍ତି, ଗ୍ରାମୀଣ ଜିଲା ସଭାପତି ରାମନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### କଟକରେ ପ୍ରାଦେଶିକ ପ୍ରଧାନାଚାର୍ଯ୍ୟ ସମ୍ମିଳନୀ ସମାପନ ଉତ୍ସବ

# ଓଡ଼ିଶାର ପୁନର୍ନିର୍ମାଣରେ ସରସ୍ୱତୀ ବିଦ୍ୟାମନ୍ଦିରର ରହିବ ବଡ଼ ଯୋଗଦାନ : ଧର୍ମେନ୍ଦ୍ର

କଟକ, (ସ୍ୱ.ପ୍ର): ଓଡ଼ିଶାର ପୁନଃର୍ନିର୍ମାଣରେ ସରସ୍ୱତୀ ବିଦ୍ୟା ମନ୍ଦିରର ବଡ଼ ଯୋଗଦାନ ରହିବ । ଏଥିପାଇଁ ସବୁ ପଞ୍ଚାୟତରେ ଏଭଳି ଦେବାଳୟ ସଦୃଶ ଅନୁଷ୍ଠାନ ତିଆରି ହେବାର ଆବଶ୍ୟକତା ରହିଛି ବୋଲି ଗୁରୁବାର କଟକ ଜିଲ୍ଲା ଗତିରାଉତପାଟଣା ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ବିଦ୍ୟା ଭାରତୀ ଓ ଶିକ୍ଷା ବିକାଶ ସମିତି ଦ୍ୱାରା ଆୟୋଜିତ ପ୍ରାଦେଶିକ ପ୍ରଧାନାଚାର୍ଯ୍ୟ ସମ୍ମିଳନୀର ସମାପନ ଉତ୍ସବରେ ଯୋଗ ଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଉତ୍ତମ ବ୍ୟକ୍ତି ତିଆରି କରିବା ପାଇଁ ଆମର ମହାପୁରୁଷମାନେ ଚିନ୍ତା କରିଥିଲେ । ଏହି ଲକ୍ଷ୍ୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବିଗତ ଶହେ ବର୍ଷ ଧରି ରାଷ୍ଟ୍ର କଲ୍ୟାଣରେ ବ୍ରତୀ ରହୁଥିବା ବ୍ୟକ୍ତି ନିର୍ମାଣରେ ଲାଗିଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଚାର ଫଳରେ ବିଦ୍ୟା ଭାରତୀ ଏକ ସଫଳ ଅନୁଷ୍ଠାନ ଭାବେ ଦଣ୍ଡାୟମାନ ହୋଇଛି । ଗୋଟିଏ ସଂଗଠନରେ ଉଦ୍ଦେଶ୍ୟ, ବିଚାର ଓ ସ୍ୱଷ୍ଟତା ଥିଲେ ହିଁ ସାଧିତ ଲକ୍ଷ୍ୟ ପୂରଣ ହୋଇପାରିବ । ସେହି ପରିପ୍ରେକ୍ଷୀରେ ପ୍ରାୟ ୭୫ ବର୍ଷ ଧରି ରାଷ୍ଟ୍ରୀୟ ସ୍ତରରେ ବିଦ୍ୟା ଭାରତୀ ଏବଂ ପାଖାପାଖି ୫୦ ବର୍ଷ ଧରି ଶିକ୍ଷା ବିକାଶ ସମିତି ଓଡ଼ିଶା ସ୍ତରରେ



ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିକାଶ ପାଇଁ କାମ କରୁଛି । ଏହି ଅନୁଷ୍ଠାନରେ ଥିବା ପ୍ରଧାନ ଆଚାର୍ଯ୍ୟଙ୍କ ବିଚାର ଓ ସଂସ୍କୃତି କାରଣରୁ ଶିଶୁ ବିଦ୍ୟା ମନ୍ଦିର ଶିକ୍ଷା ରୂପକ ଦେବାଳୟ ସଦୃଶ ହୋଇଛି । ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁଡ଼ିକରେ ଶିକ୍ଷା ପଦ୍ଧତିର ମାନ ବୃଦ୍ଧି କରିବା ଦିଗରେ ଆଜିର ସମ୍ମିଳନୀ ସ୍ୱାଗତଯୋଗ୍ୟ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଶିଶୁ ମନ୍ଦିର ଓଡ଼ିଶା ଶିକ୍ଷା ବିଭାଗର ସ୍ପନ୍ଦନ ସଦୃଶ । ଭାରତୀୟ ପଦ୍ଧତି ଓ ମୂଲ୍ୟବୋଧ ଆଧାରିତ ଶିକ୍ଷା, ଗୁଣାତ୍ମକ ଶିକ୍ଷା ଏବଂ ସାଧାରଣ ଲୋକଙ୍କ ପାଇଁ ଶିକ୍ଷା ପ୍ରଦାନ ସହ ଏକ ନୂଆ ପିଢ଼ି ଗଢ଼ିବାରେ ବିଦ୍ୟା ଭାରତୀ ଓ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭୂମିକା ଅତୁଳନୀୟ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ଦଶମ ବୋର୍ଡ଼ ପରୀକ୍ଷା ସହ ବିଭିନ୍ନ ବୃତ୍ତି ଓ ମେଧା ପରୀକ୍ଷାରେ ସଫଳତା ଅର୍ଜନ କରୁଛନ୍ତି, ଯାହା ପ୍ରଶଂସନୀୟ ।

ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓଡ଼ିଶା ପୂର୍ବ ପ୍ରାନ୍ତ କାର୍ଯ୍ୟବାହ ଡ. ଅନିଲ ମିଶ୍ର, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ, ମୁଖ୍ୟବକ୍ତାଭାବେ ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ଅଧକ୍ଷ ଡ. ରବିନ୍ଦ୍ର କାହ୍ନେରେ, ଅଧକ୍ଷ ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶା ସଭାପତି ଡ. କିଶୋର ଚନ୍ଦ୍ର ମହନାତି ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ଶେଷରେ କିଶୋର ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ତିନିଦିନିଆ କାର୍ଯ୍ୟକ୍ରମରେ ରାଜ୍ୟର ୯୮୦ ପ୍ରଧାନ ଆଚାର୍ଯ୍ୟ ଅଂଶ ଗ୍ରହଣ କରିଥିଲେ ।

# ୧୦ଲକ୍ଷ ଠକେଇ, ସାଇବର ଠକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମାସିକ ୭% ହିସାବରେ କମିଶନ ମିଳିବା ପ୍ରତିଶ୍ରୁତି ଦେଇ ସୌମ୍ୟରଞ୍ଜନ ପ୍ରଧାନଙ୍କ ଠାରୁ ସାଇବର ଠକେଇ ରାକେଟ୍ ଓଡ଼ିଶା ଏଜେଣ୍ଟ ପ୍ରିୟରଞ୍ଜନ ସ୍ୱାଇଁ (୪୩) ମାଧ୍ୟମରେ ୧୦ଲକ୍ଷ ଟଙ୍କା ଅନ୍‌ଲାଇନରେ ଠକି ନେଇଥିଲେ । ସୌମ୍ୟରଞ୍ଜନ ଭୁବନେଶ୍ୱର ସାଇବର ଥାନାରେ ଏତଲା କରିବା ପରେ ପ୍ରିୟରଞ୍ଜନଙ୍କୁ ପୋଲିସ ଗିରଫ କରିବା ସହ ତା'ନିକଟରୁ ମୋବାଇଲ ଫୋନ୍, ଲାପ୍‌ଟପ୍, ଦୁଇଟି ଡେଭିଡ୍ କାର୍ଡ, ପ୍ୟାନ୍‌କାର୍ଡ, ଡାଏରୀ ଓ ଭିଜିଟିଂ କାର୍ଡ ପ୍ରଭୃତି ଜବତ କରିଛି ।

ସୌମ୍ୟରଞ୍ଜନ ପ୍ରଧାନ ମଞ୍ଚେଶ୍ୱର ଶିକ୍ଷାଞ୍ଚଳରେ ରୁହନ୍ତି । ୨୦୨୪ ମସିହାରେ ଜିପିଏନ୍‌ଏସ୍ ବିନିନେସ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କମ୍ପାନୀରେ ୧୦ଲକ୍ଷ ଟଙ୍କା ବିନିଯୋଗ କରିଥିଲେ । କମ୍ପାନୀରେ ଟଙ୍କା ବିନିଯୋଗ କଲେ ମାସିକ ୭% ହିସାବରେ କମିଶନ ମିଳିବ ବୋଲି କମ୍ପାନୀ ତରଫରୁ ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା । ପ୍ରତିଶ୍ରୁତିକୁ ବିଶ୍ୱାସ କରି ସେ ନିଜ ଆକାଉଣ୍ଟ ଏବଂ ଭାଇଙ୍କ ଆକାଉଣ୍ଟରୁ କମ୍ପାନୀ ଆକାଉଣ୍ଟକୁ ୨୦୨୪ ମସିହା ସେପ୍ଟେମ୍ବର ୨୬ ତାରିଖ ଦିନ ୪.୫ଲକ୍ଷ ଟଙ୍କା ପଠାଇଥିଲେ । ଏହା ପରେ ୨୦୨୪ ମସିହା ନଭେମ୍ବର ୧୧ ତାରିଖରେ ୩ଲକ୍ଷ ଟଙ୍କା ଓ ୨୦୨୪ ମସିହା ଜୁଲାଇ ୨୯ ତାରିଖରେ ୨.୫ଲକ୍ଷ ଟଙ୍କା କମ୍ପାନୀ ଆକାଉଣ୍ଟକୁ ପଠାଇଥିଲେ ।

ଟଙ୍କା ପଠାଇବାର କିଛି ମାସ ବିତିଯାଇଥିଲେ ମଧ କମ୍ପାନୀ କୌଣସି କମିଶନ ଦେଇନଥିଲା କି ନେଇଥିବା ଟଙ୍କା ମଧ ଫେରସ୍ତ ଦେଲାନାହିଁ । ଏ ସମ୍ପର୍କରେ ଅଭିଯୋଗକାରୀ ଉକ୍ତ କମ୍ପାନୀ ତରଫରୁ ଭୁବନେଶ୍ୱରରେ ନିଯୁକ୍ତ ଥିବା ରିପ୍ରେଜେଣ୍ଟେଟିଭ୍ ପ୍ରିୟରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେ ମଧ କୌଣସି ସଠିକ୍ ଉତ୍ତର ଦେଇନଥିଲା । ବରଂ ଦିନ ପରେ ଦିନ ଗଡାଇ ଚାଲିଥିଲା । ଏହି କମ୍ପାନୀ ଓଡ଼ିଶାର ବହୁ ଲୋକଙ୍କ ଠାରୁ ଏହି ଉପାୟରେ ଟଙ୍କା ନେଇଥିବା ଅଭିଯୋଗକାରୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗ ଆଧାରରେ ସାଇବର ଥାନା ପୋଲିସ ପ୍ରିୟରଞ୍ଜନ ସ୍ୱାଇଁକୁ ପାହାଳ ହେମ୍‌କୁଣ୍ଡ ଟାୱାରରୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି । କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଅଭିଯୁକ୍ତ ଘର ବାଲେଶ୍ୱର ଜିଲ୍ଲା ସୋର ଥାନା ଅଞ୍ଚଳରେ ବୋଲି ପୋଲିସ କହିଛି । ଏହି ମାମଲାର ତଦନ୍ତ ଜାରି ରହିଥିବାରୁ ଠକେଇର ଅନେକ ରହସ୍ୟ ଆଗକୁ ଜଣାପଡିବ ବୋଲି ସୂଚନା ମିଳିଛି ।

# ବିଜେପି ସରକାରଙ୍କ ବିଫଳତାକୁ ପ୍ରଦର୍ଶନ କଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ମୋହନ ଚରଣ ମାଝିଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଆଜି ଏକ ବର୍ଷ ପୂରଣ ହୋଇଥିବା ବେଳେ ବିଜୁ ଜନତା ଦଳ ତରଫରୁ ମାଷ୍ଟର କ୍ୟାଣ୍ଟିନ ଛକ ଠାରେ ରାଜ୍ୟ ସରକାରଙ୍କ ଏକ ବର୍ଷର ବିଫଳତାକୁ ପ୍ରଦର୍ଶନ କରାଯାଇଥିଲା । ଏଥିରେ ବିଜେଡି ବିଧାୟକ ମାନଙ୍କ ସହିତ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀରେ ବିଜେଡି ତରଫରୁ ପ୍ରାର୍ଥୀ ହୋଇଥିବା ନେତା ମାନେ ମୁଖ୍ୟତଃ ଯୋଗ ଦେଇଥିଲେ ।



ଗତ ନିର୍ବାଚନ ସମୟରେ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନରେ ରାଜ୍ୟ ସରକାର କିପରି ବିଫଳ ହୋଇଛନ୍ତି, ତାହାକୁ ହାତ ଲେଖା ପ୍ଲାକାର୍ଡ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା । ଏହା ଛଡା, ଗତ ଏକ ବର୍ଷରେ, ଆଇନଶୃଙ୍ଖଳା ପରିସ୍ଥିତି କିପରି ବିପର୍ଯ୍ୟସ୍ତ ହୋଇ ପଡିଛି, ବିଶେଷକରି ଦୁଷ୍କର୍ମ ଓ ମହିଳାଙ୍କ ବିରୋଧରେ ଅପରାଧର ଅହେତୁକ ବୃଦ୍ଧିକୁ କଳାତ୍ମକ ଉପାୟରେ ଦର୍ଶାଯାଇଥିଲା । ଗତ ଏକ ବର୍ଷର ସରକାର ଏହି ସମସ୍ତ କ୍ଷେତ୍ରରେ ବିଫଳ ହୋଇଥିବା ବେଳେ କେବଳ ନବୀନ ସରକାରଙ୍କ ଅମଳର କିଛି ନାମ ଓ ରଙ୍ଗ ପରିବର୍ତ୍ତନ ସରକାର ସାଜିଛନ୍ତି ବୋଲି ପ୍ଲାକାର୍ଡରେ ଦର୍ଶାଯାଇଥିଲା । ବିଜୁ ଜନତା ଦଳର ସମସ୍ତ ବରିଷ୍ଠ ନେତୃତ୍ୱଙ୍କ ଉପସ୍ଥିତିରେ ଏଭଳି ଏକ ଅଭିନବ ପ୍ରଦର୍ଶନକୁ ସ୍ଥାନୀୟ ଲୋକମାନେ ସମର୍ଥନ କରିଥିଲେ । ସେହି ରାସ୍ତାରେ ଯିବା ଆସିବା କରୁଥିବା ଲୋକମାନେ କିଛି ସମୟ ରହି ପ୍ଲାକାର୍ଡ ଗୁଡିକରେ ଲେଖା ଯାଇଥିବା ସ୍ଲୋଗାନଗୁଡିକୁ ପୁଙ୍ଖାନୁପୁଙ୍ଖ ଦେଖାଯାଇଥିଲା । ଘଟଣା ସ୍ଥଳରେ ସ୍ଥାନୀୟ ଲୋକମାନେ ଭିଡ଼ ଜମାଇବାରୁ ପୋଲିସ ଧାରଣାରେ ଥିବା ବିଜେଡି ନେତା ମାନଙ୍କୁ ହଟାଇବାକୁ ଚେଷ୍ଟା କରିଥିଲା, ଯାହା ଫଳରେ କିଛି ସମୟ ପାଇଁ ଘଟଣାସ୍ଥଳରେ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା ଛ ପୋଲିସର ପ୍ରଚେଷ୍ଟା ସତ୍ତ୍ୱେ, ଘଟଣା ସ୍ଥଳରେ ଧାରଣା ଜାରି ରହିଥିଲା ।

ଏହି ଧାରଣାରେ ଦଳର ବରିଷ୍ଠ ନେତୃବୃନ୍ଦ ଯଥା, ଦେବୀ ପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ଡ଼ଃ ଅରୁଣ କୁମାର ସାହୁ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଦେବ, ମନ୍ମଥ ରାଉତରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ପ୍ରତିଶ୍ରୁତି ନୁହେଁ ପ୍ରତାରଣା, ବିଜେପି ଶାସନ ବାଟବଣା : ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାରେ ୨୪ ବର୍ଷର ବିଜେଡ଼ି ସରକାରର ପତନ ହୋଇଛି। ଆଜି ମୋହନ ସରକାର ଶାସନର ୧ବର୍ଷ ପୂରଣ କରିଛି । କିନ୍ତୁ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ। ପ୍ରତିଶ୍ରୁତି ନାଁ ରେ ପ୍ରତାରଣାର ପ୍ରତିଛବି ରାଜ୍ୟ ଶାସନରେ ପ୍ରତିଫଳିତ ହୋଇଛି ବୋଲି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ପ୍ରସାଦ ହରିଚନ୍ଦନ ବିଜେପି ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି କିଭଳି ପ୍ରତାରଣାରେ ପରିଣତ ହୋଇଛି ତାହାର ସବିଶେଷ ରିପୋର୍ଟ କାର୍ଡ ପିସିସି ସଭାପତିଙ୍କୁ ପ୍ରଦାନ କରିଥିଲେ। ଗତ ନବୀନ ସରକାର ସମୟରେ ଚିଟଫଣ୍ଡ ଜମାକାରୀମାନେ ଯେଉଁ କ୍ଷତିଗ୍ରସ୍ତ ହୋଇଥିଲେ ସେମାନଙ୍କୁ ୧୮ ମାସ ମଧ୍ୟରେ ଟଙ୍କା ଫେରାଇବାର ପ୍ରତିଶ୍ରୁତି ଦେଇଥିବା ମୋହନ ସରକାର ଜମାକାରୀଙ୍କୁ ଚିହ୍ନଟ କରିବାରେ ବିଫଳ ହୋଇଛନ୍ତି। ପ୍ରତି କ୍ୱିଣ୍ଟାଲରେ ୮ କେଜିରୁ ୯ କେଜି ଧାନ କଟା ଯାଉଥିବା ବେଳେ ତାହାର ହିସାବ କାହା ପାଖରେ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଏହି କଟ୍‌ନୀ ଛଟଣୀ ଧାନରୁ କାହାର କେତେ କୋଟା ତାହା ତଦନ୍ତ ହେବା ଦରକାର। ଶୁଭଦ୍ରା ଯୋଜନା ମାଧ୍ୟମରେ ପ୍ରତି ମହିଳାଙ୍କ ଅର୍ଥିକ ଅଭିବୃଦ୍ଧି ନିମନ୍ତେ ୫୦ ହଜାର ଟଙ୍କା ଭାଉଚରରେ ପାଇବେ ଯାହା ଦୁଇ



ବର୍ଷ ମଧ୍ୟରେ ଖର୍ଚ୍ଚ କରିବା ପ୍ରତିଶ୍ରୁତି ଦେଇଥିଲ। ବିଜେପି। କ୍ଷମତାକୁ ଆସିଲାପରେ ୫ ହଜାର ଟଙ୍କା ଲେଖାଏ ବର୍ଷକୁ ଦୁଇଟି କିସ୍ତି କରି ୫ ବର୍ଷରେ ଦେବାକୁ ପଦକ୍ଷେପ ନେଇଛନ୍ତି। ଏବେ ବିଜେପି ସରକାରର ଆୟୁଷ୍ମାନ ଯୋଜନା ବ୍ୟବସ୍ଥା ଏଭଳି ଜଟିଳ ଯେ ଅସହାୟ ଗରିବ ରୋଗୀ ଚିକିତ୍ସା ନପାଇ ଆୟୁଷ ଥାଉ ଥାଉ ଜୀବନ ଚାଲିଯିବ ବୋଲି କଂଗ୍ରେସ ଅଭିଯୋଗ କରିଛି। ଶିଳ୍ପକୁ କଂଗ୍ରେସ ବିରୋଧ କରୁ ନାହିଁ କିନ୍ତୁ ପରିବେଶ ପ୍ରତି ସରକାର ଆଖି ବୁଜିଦେଲେ ଛାଡ଼ିବୁ ନାହିଁ ବୋଲି ଶ୍ରୀ ଦାସ କହିଛନ୍ତି। ଯାଜପୁର ସମତେ ୫ଟି ଜିଲ୍ଲାରେ ଝାଡାବାନ୍ତି ଚରମସୀମାରେ ପହଞ୍ଚିଛି। ଚିକିତ୍ସା ଅବହେଳା ସଂପର୍କରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଏକ ତଥ୍ୟ ଅନୁଧ୍ୟାନ କମିଟି ଘଟଣାସ୍ଥଳକୁ ଯାଇ ତଥ୍ୟ ଅନୁଧ୍ୟାନ କରିବେ ଓ ଏକ ରିପୋର୍ଟ ପିସିସି କାର୍ଯ୍ୟାଳୟକୁ ପ୍ରଦାନ କରିବେ ବୋଲି ଶ୍ରୀ ଦାସ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡ୍ରାଫ୍ଟିଂ କମିଟି ସଦସ୍ୟ ତାରା ପ୍ରସାଦ ବାହିନୀପତି, ଅନନ୍ତ ପ୍ରସାଦ ସେଠୀ, ଜଗନ୍ନାଥ ପଟ୍ଟନାୟକ, ରଜନୀ ମହାନ୍ତି, ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### କୋରେଇର ଦିବ୍ୟାଙ୍ଗ ପ୍ରଫୁଲ୍ଲ ଦାସଙ୍କ ସମସ୍ୟା ସମାଧାନ

## ତୁରନ୍ତ ଘର ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର(ସବ୍ୟୁ): ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଅନ୍ତର୍ଗତ ଅନ୍ଧାରୀ ଗ୍ରାମର ୪୧ ବର୍ଷୀୟ ଜଣେ ଶତପ୍ରତିଶତ ଦୃଷ୍ଟି ବାଧିତ ଦିବ୍ୟାଙ୍ଗ ପ୍ରଫୁଲ୍ଲ କୁମାର ଦାସଙ୍କ ସମସ୍ୟା ବିଷୟରେ ଗଣମାଧ୍ୟମରୁ ଖବର ପାଇ ତାଙ୍କୁ ଘର ଯୋଗାଇ ଦେବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସହାୟତା ରାଶି ତୁରନ୍ତ ପ୍ରଦାନ କରିବା ପାଇଁ ଆଜି(ଗୁରୁବାର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ଶ୍ରୀ ଦାସଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଏକ ବାସଗୃହ ଯୋଗାଇ ଦିଆଯିବ । ଏହା ସହିତ ତାଙ୍କୁ ରେଡକ୍ରସ ପାଣ୍ଠିରୁ ତୁରନ୍ତ ୫ ହଜାର ଟଙ୍କା ଯୋଗାଇ ଦିଆଯିବ । ଶ୍ରୀ ଦାସଙ୍କୁ ଭିନ୍ନକ୍ଷମ ଭତ୍ତା ବାବଦରେ ମାସକୁ ୩୫୦୦ ଟଙ୍କା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାସକୁ ୫ କିଲୋଗ୍ରାମ ଚାଉଳ ଦିଆଯାଉଥିବା ବେଳେ ଯିବା ଆସିବା ପାଇଁ ଏକ ଧଳା ବାଡି (ବ୍ଲାଇଣ୍ଡ ଷ୍ଟିକ୍) ଦିଆଯାଇଛି ।

# ବିକଶିତ ଓଡିଶା ପାଇଁ ବିକଶିତ ପୁରୀ କର୍ମଶାଳା


ପୁରୀ, (ସବ୍ୟୁ) : ବିକଶିତ ଭାରତ ଆମର ଲକ୍ଷ୍ୟ । ୨୦୩୬ କୁ ବିକଶିତ ଓଡିଶା ଓ ୨୦୪୭ କୁ ବିକଶିତ ଭାରତ କରିବା ର ଧାର୍ଯ୍ୟ ଲକ୍ଷ୍ୟକୁ ଆମେ ସମ୍ମିଳିତ ଉଦ୍ୟମ ରେ ପୂରଣ କରିବା ବୋଲି ଆହ୍ୱାନ ଦେଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇ । ଗୁରୁବାର ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ବିକଶିତ ଓଡିଶା ପାଇଁ ବିକଶିତ ପୁରୀ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିକଶିତ ଭାରତ ଦେଶର ସମସ୍ତ ନାଗରିକଙ୍କ ସ୍ୱପ୍ନଛଭଲରେ ରହିବା, ଆର୍ଥିକ ଉନ୍ନତି କରିବା, ମୌଳିକ ସୁବିଧା ହାସଲ କରିବା ଇତ୍ୟାଦି ସମସ୍ତ ବ୍ୟବସ୍ଥା ଏଥିରେ ଅନ୍ତର୍ଭୁକ୍ତ । ସରକାର ଦେଇଥିବା ୨୧ଟି ପ୍ରତିଶ୍ରୁତି ମଧ୍ୟରୁ ୧୧ ଟି ଏକ ବର୍ଷ ମଧ୍ୟରେ ପୂରଣ କରିଥିବା ବେଳେ ଖୁବ ଶୀଘ୍ର ଅନ୍ୟ ଗୁଡିକ ପୂରଣ ହେବ ।

ଗତ ଓଡିଶା କନକ୍ଲେଭ ରେ ୧୬ଲକ୍ଷ ୭୩ ହଜାର କୋଟି ଟଙ୍କାର ପୁଞ୍ଜି ଲଗାଣ ପ୍ରସ୍ତାବ ଆସିଥିବା ବେଳେ ପ୍ରଥମ ବର୍ଷ ରେ ୧ ଲକ୍ଷ ୨୯ ହଜାର କୋଟି ଇନଭେଷ୍ଟ ହୋଇଛି । ବିକଶିତ ଓଡିଶା ୨୦୩୬ ପାଇଁ ୩୬ଟି ରଣନୀତି ପ୍ରସ୍ତୁତ ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେବା ସହ ଓଡିଶା ଗ୍ରୀନ ଏନର୍ଜିର ହବ ପାଲଟିଛି ବୋଲି କହିଥିଲେ । ସାଂସଦ ତଥା ଓଡିଶା ପ୍ରଭାରୀ ବିଜୟ ପାଲ ସିଂ ତୋମାର ଡବଲ ଇଞ୍ଜିନ ସରକାର ସାଧାରଣ ଲୋକ ମାନଙ୍କ ଭରସା ଓ ବିଶ୍ୱାସ ର ପ୍ରତିଫଳନ ଯାହା ବିକାଶକୁ ତ୍ୱରାନ୍ୱିତ କରୁଛି ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ବିକଶିତ ଭାରତ ଓ ବିକଶିତ ଓଡିଶା ସମ୍ପର୍କରେ ଆଲୋଚନା କରି ବିବିଧ ପ୍ରସ୍ତାବ ମାନ ଦେଇଥିଲେ । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ



ଅର୍ପଣ କରିଥିଲେ । ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ଓ ଅନ୍ୟାନ୍ୟ କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେଛପ୍ରାରମ୍ଭରେ ଏକ ସଚେତନତା ରଥକୁ ଅତିଥି ମାନେ ଉଦଘାଟନ କରିଥିଲେ ।

# ଐତିହାସିକକ୍ଷେତ୍ର କୁଲାଡ଼ ଠାରେ ଦେବ ସ୍ନାନ ପୂର୍ଣ୍ଣିମା



କୁଲାଡ, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ଐତିହାସିକ କ୍ଷେତ୍ର ଭଞ୍ଜନଗର, କୁଲାଡ ଠାରେ ଚଳିତବର୍ଷର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ପାରମ୍ପରିକ ରୀତି ନୀତି ଅନୁଯାୟୀ ପାଳନ କରାଯାଇଛି । ଏହି ଅବସରରେ ବୁଧବାର ଦିନ ମହାପ୍ରଭୁ ଶ୍ରୀବଳଭଦ୍ର ସ୍ୱାମୀ, ଦେବୀ ଶୁଭଦ୍ରା, ଜଗନ୍ନାଥ ସ୍ୱାମୀ, ପ୍ରଭୁ ସୁଦର୍ଶନ ଓ ଅନ୍ୟାନ୍ୟ ଦେବାଦେବୀ ମାନଙ୍କୁ ଘଣ୍ଟ, ଘଣ୍ଟା, ବଜାଇ, ହରିବୋଲ ହୁଳହୁଳି ଧ୍ୱନୀରେ ସ୍ନାନମଣ୍ଡପକୁ ପହଣ୍ଡି ବିଜେ କରାଯାଇଥିଲା । ସେଠାରେ ୧୦୮କଳସ ସୁବାସିତ ଜଳରେ ଶ୍ରୀ ଜୀଉମାନଙ୍କୁ ସ୍ନାନ କରାଯାଇଥିଲା। ପରେ ଜୀଉମାନଙ୍କୁ ଚନ୍ଦନ ଲାଗି ହୋଇ ଫୁଲମାଳରେ ବେଶ କରାଯାଇ, ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ ଆଖପାଖ ଅଞ୍ଚଳର ବହୁ ଭକ୍ତ ଦେବସ୍ନାନ ମଣ୍ଡପ ଠାରେ ଯୋଗଦେଇ ଶ୍ରୀଜୀଉଙ୍କ ମାନଙ୍କ ଦର୍ଶନ ଲାଭ କରିଥିଲେ। ଉତ୍ସବରେ କୁଲାଡ ମନ୍ଦିର ସମୂହ ପରିଚାଳନା କମିଟିର ସଭାପତି ତଥା ତହସିଲଦାର, ଏ , ପଟ୍ଟନାୟକ, ସ୍ଥାନୀୟ ଆରଆଇ ଭଗବାନ ବେହେରା ପ୍ରମୁଖ ଯୋଗଦେଇ ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ।

# ବିଜେପି ପକ୍ଷରୁ 'ବୃତ୍ତିଗତ ସଂଗୋଷ୍ଠି' ବୁଦ୍ଧିଜୀବୀ ସମ୍ମିଳନୀ



ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ହିଲ ପାଟଣା ସ୍ଥିତ ସଂସ୍କୃତି ଭବନ ପରିସରରେ ବିଜେପି ପକ୍ଷରୁ 'ବୃତ୍ତିଗତ ସଂଗୋଷ୍ଠି' ବୁଦ୍ଧୀଜୀବି ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବ ସରକାର ବିଜୁ ପକ୍କାଘର, ରାଜୀବ ଆବାସ ଯୋଜନାରେ ଲୋକମାନଙ୍କୁ ପ୍ରଦାନ କରା ଯାଇଥିଲା । ହେଲେ ଏହା ପ୍ରକୃତ ହିତାଧିକାରୀଙ୍କୁ ପ୍ରଦାନ କରି ନଥିଲେ, କେବଳ ସେମାନଙ୍କ ଚେଲା ଚାମୁଣ୍ଡା ଓ କୁଜୀ ନେତା ତାର ଫାଇଦା ନେଇଥିଲେ। ଆମ ସରକାର ଯେଉଁ ମାନେ ଏଥିରୁ ବଞ୍ଚିତ ହୋଇଥିଲେ ଓ ପ୍ରକୃତ ହିତାଧିକାରୀଙ୍କୁ ୫୬ ହଜାର ଆବାସ ଯୋଜନା ପ୍ରଦାନ କରାଯାଇଛି। ସ୍କୁଲ ନାମରେ କୋଟିକୋଟି ଟଙ୍କା ବିନିଯୋଗ କରିଥିଲେ। ହେଲେ ଏହି ଯୋଜନାରେ ଲାଭ ଠାରୁ ଅଧିକ କ୍ଷତି ହୋଇଛି। ତେଣୁ ଆଦର୍ଶ ବିଦ୍ୟାଳୟ ପ୍ରତ୍ୟେକ ବ୍ଲକରେ ସ୍ଥାପନ ଯୋଜନା କରାଯାଉଛି। ଖେଳପଡିଆ ବା ୧୫କୋଟି ଟଙ୍କା ବ୍ୟୟରେ ମିନି ଷ୍ଟାଡିୟମ ନିର୍ମାଣ ହେବ। ଗଞ୍ଜାମ ଜିଲ୍ଲାର ଅନେକ ସମସ୍ୟା ରହିଛି। ଏମକେସିଜି ମେଡ଼ିକାଲ କଲେଜ ଓ ହସପିଟାଲ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହୋଇଥିବାରୁ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗ ଦେଇଥିଲେ। ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବିଧାୟକ ନିଳମଣୀ ବିଶୋଇ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାୟକ ସରୋଜ କୁମାର ପାଢ଼ୀ, ବିଧାୟକ କେ. ଅନିଲ କୁମାର, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ବୃତ୍ତିଗତ ସଂଗୋଷ୍ଠି' ଉପରେ ସ୍ଥାନୀୟ ହିଲ ପାଟଣା ସ୍ଥିତ ସଂସ୍କୃତି ଭବନ ଠାରେ ଆୟୋଜିତ ଉତ୍ସବରେ ଯୋଗଦେଇ ଅତିଥିମାନେ ମତପ୍ରକାଶ କରିଥିଲେ ।

# ବାରିପଦାରେ 'ବିକାଶ ବାହନ ରଥର ଶୁଭାରମ୍ଭ



ବାରିପଦା, (ସବ୍ୟୁ) : ଗୁରୁବାର ଭୁବନେଶ୍ୱର ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା 'ବିକାଶ ବାହନ ରଥର ଶୁଭାରମ୍ଭ ହେବା ପରେ ବାରିପଦାଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବାରିପଦା ବ୍ଲକର ଗୋଟିଏ ଓ ଅନ୍ୟ ଗୋଟିଏ ବାରିପଦା ପୌରପାଳିକାର 'ବିକାଶ ବାହନ ରଥକୁ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟଅତିଥିଭାବେ, ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ବାରିପଦା ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ପୂଜା ନୈବେଦ୍ୟ ସହ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରକାଶ ଥାଉକି ଜିଲ୍ଲାର ଅନ୍ୟାନ୍ୟ ୨୫ଗୋଟି ବ୍ଲକ ସଦରମହକୁମା ଏବଂ ରାଇରଙ୍ଗପୁର ପୌରପାଳିକ ଠାରେ ମଧ୍ୟ ଉକ୍ତ ବିକାଶ ବାହନ ରଥର ଶୁଭାରମ୍ଭ ହୋଇଛି। ବ୍ଲକରୁ ଶୁଭାରମ୍ଭ ହୋଇଥବା ବିକାଶ ବାହନ ରଥ ଆଜି ଠାରୁ ଜୁନ ୨୧ତାରିଖ ପର୍ଯ୍ୟନ୍ତ ବ୍ଲକ ସଦର ମହକୁମା ସହ ପର୍ଯ୍ୟାୟକ୍ରମେ ସମ୍ପୃକ୍ତ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତ ଓ ପୌରାଞ୍ଚଳରେ ଶୁଭାରମ୍ଭ ହୋଇଥିବା ବିକାଶ ବାହନ ପର୍ଯ୍ୟାୟ କ୍ରମେ ସମ୍ପୃକ୍ତ ପୌରାଞ୍ଚଳର ସମସ୍ତ ୱାର୍ଡ ପରିକ୍ରମା କରିବ। ଏହି ବିକାଶ ବାହନରେ ଲୋକମାନଙ୍କ ସଚେତନତା ପାଇଁ ସରକାରଙ୍କ ଦ୍ୱାରା ଲୋକମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ବେନର ପୋଷ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯିବା ସହିତ ଏଲଇଡି ଜରିଆରେ ବିଭିନ୍ନ ଯୋଜନା ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦର୍ଶନ କରାଯାଇ ଲୋକମାନଙ୍କୁ ସଚେତନ କରାଯିବ। ଏତଦ୍‌ବ୍ୟତୀତ ରାଜ୍ୟରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତି ମୂଳକ ଯୋଜନାର ଉପଲବ୍ଧି ସମ୍ବନ୍ଧରେ ମଧ୍ୟ ଲୋକଙ୍କୁ ଅବଗତ କରାଯିବ। ଏହି ବିକାଶ ବାହାନ ପର୍ଯ୍ୟାୟ କ୍ରମେ ଜିଲ୍ଲାର ସମସ୍ତ ଗ୍ରାମ ପଂଚାୟତକୁ ପହଂଚି ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଅବଗତ କରିବା ସହ ଯୋଜନାରେ ସାମିଲ ହେବା ପାଇଁ ସଚେତନ କରାଯିବ। ଏତଦ୍‌ବ୍ୟତୀତ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସେହି ସ୍ଥାନରେ ଯୋଜନାର କାର୍ଡ, ପ୍ରମାଣପତ୍ର ବଣ୍ଟନ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବ। ସହ ଯୋଜନାରେ ସାମିଲ ହେବାକୁ ଥିବା ହିତାଧିକାରୀ ମାନଙ୍କ ଠାରୁ ସେହି ସ୍ଥାନରେ ତୁରନ୍ତ ଆବେଦନ ପତ୍ର ଆଦି ଗ୍ରହଣ କରାଯିବ ଏବଂ ବିଭିନ୍ନ ଯୋଜନାରେ ନୂତନ ହିତାଧିକାରୀ ଚିହ୍ନଟି କରଣ କାର୍ଯ୍ୟ ମଧ୍ୟ କରାଯିବ। ଏତଦ୍‌ବ୍ୟତୀତ ବିଭିନ୍ନ ଯୋଜନାରେ ଲାଭକ୍ଷନ୍ୱିତ ହୋଇଥିବା ହିତାଧିକାରୀମାନଙ୍କ ପାଖରୁ ସେମାନଙ୍କ ସଫଳତା କାହାଣୀ ସଂଗ୍ରହ କରାଯିବ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ସମସ୍ତ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ପ୍ରତ୍ୟେକଙ୍କୁ ସଚେତନ କରାଇବା ଏବଂ ସମାଜର ଶେଷ ଧାଡ଼ିର ଲୋକଙ୍କ ପାଖରେ ଯୋଜନାକୁ ପହଞ୍ଚାଇବା ସର୍ବୋପରି ପ୍ରଶାସନକୁ ଲୋକମାନଙ୍କ ନିକଟତର କରାଇ ଲୋକମାନଙ୍କ ଦ୍ୱାରଦେଶରେ ସରକାରୀ ସେବା ଉପଲବ୍ଧ କରାଇବା। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ପୌରପାଳିକା ଉପାଧ୍ୟକ୍ଷା ସୀମା ଦାସ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲପାଳ ଇଶ୍ୱର ଚନ୍ଦ୍ର ନାଏକ, ଏସିଡିଓ ଶାନ୍ତନୁ କୁମାର ନାୟକ, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ୱାର୍ଡର କାଉନ୍‌ସିଲର, ମିଶନ ଶକ୍ତିର ସଦସ୍ୟା ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ।

# ରାଜ୍ୟ ଓ କେନ୍ଦ୍ରର ଡବଲ ଇଞ୍ଜିନ ସରକାରଙ୍କ ବିକାଶ ଗାଥା ବଖାଣିଲେ ଉପ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର, (ସବ୍ୟୁ): କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଷୀ ମାନଙ୍କ ନିମନ୍ତେ ଫସଲ ବିମା ଯୋଜନା, ପିଏମ କିଷାନ ଯୋଜନା, ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ପ୍ରଦାନ କରିଥିବା ବେଳେ ନିର୍ବାଚନ ବେଳେ ୨୧ଟି ଯୋଜନାକୁ ନେଇ ଆମେ ଲୋକଙ୍କ ପାଖକୁ ଯାଇଥିଲୁ। ସେଥିମଧ୍ୟରୁ ପ୍ରଥମ ୪ ଟି ଯୋଜନାରେ ପୁରୀ ଜଗନ୍ନାଥ ମନ୍ଦିର ୪ ଦ୍ୱାର ଖୋଲା, ମନ୍ଦିର ବିକାଶ ନିମନ୍ତେ ୫ ଶହ କୋଟି କର୍ପସ ଫଣ୍ଡ, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ବାର୍ଷିକ ଦୁଇଟି କିସ୍ତିରେ ପାଞ୍ଚ ବର୍ଷ, ୩୧ଶହ କୁଇଣ୍ଟଲ ପିଛା ଏମଏସପି ଟିବିଟି ମାଧ୍ୟମରେ ପ୍ରଦାନ କରି ଟାସ୍କଫୋର୍ସ ଗଠନ କରିଛନ୍ତି । ଗଞ୍ଜାମ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ମୋହନ ଚରଣ ମାଝୀ ସରକାର ଯୋଗ ଦେଇ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଶୁଭ ଦେଇଛନ୍ତି। ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଲୋକ ଓଡ଼ିଶାରେ ପୁଞ୍ଜି ନିବେଶ କରିବାରୁ ଆଗ୍ରହ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ ସ୍କିଲ ଉନ୍ନତ ଯୋଜନା କରାଯାଉଛି। ୨୫ ବର୍ଷର ପୂର୍ବ ସରକାର ୩୩ ଭାଗ ଚାଷଜମିକୁ ଜଳସେଚିତ କରିବାକୁ ଯୋଜନା କରିଥିବା କହିଥିଲେ। ତାହା ହୋଇ ପାରିନଥିଲା ବେଳେ ଆମେ ଜଳ ଯୋଗାଣ ନିମନ୍ତେ ନଦୀ ଗୁଡ଼ିକରେ ଛୋଟ ଛୋଟ ଡ୍ୟାମ ପାଇଁ ଯୋଜନା କରାଯାଉଛି। ଧାନ ଫସଲ ଅମଳ କରିବାରେ ତୃତୀୟ ରାଜ୍ୟ ଭାବେ ଓଡ଼ିଶା ରହିଛି। ପନିପରିବା ଚାଷ ମଧ୍ୟ ରହିଛି । ହେଲେ ଏଠାରୁ ବିଦେଶକୁ ପଠାଇବାକୁ ଯୋଜନା ଆରମ୍ଭ ହୋଇଛି। ଗଞ୍ଜାମ ଜିଲ୍ଲାରେ ମଧ୍ୟ ବୋଲି ଆଜି ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମତବ୍ୟକ୍ତ କରିଥିଲେ। ସେବା, ସୁଶାସନ ଓ ଗରିବ କଲ୍ୟାଣ ପାଇଁ ସମର୍ପିତ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ବ୍ରହ୍ମପୁର ମହାମାୟୀ କଲେଜ ନିକଟସ୍ଥ ଛାୟା କଲ୍ୟାଣ ମଣ୍ଡପ ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଜନତା ପାର୍ଟିର ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତଙ୍କ ସଂଯୋଜନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବ୍ରହ୍ମପୁର ସାଂସଦ ଡ଼ା ପ୍ରଦୀପ ପାଣିଗ୍ରାହୀ, ବିଧାୟକ କେ.ଅନିଲ କୁମାର, ବିଧାୟକ ଡ଼ା ସିଦ୍ଧାନ୍ତ ମହାପାତ୍ର, ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବିଧାୟକ ସରୋଜ ପାଢ଼ୀ, ବିଧାୟକ ପୁର୍ଣ୍ଣଚନ୍ଦ୍ର ସେଠୀ, ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ରାଜ୍ୟ ପ୍ରବକ୍ତା ଟି.ଗୋପି, ଆସ୍କା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟୀତ୍ୱର ଥିବା ଦଳର ବରିଷ୍ଠ ନେତା ସୁନିଲ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ ।

# ବାରିପଦାରେ ଗଡ଼ିଲା ଶିଶୁ ଶ୍ରମିକ ନିରାକରଣ ସମ୍ପର୍କିତ ସଚେତନତା ରଥ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ପ୍ରଭାଗୀୟ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗାଇପାଇଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପରିସରରେ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କିତ ଏକ ସଚେତନତା ରଥକୁ ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରଣୀ ମମତାମୟୀ ବିଶ୍ୱାଳ ସବୁଜ ପତାକା ଦେଖାଇ ଶୁଭ ଉଦ୍ଘାଟନ କରିଥିଲେ । ଏହି ଅବସରରେ ଜିଲ୍ଲା ଶ୍ରମ ଅଧିକାରୀ କହିଥିଲେ କି, ଉକ୍ତ ସଚେତନତା ରଥ ସହରରେ ବିଭିନ୍ନ ଅଂଚଳ ପରିକ୍ରମଣ ସମୟରେ ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରି ଲୋକମାନେ ଯେମିତି ଶିଶୁ ଶ୍ରମିକ ମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନକରନ୍ତି ସେ ବିଷୟରେ ବାର୍ତ୍ତା ଦେବା ସହ ଲୋକମାନଙ୍କ ମଧ୍ୟରେ ଶିଶୁ ଶ୍ରମିକ ଉଚ୍ଛେଦ ଆଇନ୍‌ରେ ଉଲ୍ଲେଖ ଥିବା ବିଭିନ୍ନ ନିୟମ ନୀତି ବିଷୟରେ ବିସ୍ତୃତ ଭାବେ ବାର୍ତ୍ତା ପହଞ୍ଚାଇବ ଏବଂ ଏହାର ଉଲଘଂନ କଲେ ଦୋଷୀଙ୍କ ବିରୁଦ୍ଧରେ ଉର୍ଦ୍ଦିଷ୍ଟ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ମଧ୍ୟ ଲୋକମାନଙ୍କୁ ଅବଗତ କରାଇବ । ଏଥିରେ ଶ୍ରମଅଧିକାରୀ ଜନସାଧାରଣଙ୍କ ସହଯୋଗ କାମନା କରି କହିଥିଲେ କି, ଏହି ସଚେତନତା ରଥ ମାଧ୍ୟମରେ ଜନସାଧାରଣ ଶିଶୁ ଶ୍ରମିକ ନିୟୋଜିତ ରୁ ନିବୃତ୍ତ ରହିବା ସହିତ ଯଦି କୌଣସି ସ୍ଥାନରେ କୌଣସି ବ୍ୟକ୍ତି ୧୪ବର୍ଷରୁ କମ ବୟସର ପିଲାଙ୍କୁ କାମରେ ନିୟୋଜିତ କରିଥିବାର କିମ୍ବା ୧୫ ବର୍ଷ ରୁ ୧୮ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦ ସଂକୁଳ ବୃତ୍ତି ବା ପ୍ରକ୍ରିୟାରେ ନିୟୋଜନ କରିବାର କାହାର ଦୃଷ୍ଟି ଗୋଚର ହୁଏ ତବେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲ୍ଲାପାଳଙ୍କୁ ଅବଗତ କରିବା ସହିତ ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପ ଲାଇନ୍ ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ ଲାଇନ୍ ନମ୍ବର ୧୦୯୮ ସହିତ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଉଛି । ପ୍ରଶାସନ ତରଫରୁ ମଧ୍ୟ ବିଭିନ୍ନ ସମୟରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଇ ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରି ସେମାନଙ୍କ ଥଇଥାନ ବ୍ୟବସ୍ଥା କରିବା ସହ ସେମାନଙ୍କ ପାଠ ପଢା ଓ ଅନ୍ୟାନ୍ୟ ଆନୁସଙ୍ଗିକ ଦାୟିତ୍ୱ ନିଆଯାଉଛି ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ସେମାନଙ୍କର ସାମଗ୍ରିକ ବିକାଶ ଦିଗରେ ପ୍ରୟନ୍ କରାଯାଉଛି । ଏହାଦ୍ୱାରା ଭବିଷ୍ୟତରେ ସେମାନେ ଜଣେ ଜଣେ ସୁନାଗରିକ ହୋଇ ନିଜକୁ ପ୍ରତିଷ୍ଠିତ କରିବାରେ ସକ୍ଷମ ହୋଇ ପାରିବେ। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଇଂଜିନିୟରିଙ୍ଗ କଲେଜ ଠାରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଜାତୀୟ ଆଇନ ସେବା ପ୍ରାଧିକରଣ ଅଧିନରେ ଚାଇଲ୍ଡ ଫ୍ରେଣ୍ଡଲୀ ଲିଗାଲ୍ ସର୍ଭିସ୍‌ଟୁ ଚିଲଡ୍ରେନ୍ ଏଣ୍ଡ ଦେଆର୍ ପ୍ରଟେକ୍ସନ୍ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏଥିସହିତ 'ଅଧୁରା ସ୍ୱପ୍ନ ନାଟକ ପରିବେଷଣ ଓ 'ଶିଶୁ ଶ୍ରମିକକୁ ନା ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ମିସେସ ରାଜଶ୍ରୀ ପଟ୍ଟନାୟକ, ଜିଲ୍ଲା ଶ୍ରମ ଅଧିକାରୀ, ଚାଇଲ୍ଡ ଲାଇନ୍‌ର ସଦସ୍ୟ, ସିଡବ୍ଲୁସିର ସଦସ୍ୟଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ଜିଲ୍ଲା ଶ୍ରମ ଅଧିକାରୀ କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ମୟୂର କଳାଭୂମୀ ପକ୍ଷରୁ ମାଗଣା ନୃତ୍ୟ ଶିବିର ଉଦ୍‌ଯାପିତ

ବାରିପଦା, (ସବ୍ୟୁ) : ବିଗତ ୧୦ତାରିଖରୁ ବାରିପଦା ଦାରୋଗାଡାହି ସ୍ଥିତ ତୁଳସୀ ମଣ୍ଡପ ଠାରେ ମୟୂରକଳାଭୂମୀ ଆନୁକୂଲ୍ୟରେ ଚାଲିଥିବା ୩ଦିନିଆ ମାଗଣା ନୃତ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବରେ ଜୟ ଦୁର୍ଗା ଫାଉଣ୍ଡେସନର ଚେୟାରମ୍ୟାନ ଡଃ ସୁରେଶ୍ୱରୀ ସାଗରୀକା ଜେନା, ୟୁରୋକିଡ଼ସ ଏବଂ ହୋଟେଲ ଲିଭ୍ୟାର ନିର୍ଦ୍ଦେଶକ ସୁନିତା ଘିବେଲା, ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ଉପସଭାପତି ସାମ୍ବାଦିକ ଦୀପକ କୁମାର ନାୟକ, ପୂର୍ବତନ ଯୁବ ବିଜେଡି ରାଜ୍ୟ ଉପସଭାପତି ତଥା ରଣଜି ଖେଳାଳି ଲଲାଟେନ୍ଦୁ ବେହେରା, ସାମ୍ବାଦିକ ସୟେଦ ସିରାଜୁଦ୍ଦିନ ପ୍ରମୁଖ ଯୋଗଦେଇ ପିଲା ମାନଙ୍କର ପ୍ରତିଭାର ବିକାଶ ପାଇଁ ଏଭଳି କର୍ମଶାଳା ବେଶ ସହାୟକ ହେବ ବୋଲି କହିଥିଲେ । ନୃତ୍ୟ ପ୍ରଶିକ୍ଷିକ ଭାବରେ ଜାମସେଦପୁରର ବିଶିଷ୍ଟ ନୃତ୍ୟ କରିୟଗ୍ରାଫର ଏସ.କେ. ସାହିଲ ଯୋଗଦେଇ ତିନିଦିନ ଧରି ଶତାଧିକ ଶିବିରାର୍ଥୀଙ୍କୁ ନୃତ୍ୟଶିକ୍ଷା ପ୍ରଦାନ କରିଥିଲେ । ଏହି ଅବସରରେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଡଃ ସୁରେଶ୍ୱରୀ ସାଗରୀକା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ସହ ମେଡଲ ପ୍ରଦାନ କରାଯାଇଥିବାବେଳେ, କର୍ମଶାଳା ପ୍ରଦର୍ଶନରେ ପ୍ରଥମ ସ୍ଥାନ ହାସଲ କରିଥିବା ସ୍ରିଷ୍ଟି ସାନଭି ପାତ୍ର ଦ୍ୱିତୀୟ ଦିବ୍ୟଜ୍ୟୋତି ଏବଂ ତୃତୀୟ ସତ୍ୟ ପ୍ରକାଶ ବାରିକଙ୍କୁ ସ୍ୱତନ୍ତ୍ର ଭାବରେ ପୁରସ୍କୃତ କରାଯାଇଥିଲା। ମୟୂର କଳାଭୂମୀ ଅନୁଷ୍ଠାନର ଅର୍ଜୁନ ହାଁସଦାଃ ମଞ୍ଚ ପରିଚାଳନା କରିଥିବାବେଳେ, ଦିଲ୍ଲୀପ କୁମାର ପାତ୍ରଙ୍କ ନେତୃତ୍ୱରେ ଦୀପା ସିଂ, ଧୀରଜ ପାଢ଼ୀ, ତରୁଣ ପରମାଣିକ ଓ ମନୋଜ ମହାକୁଡ଼ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

# ଆଶ୍ରିର୍ବାଦ ଫାଉଣ୍ଡେସନର ନୂଆ କାର୍ଯ୍ୟାଳୟ ଉଦ୍‌ଘାଟନ



କଟକ, (ସ୍ୱପ୍ର) : ସ୍ୱେଚ୍ଛାସେବୀ ସଙ୍ଗଠନ ଆଶ୍ରିର୍ବାଦ ଫାଉଣ୍ଡେସନ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଜାରି ରଖିଛି । ଏ ଅବସରରେ ସ୍ଥାନୀୟ ୫୨ନଂ ୱାର୍ଡ ରାଜେନ୍ଦ୍ରନଗର ଠାରେ ସଙ୍ଗଠନର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଛି । ଅଞ୍ଚଳର ବୟଜ୍ୟେଷ୍ଠ ମହିଳା ମୁରବୀ ଶ୍ରୀମତୀ ସ୍ମୀତା ଧଳ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟାଳୟ ମାଧ୍ୟମରେ ଏଣିକି ଫାଉଣ୍ଡେସନ୍‌ର ସମସ୍ତ କାର୍ଯ୍ୟକ୍ରମର ଟିକନିଖି ହିସାବ ରହିବା ସହିତ ସମସ୍ତ କାର୍ଯ୍ୟକ୍ରମ ସ୍ଥିରିକୃତ ହେବ ବୋଲି ଫାଉଣ୍ଡେସନ୍ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଦେବଦତ୍ତ ଧଳ, ବିରକିଶୋର ସାହୁ, ଗଣେଶ୍ୱର ଜେନା, ମାଗୁଣୀ ଚରଣ ଦାସ, ଜିଜେନ୍ଦ୍ର ଦାସ, ବିନୋଦ ଦାସ, ପ୍ରଦୀପ୍ତ ଦାସ, ଭାଗିରଥୀ ଦାସ, ସୌମ୍ୟରଞ୍ଜନ ସାହୁ, ପ୍ରଦୀପ୍ତ ଦାସ, ସଞ୍ଜିବ କୁମାର ମହାପାତ୍ର, ସ୍ୱରୂପ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରକାଶ ପାଇଲା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଫଳାଫଳ

ବ୍ରହ୍ମପୁର, (ସବ୍ୟୁ): ଚଳିତ ବର୍ଷର ପାସ୍ ହାର ଆଶାନୁରୂପ ରହିଥିବା ନେଇ କର୍ତ୍ତୃପକ୍ଷ ପକ୍ଷରୁ ସୂଚନା ମିଳିଛି। ମୋଟ ୧୮ଟି ବିଭାଗରୁ ୧୩ଟି ବିଭାଗରେ ପାସ ହାର ଶତପ୍ରତିଶତ ରହିଛି। ପ୍ରାଣୀ ବିଜ୍ଞାନ ବିଭାଗର ସଞ୍ଜନା ପଟ୍ଟନାୟକ ସର୍ବାଧିକ ମାର୍କ ରଖିଛନ୍ତି। ସଞ୍ଜନା ୮୯.୭ ପ୍ରତିଶତ ସହ ୯.୬ ସିଜିପିଏ ରହିଛି। ଚଳିତ ଶିକ୍ଷାବର୍ଷର ଖଲ୍ଲିକୋଟ ଏକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର କଳାର ବିଭିନ୍ନ ବିଭାଗରେ ୨୧୩ଜଣ ପରୀକ୍ଷା ଦେଇଥିବାବେଳେ ୨୦୩ ଜଣ ପାସ କରିଛନ୍ତି। ବାଣିଜ୍ୟରେ ୩୮ ଜଣଙ୍କ ମଧ୍ୟରୁ ୩୪ଜଣ ଓ ବିଜ୍ଞାନରେ ୧୬୪ ମଧ୍ୟରୁ ୧୬୨ ପାସ୍ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ମୋଟ ୪୧୫ ଜଣ ପରୀକ୍ଷା ଦେଇଥିବା ବେଳେ ପାସ ୩୯୯ଜଣ କୃତକାର୍ଯ୍ୟ ହୋଇଛନ୍ତି । ନୃତତ୍ତ୍ୱ ବିଭାଗ କଳା ବିଷୟରେ ପ୍ରିୟଦର୍ଶିନୀ ପ୍ରଧାନ, ବିଜ୍ଞାନ ବିଭାଗର ନୃତତ୍ତ୍ୱ ବିଷୟରେ ପୂଜା ପଣ୍ଡା, ବିଜ୍ଞାନ ବିଭାଗ ବାୟୋ ଟେକନଲୋଲଜୀରେ ଏ. ଐଶ୍ୱରୟା, ଉଦ୍ଭିଦ ବିଜ୍ଞାନର ଇପ୍ସିତା ପଲାଇ, ରସାୟନ ବିଜ୍ଞାନର ଇପ୍ସିତା ସେଠୀ, ବାଣିଜ୍ୟରେ ସସ୍ମିତା ପଣ୍ଡା, କମ୍ପ୍ୟୁଟର ବିଜ୍ଞାନରେ ଜ୍ୟୋତିପପ୍ରଭା ସେଠୀ, ଅର୍ଥନୀତିରେ ସୁକନ୍ୟା ସାହୁ, ଶିକ୍ଷାରେ ପୂଜା ରାଣୀ ଦଳାଇ, ଇଂରାଜୀରେ ସ୍ମିତା ରାଣୀ ମହାରଣା, ଭୂତତ୍ତ୍ୱ ବିଜ୍ଞାନରେ ସମ୍ପିତ ପ୍ରଧାନ, ହିନ୍ଦୀରେ ଅର୍ପିତା ଜେନା, ଇତିହାସରେ ଅନିଲ କୁମାର ସାହୁ, ଗଣିତରେ ମୋନାଲିସା ଗଡ଼ନାୟକ, ଓଡ଼ିଆରେ ଗଗନ ରାଉତ, ପଦାର୍ଥ ବିଜ୍ଞାନରେ ଗାୟତ୍ରୀ ଦାସ, ଦର୍ଶନ ଶାସ୍ତ୍ରରେ ଗିରିଜା ଅପାଟ, ରାଜନୀତି ବିଜ୍ଞାନରେ ସୋନାଲି ନାହକ ଓ ପ୍ରାଣୀ ବିଜ୍ଞାନରେ ସଞ୍ଜନା ପଟ୍ଟନାୟକ ସର୍ବାଧିକ ମାର୍କ ରଖିଛନ୍ତି। କୁଳପତି ଡ. ଗୀତାଞ୍ଜଳି ଦାସ, ପରୀକ୍ଷା ନିୟନ୍ତ୍ରକ ତଥା ପିଜି କାଉନସିଲ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ, ଉପ ପରୀକ୍ଷା ନିୟନ୍ତ୍ରକ ଡ.ଉଷାରାଣୀ ରଥ ପ୍ରମୁଖ ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସତ୍ୟସାଇ ବିଦ୍ୟାବିହାରରେ ଆଲୁମିନି ସମ୍ମିଳନୀ

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ସତ୍ୟସାଇ ବିଦ୍ୟାବିହାର ଠାରେ ଆଲୁମିନି ସମ୍ମିଳନୀ ସଭାପତି ପ୍ରକାଶ ଚନ୍ଦ୍ର ଆଳତିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଏକାଠି କରି ବିଦ୍ୟାଳୟର ଉନ୍ନତି ପାଇଁ ଆଲୋଚନା କରାଯାଇଥିଲା। ଏନେଇ ଏକ ୧୧ ଜଣିଆ କମିଟି ଗଠନ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସିମାଞ୍ଚଳ ପାତ୍ର, ପ୍ରଶାସକ ବିଜୟ କୁମାର ପ୍ରଧାନ, ସଭ୍ୟ, – ସ୍ୱରାଜ୍ୟ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟତ୍ରୀ ସନ୍ତୋଷୀ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ଛାତ୍ରଛାତ୍ରୀ ମାନେ ସେମାନଙ୍କର ଅନୁଭୂତି ମନେ ପକାଇ ବିଦ୍ୟାଳୟର ଉନ୍ନତି କିଭଳି ହେବ ସେନେଇ ଆଲୋଚନା କରିଥିଲେ । ଏଥିରେ ସାଇରାମ ସୁବୁଦ୍ଧି –ସଭାପତି, ଭାର୍ଗଭ ପାତ୍ର– ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଏହାସହ ଶିକ୍ଷକ ପ୍ରତିନିଧି ଅକ୍ଷୟ କୁମାର ତ୍ରିପାଠୀ, କିଷାନ୍ କୁମାର ଗନ୍ତାୟତ ପ୍ରମୁଖ ମନୋନୀତ ହୋଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍କର୍ଷତା ପାଇଁ ପୁରସ୍କାର ବିତରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମିଟି ସଦସ୍ୟ ନୀଳମାଧବ ପଣ୍ଡା, ସ୍ୱରାଜ୍ୟ ପାତ୍ର, ରଘୁନାଥ ପତି, ଗୋପାଳ ଚନ୍ଦ୍ର ବେହେରା, ଅଜିତ୍ ଶତପଥୀ ଓ ଅନ୍ୟମାନେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇନ୍ଦିରା ମିଶ୍ର, ପ୍ରଜ୍ଞା ପଣ୍ଡା, ପବିତ୍ରା ରାଉତ ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷକ ଗୋକୁଳାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

### ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର ନୀଳକଣ୍ଠନଗର ପରିସରରେ

# ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ




ବ୍ରହ୍ମପୁର, (ସବ୍ୟୁ): ଗୁରୁବାର ଦିନ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ କରକମଳରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ମା' ପାଇଁ ଗଛଟିଏ ପରିପ୍ରେକ୍ଷୀରେ ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର ପରିସର ମଧ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର ପରିଚାଳନା ସମିତିର ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡଃ. ସୁବ୍ରତ କୁମାର ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଯଥା ମଞ୍ଚାସୀନ ଅତିଥିଭାବେ ବାଣିଜ୍ୟ, ପରିବହନ, ଇସ୍ପାତ ତଥା ଖଣିଜ ବିଭାଗର ବରିଷ୍ଠ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବିଧାୟକ କେ. ଅନୀଲ କୁମାର, ବିଧାୟକ ମନୋରଂଜନ ଦ୍ୟାନସାମନ୍ତରା, ବିଧାୟକ ସରୋଜ କୁମାର ପାଢ଼ୀ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଏବଂ ବି.ଜେ.ପି. ଜିଲ୍ଲା ସଭାପତି ସରୋଜ କୁମାର ସାବତ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେବା ସହ ଉତ୍ସାହିତ କରିଥିଲେ । ନିଜର ଅଭିଭାଷଣରେ ମୁଖ୍ୟଅତିଥି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନିଜ ମା'ଙ୍କ ନାମରେ ଏକ ଚାରା ରୋପଣ କରିବା ପାଇଁ ଆହ୍ୱାନ୍ ଦେଇଥିଲେ । ଏହି ଅବସରରେ ନୀଳକଣ୍ଠ ନଗର ସ୍ୱରସ୍ୱତୀ ଶିଶୁ ମନ୍ଦିରର ପୂର୍ବତନ ଛାତ୍ର, ସ୍ଥାନୀୟ କେଶବ ପ୍ରଭାତ ଶାଖାର ସ୍ୱୟଂସେବକ ଗଣ, ବିଦ୍ୟାଳୟର ସ୍କାଉଟ୍, ଗାଇଡ୍ ଓ ଏନ୍.ସି.ସି ଛାତ୍ରଛାତ୍ରୀ, ଏନ୍.ସି.ସି. ଲ୍ୟାଫ୍‌ଟନାଟ୍ ଶ୍ରୀମତୀ ସ୍ମିତା ପଟ୍ଟନାୟକ, ସି.ଟି.ଓ ବିଘ୍ନେଶ୍ୱରୀ ସାହୁ, ଏ.ଏନ୍.ଓ. ଶାନ୍ତନୁ କୁମାର ବେହେରା, ସ୍କାଉଟ୍ ଗାଇଡ୍‌ର ପରିଚାଳକ ବ୍ରଜକିଶୋର ଦାସ ଏବଂ ଶ୍ରୀମତୀ ପୂର୍ଣ୍ଣିମା ଅଚାର୍ଯ୍ୟ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦିତ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ଉପଦେଷ୍ଟା ଇଂ. ମମତା ପାଣିଗ୍ରାହୀ, ହରେକୃଷ୍ଣ ପାଢ଼ୀ, ପ୍ରସନ୍ନ କୁମାର କର ଓ ଅନୁଷ୍ଠାନର ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ । ଶେଷରେ ଅନୁଷ୍ଠାନର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

### ସରକାର ଛାତ୍ରଛାତ୍ରୀଙ୍କୁ ଟ୍ରେନ ଓ ବସ୍‌ରେ ମାଗଣା ଯାତାୟତ ନେଇ

# ଆରଟିଓଙ୍କୁ ଛାତ୍ର କଂଗ୍ରେସ ପକ୍ଷରୁ ଦାବୀପତ୍ର




ପାରଳାଖେମୁଣ୍ଡି, (ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆଦେଶ କ୍ରମେ ଗଜପତି ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲା କଂଗ୍ରେସ ଉପ-ସଭାପତି ଗରୁଡ ଧ୍ୱଜ ଚୌଧୁରୀ, ପୂର୍ବତନ ଉପ ନଗରପାଳ ସଞ୍ଜୟ ଅଧିକାରୀଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟଳୟ ପରିସରରୁ ଏକ ବିଶାଳ ମୋଟର ସାଇକେଲ ରାଲିରେ ଛାତ୍ର କଂଗ୍ରେସର ଶତାଧିକ ଛାତ୍ର ନେତାମାନେ ସହର ପରିକ୍ରମା କରି ଛାତ୍ରୀ ଓ ପରୀକ୍ଷାର୍ଥୀ ମାନଙ୍କ ପାଇଁ ଦେୟମୁକ୍ତ ବସ/ଟ୍ରେନ ଯାତ୍ରା ଦାବିରେ ପରିବହନ କାର୍ଯ୍ୟଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଅନୁଷ୍ଠିତ ଏକ ସଭାରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଜିଲ୍ଲା କଂଗ୍ରେସ ଉପ ସଭାପତି ଗରୁଡ଼ ଧ୍ୱଜ ଚୌଧୁରୀ ଉଦବୋଧନ ଦେଇ କହିଥିଲେଯେ, ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୁରୁବାର ଛାତ୍ର କଂଗ୍ରେସର ନେତାମାନଙ୍କ ଦ୍ୱାରା ଏକ ଆନ୍ଦୋଳନ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆଗାମୀ ଦିନରେ ସ୍କୁଲ, କଲେଜ ଏଂ ଇଣ୍ଟରଭ୍ୟୁ ଦେବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କୁ ବସ୍ ଓ ଟ୍ରେନରେ ମାଗଣାରେ ଯାତ୍ରା କରିବାକୁ ଦେବାକୁ ରାଜ୍ୟ ଓ କେନ୍ଦ୍ରର ଡବଲ ଇଞ୍ଜିନ ସରକାର ପଦକ୍ଷେପ ନେବାକୁ ଦାବି କରିଥିଲେ । ଏହି ଅବସରରେ ଏକ ସ୍ମାରକପତ୍ର ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଜିଲ୍ଲା କଂଗ୍ରେସ ଓ ଛାତ୍ର କଂଗ୍ରେସ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ମହିଳା କଂଗ୍ରେସ ନେତ୍ରୀ ଜସ୍ମିନ୍ ସେଖ୍, ବଳିଆ ପଣ୍ଡା , ସୂର୍ଯ୍ୟ ନାରାୟଣ ପାତ୍ର, ତ୍ରିନାଥ ପାତ୍ର, ସଂଗ୍ରାମ ସାହୁ, କୁନା ମାଝୀ, ମୁନା ମହାରଣା, ପାର୍ଥ ପାଳ, ବାବୁଲି ସାହୁ, ଆଇନଜୀବୀ ଅଶୋକ ଅଧିକାରୀ, ରାଧାକାନ୍ତ ରଥ, କୁରା ପରିଡା ସମେତ ମୋହନା, ଆର ଉଦୟଗିରି, ନୂଆଗଡ, ରାୟଗଡ ବ୍ଲକ ସମେତ ପାରଳାଖେମୁଣ୍ଡିରୁ ଶତାଧିକ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ମହିଳା କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ପଞ୍ଚାୟତସ୍ତରୀୟ 'ସେବା ଓ ବିକାଶ ବାହାନ ଯାତ୍ରା'



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଚଳକୀ ଓ ବାନ୍ଧୁପଲା ଗ୍ରାମ ପଞ୍ଚାୟତସ୍ତରୀୟ 'ସେବା ଓ ବିକାଶ ବାହାନ ଯାତ୍ରା' ଉପରେ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହା ପୂର୍ବରୁ ବ୍ଲକ କାର୍ଯ୍ୟାଳୟରେ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣର ସିଧାପ୍ରସାରଣ ଶୁଣିବା ପରେ ବିକାଶ ବାହାନ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ବିଡ଼ିଓ ବାସନ୍ତୀ ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର,ସିଡିପିଓ ପୂର୍ଣ୍ଣିମା ବୈଠାରୁ, ,ସାଂସଦ ପ୍ରତିନିଧି ଶ୍ରୀବସ ବେହେରା,ବିଧାୟକ ପ୍ରତିନିଧି ପୁରନ୍ଦର ବାଗ,ଗଙ୍ଗାଧର ହେର୍ଣ୍ଣା,ବ୍ଲକ ବିତ୍ତ ଅଧିକାରୀ ତଥା ନୋଡାଲ ଅଧିକାରୀ ଘେନୁରାମ ତାଣ୍ଡି, ଜିପିଡିଓ ଗଙ୍ଗାଧର ଛତର,ଡବ୍ଲୁଇଓ ଭୀମରାମ ମାଝୀ, ବିଏସଏସଓ ରିଙ୍କୁ ମେହେର,ସିପି ରଞ୍ଜିତ ପୁଟେଲ ପ୍ରମୁଖଙ୍କ ସହ ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ଚଳକୀ ପଞ୍ଚାୟତରେ ଅନୁଷ୍ଠିତ ସଚେତନତା ଶିବିରରେ ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର, ସରପଞ୍ଚ ମମତା ପ୍ରଧାନୀ,ସମିତି ସଭ୍ୟ ଦିଲ୍ଲୀପ ଭୋଇ,ଜିପିଡିଓ ଗଙ୍ଗାଧର ଛତର,ପିଇଓ ଆସ୍ତିକ ପୁଟେଲ, ବିଧାୟକ ପ୍ରତିନିଧି ପୁରନ୍ଦର ବାଗ, ଗଙ୍ଗାଧର ହେର୍ଣ୍ଣା,ଗୁଡିଘାଟ ମଣ୍ଡଳ ସଭାପତି ରାମୁ କୁମ୍ଭାର ଉପସ୍ଥିତ ଥିଲେ।

ସେହିପରି ବାନ୍ଧୁପଲା ପଞ୍ଚାୟତରେ ଅନୁଷ୍ଠିତ ସଚେତନତା ଶିବିରରେ ସରପଞ୍ଚ ପ୍ରିୟବ୍ରତ ପ୍ରଧାନୀ,ସମିତି ସଭ୍ୟ ଜଳନ୍ଧର ପ୍ରଧାନୀ, ପିଇଓ ଦୁର୍ଯୋଧନ ମେହେର,ବିଧାୟକ ପ୍ରତିନିଧି ପୁରନ୍ଦର ବାଗ,ଗଙ୍ଗାଧର ହେର୍ଣ୍ଣା, ଗୁଡିଘାଟ ମଣ୍ଡଳ ସଭାପତି ରାମୁ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ଏହିଅବସରରେ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନା,ରାସନ କାର୍ଡ ଓ ବାର୍ଦ୍ଧକ୍ୟ ଭତ୍ତା ଭଳି ବିଭିନ୍ନ ପ୍ରକାରର ୧୧ଟି ଯୋଜନାର ସେବା ପ୍ରଦାନ କରାଯାଇଥିଲା। ସଚେତନତା ଶିବିର ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ବ୍ଲକର ସମସ୍ତ ପଞ୍ଚାୟତରେ ଅନୁଷ୍ଠିତ ହେବ ବୋଲି ବିଡ଼ିଓ ଶ୍ରୀମତୀ ସେଠୀ ପ୍ରକାଶ କରିଛନ୍ତି।

# ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ନେଇ କୃଷକ ଶକ୍ତି ସମାବେଶ ସମୀକ୍ଷା



ବଲାଙ୍ଗିର,(ସବ୍ୟୁ): ବୁଧବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ,ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ରବି ନାରାୟଣ ନାଏକ ଦିନିକିଆ ଜିଲ୍ଲା ଗସ୍ତରେ ଆସି ସ୍ଥାନୀୟ ଡିଏଫଓ ସମ୍ମିଳନୀ କକ୍ଷରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାର ସୁଫଳ ଲୋକମାନଙ୍କ ପାଖେ ପହଞ୍ଚାଇବା ପାଇଁ ଉଭୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେହିପରି ଆସନ୍ତା ୧୭ ତାରିଖ ପଥରଚେପା ପଡିଆରେ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ ଅନୁଷ୍ଠିତ ହେବ । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବେ । ବିଭିନ୍ନ ଜିଲ୍ଲାରୁ ଦଶ ହଜାର ରୁ ଅଧିକ ଚାଷୀଙ୍କ ସମାଗମ ହେବ ବୋଲି ଆଲୋଚନା ହୋଇଥିଲା। ସେ ବାବଦରେ ମଧ ସମୀକ୍ଷା ହୋଇଥିଲା । ଚାଷୀମାନଙ୍କ ପାଇଁ କୃଷିକ୍ଷେତ୍ର ରେ ଯାହା ଗତ ବର୍ଷେ ମଧରେ ଯୋଜନା ହୋଇଛି ଏବଂ ଆଗାମୀ ଯୋଜନା ଗୁଡିକ ଫୋକସରେ ରହିବ । ଜିଲ୍ଲାର ସମସ୍ତ ଅଞ୍ଚଳର ଆମ୍ଭକୁ ନେଇ ଏକ ପ୍ରଦର୍ଶନୀ , ମା ପାଇଁ ଗଛଟିଏ ରେ ଚାରା ଯୋଗାଣ, ୧୦ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧନା ଦେବା ସ୍ଥିରୀକୃତ ହୋଇଥିଲା । ସମାବେଶ କୁ ସଫଳ କରିବାକୁ ଉପମୁଖ୍ୟମନ୍ତ୍ରୀ ଏବଂ ପ୍ରଭାରି ମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ସମୀକ୍ଷା ବୈଠକ ଆରମ୍ଭରେ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇସାଲଓ୍ୱାର ସ୍ୱାଗତ ଭାଷଣ ଦେବା ସହ ପ୍ରାକ ସୂଚନା ପ୍ରଦାନ କରିଥିଲେ । ପରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ବୈଠକରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗ ନିର୍ଦ୍ଦେଶକ ଶୁଭମ ସକ୍ସେନା , ଓଡିଶା ରାଜ୍ୟ ସହକାରୀ ଦୁଗ୍ଧ ଉତ୍ପାଦକ ସଂଘର ମ୍ୟାନେଜିଂ ଡାଇରେକ୍ଟର ବିଜୟ ଅମୃତ କୁଲାଙ୍ଗେ, ଜିଲ୍ଲା ଏସପି ଅଭିଳାଷ ଜୀ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ ବିଜୟାନନ୍ଦ ସେଠୀ ସମସ୍ତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ଗଜାନନ ବେଶରେ ଦର୍ଶନ ଦେଲେ ମହାପ୍ରଭୁ



ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ଦେବସ୍ନାନ ପୂର୍ଣ୍ଣିମା ଓ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି । ରେଢ଼ାଖୋଲ ବ୍ରହ୍ମ ସମାଜ ଓ ଦେବୋତ୍ତର ବୋର୍ଡ ମିଳିତ ସହଯୋଗରେ ଦେବ ସ୍ନାନପୂର୍ଣ୍ଣମୀ ଏବଂ ଗଜାନନ ବେଶ ପାଳିତ ହୋଇଥିଲା । ୧୦୮ ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରିବା ପରେ ଠାକରଙ୍କୁ ସୁସଜ୍ଜିତ ସୁନ୍ଦର ମୟ ଗଜାନନ ବେଶ କରାଯାଇଥିଲା । ଭଗବାନଙ୍କ ଏହି ଗଜାନନ ବେଶକୁ ଦେଖିବାକୁ ରେଢ଼ାଖୋଲ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା ।

# ନିର୍ବାଚନ ପ୍ରତିଶ୍ରୁତି ପୂରଣ ପାଇଁ ସରକାର ପ୍ରତିବଦ୍ଧ : ଉପମୁଖ୍ୟମନ୍ତ୍ରୀ

ସମ୍ବଲପୁର,(ସବ୍ୟୁ): ଗରିବର କଲ୍ୟାଣ, କୃଷକର ବିକାଶ ଓ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଏହି ସରକାରର ଲକ୍ଷ୍ୟ । ଏହା ଲୋକଙ୍କ ସରକାର । ଗାଁରୁ ଆସୁଥିବା ଚିଠି ଅନୁଯାୟୀ ରାଜ୍ୟରେ ନୀତି ନିର୍ଦ୍ଧାରଣ ହୋଉଛି । ନିର୍ବାଚନ ବେଳେ ୨୧ଟି ପ୍ରତିଶ୍ରୁତି ଦିଆଯାଇଥିଲା । ୧ବର୍ଷ ମଧ୍ୟରେ ୧୧ଟି ପ୍ରତିଶ୍ରୁତି ପୂରଣ ହୋଇଛି । ନିର୍ବାଚନ ବେଳେ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ ପାଇଁ ମୋହନ ସରକାର ପ୍ରତିବଦ୍ଧ ଅଟେ । ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ବିଜେପି ପକ୍ଷରୁ ଆୟୋଜିତ ବୁଦ୍ଧିଜୀବୀ ସମାବେଶରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇ ଏହା କହିଥିଲେ । ସେ ଆହୁରି କହିଥିଲେ ଯେ, ଆମେ ସରକାରକୁ ଆସିବା ପରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ୪ଦ୍ୱାର ଖୋଲିବା, ପ୍ରତି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନାରେ ବର୍ଷକୁ ୧୦ହଜାର ଟଙ୍କା ପ୍ରଦାନ, ମହିଳା ସଶକ୍ତିକରଣ ପାଇଁ ୧୭ଲକ୍ଷ ଲକ୍ଷ୍ୟପତି ଦିଦି ସୃଷ୍ଟି, କୃଷି ଓ କୃଷକଙ୍କୁ ପ୍ରାଧ୍ୟାନ୍ୟ, ଧାନ କ୍ୟୁଣ୍ଟାଲ ପିଛା ୩୧୦୦ଟଙ୍କା, ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସମ୍ବଲପୁରକୁ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ କରାଯାଉଛି । ଏହାଦ୍ୱାରା ଅର୍ଥନୈତିକ ମଜବୁତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ତେବେ ମୋ ସ୍ୱପ୍ନର ସମ୍ବଲପୁର ସାଧାରଣ ଲୋକେ ଦେଖିବା ଉଚିତ୍।

ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଚାଲିଛି । ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଶାସନାଧିନ । ସରକାରଙ୍କ ମଧ୍ୟରେ ଭଲ ସମନ୍ୱୟ ଯୋଗୁଁ ଦ୍ରୁତଗତିରେ ଅଭିବୃଦ୍ଧି ହେଉଛି । ରାଜ୍ୟରେ ନୂତନ ସରକାର ଆସିବା ପରେ ଆୟୁଷ୍ମାନ ଯୋଜନା ଲାଗୁ କରାଯାଇଛି । ଓଡିଆ ଅସ୍ମିତା ପାଇଁ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଖୁବ୍‌ଶୀଘ୍ର ଓଡିଆ ଅସ୍ମିତା ଭବନ ନିର୍ମାଣ କରାଯିବ । ମୋଦି ସରକାରଙ୍କ ୧୧ବର୍ଷ ଓ ମୋହନ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ସାମ୍ବାଦିକ ସମ୍ମିଳନୀ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ସଫଳତା ଏବଂ ଯୋଜନା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଏଥିରେ ବିଜେପି ରାଜ୍ୟ ଉପସଭାପତି ନାଉରୀ ନାୟକ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ ହୋତା, ବରଗଡ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିଜେପୁର ବିଧାୟକ ସନତ ଗଡତିଆ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ବିଜେପି ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ମଞ୍ଚାସୀନ ଥିଲେ ।

# ଛାତ୍ର କଂଗ୍ରେସ ପକ୍ଷରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଜିଲ୍ଲା ଆଞ୍ଚଳିକ ପରିବହନ କାଯ୍ୟାଳୟ ସମ୍ମୁଖ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକ ଦାବିପତ୍ର ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ । ଦାବିପତ୍ରରେ ସରକାରୀ ବସ ରେ ଛାତ୍ର ଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ବସ ଭଡା ଛାଡ ଓ ଘରୋଇ ବସରେ ଶତକଡା ୫୦ ଭାଗ ରିହାତି ଦେବାକୁ ଦାବି କରା ଯାଇଛି। ଜିଲ୍ଲା ଛାତ୍ର କଂଗ୍ରେସ ସଂଯୋଜକ ପ୍ରତ୍ୟୁଷ ମହାନନ୍ଦଙ୍କ ନେତୃତ୍ୱରେ ଏକ ବାଇକ୍ ରାଲି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା କରି ଆଞ୍ଚଳିକ ପରିବହନ କର୍ଯ୍ୟାଳୟ ଠାରେ ପହଞ୍ଚି ଥିଲା। କାର୍ଯ୍ୟକ୍ରମରେ ସ୍ମୃତି ରଞ୍ଜନ ପାତ୍ର, ଆଶୁତୋଷ ସେଠୀ, ମାନସ ରଞ୍ଜନ କୁମ୍ଭାର, ରଘୁନାଥ କହଁର , ଜିତେନ୍ଦ୍ର ଦେହୁରୀ, ସଞ୍ଜୀବ ତାଣ୍ଡିଆ ଙ୍କ ସମେତ ଜିଲ୍ଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର,ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ମହିଳା କଂଗ୍ରେସର ସନ୍ଧ୍ୟାରାଣୀ ସିଂହ, ମମତା ପଣ୍ଡା, ସୁଶାନ୍ତ ମଲ୍ଲିକ, ପ୍ରତାପ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଦୁଗ୍ଧ ଚାଷୀ

ବୌଦ୍ଧ,(ସବ୍ୟୁ) : ଦୁଗ୍ଧର ମୂଲ୍ୟ ବୃଦ୍ଧି ଦାବିରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ସାକୁସିଙ୍ଗା ଗ୍ରାମର ଦୁଗ୍ଧଚାଷୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ମତେ, ସାକୁସିଙ୍ଗା ଦୁଗ୍ଧ ସମବାୟ ସମିତିର ଦୁଗ୍ଧ ଚାଷୀମାନେ ପ୍ରାୟ ୫ ବର୍ଷ ହେବ ଦୁଗ୍ଧ ସମବାୟ ସମିତିରେ ଦୁଗ୍ଧ ଦେଇଆସୁଥିଲେ । ହେଲେ ଏବେ ଏକ ବର୍ଷ ହେବ ସମିତିର ଦୁଗ୍ଧ ମାପ ଯନ୍ତ୍ର ଅସଜଡା ହୋଇ ପଡିଥିବାରୁ ଦୁଗ୍ଧଚାଷୀ ଲିଟର ପ୍ରତି ଉଚିତ ମୂଲ୍ୟ ପାଇପାରୁନାହାନ୍ତି ।ତେଣୁ ଏହାକୁ ସଜାଡିବାକୁ ସଭାପତି ଓ ସଂପାଦକଙ୍କୁ ଦାୟୀତ୍ୱ ଦିଆଯାଇଥିଲା । ହେଲେ ସେମାନେ ସଜାଡିଲେ ନାହିଁ । ଏନେଇ ଚାଷୀମାନେ ହରଭଙ୍ଗା ବ୍ଲକର ସୁପରଭାଇଜରଙ୍କୁ ଦୁଗ୍ଧର ମୂଲ୍ୟ ବୃଦ୍ଧି ପାଇଁ ଅନୁରୋଧ କରିଥିଲେ । ହେଲେ ଚାଷୀଙ୍କ କଥା ଶୁଣି ନ ଥିଲେ । ତେଣୁ ଚାଷୀମାନେ ଏହାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି ।

# ପୋଲିସ ପକ୍ଷରୁ ୨୧୧୭ ୟୁନିଟ ରକ୍ତ ସଂଗ୍ରହ




ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡା ସହର ମଙ୍ଗଳବଜାର ସ୍ଥିତ ସ୍ପୋର୍ଟ୍ସ ଅଡିଟରିୟମ ଠାରେ ଝାରସୁଗୁଡା ପୋଲିସ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ବହୁ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ । ସମୁଦାୟ ୨୧୧୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିର ଟି ଏସପି ଅଧିକ୍ଷକ ପି ସ୍ମିତ ପରମାରଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଏସଡିପିଓ ଉମାଶଙ୍କର ସିଂ, ମଧୁସିକ୍ତା ମିଶ୍ରଙ୍କ ସମେତ ଜିଲ୍ଲାର ସମସ୍ତ ଆଇ ଆଇ ସି , ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

# ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ କାଉନସିଲରଙ୍କ ଅସନ୍ତୋଷ

ପଦ୍ମପୁର,(ସବ୍ୟୁ): ଗତ ଦୁଇ ମାସ ପୂର୍ବରୁ ପଦ୍ମପୁର ଏନ୍ ଏ ସି ନିର୍ବାହୀ ଅଧିକାରୀ ଭାବରେ ଜଣେ ଯୁବ ଆଇଏଏସ୍ ତଥା ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଣେ ଯୁବ ଆଇଏଏସ୍‌ଙ୍କ ଦାୟିତ୍ୱ ଗ୍ରହଣ ପରେ ପଦ୍ମପୁର ଏନ୍ ଏ ସି ରେ କିଛି ପରିବର୍ତ୍ତନର ଆଶା ନେଇ ଜନସାଧାରଣଙ୍କ ସହ କାଉନସିଲର ମାନେ ମଧ ଅତ୍ୟନ୍ତ ଖୁସି ହୋଇଥିଲେ । ଓଡିଶାରେ ନୂତନ ସରକାର ଗଠନ ପରେ ସହରରେ ଧିମେଇ ଯାଇଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ପୁଣି ଆରମ୍ଭ ତଥା ଆହୁରି ଅନେକ ନୂଆ ପ୍ରକଳ୍ପ କାମ ହେବ ବୋଲି ସମସ୍ତ କାଉନସିଲର ମାନେ ଆଶା ବାନ୍ଧିଥିଲେ । ହେଲେ ଉପଜିଲ୍ଲାପାଳ ଏନଏସିର ଦାୟିତ୍ୱ ଗ୍ରହଣ କରିବା ଦିନରୁ ଏନଏସି ଏକ ପ୍ରକାର ସ୍ଥାନୁ ପାଲଟି ଯାଇଥିବା ଯୁବ କାଉନସିଲର ପ୍ରିୟରଞ୍ଜନ ଭୋଇ ଅଭିଯୋଗ କରିଛନ୍ତି । ସେ ଆହୁରୀ ଅଭିଯୋଗ କରିଛନ୍ତି କି ସାଧାରଣ ଲୋକେ ଆପତ୍ତି ଅଭିଯୋଗ ପାଇଁ କାର୍ଯ୍ୟାଳୟକୁ ଆସି ନିର୍ବାହୀ ଅଧିକାରୀଙ୍କୁ ନ ପାଇ ନିରାଶ ହୋଇ ଫେରୁଛନ୍ତି । ସହରର ଅନେକ ସ୍ଥାନରେ ପାନୀୟ ଜଳ ଯୋଗାଣ ପାଇପରେ ଡ୍ରେନ ପାଣି ପଶି ଘର ମାନଙ୍କୁ ଯୋଗାଣ କରାଯାଉଛି । ଏ ସମ୍ପର୍କରେ ମଧ ଅନେକ ଥର ଅଭିଯୋଗ କରିଥିଲେ ମଧ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ବର୍ଷା ପୂର୍ବରୁ ସହରର ବର୍ଷାଜଳ ନିଷ୍କାସନର ସୁବ୍ୟବସ୍ଥା କରିବା ପାଇଁ ଆଜି ପର୍ଯ୍ୟନ୍ତ ସରକାରୀ ଅଧିକାରୀଙ୍କ କୌଣସି ଆନ୍ତରିକତା ଦେଖାଯାଉ ନ ଥିବା କାଉନସିଲର ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ପଦ୍ମପୁର ସହରର ଉନ୍ନତିକରଣ ସକାଶେ ପଦକ୍ଷେପ ନେବାକୁ କାଉନସିଲର ଶ୍ରୀ ଭୋଇ ଦାବି କରିଛନ୍ତି ।

# ଘାଟିରେ ଆମ୍ବୁଲାନ୍ସ ଦୁର୍ଘଟଣା

ରାୟଗଡା,(ସବ୍ୟୁ): ବ୍ରହ୍ମପୁରରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୩୨୬ ଜାତୀୟ ରାଜପଥର ପଦ୍ମପୁର ବ୍ଲକ ଗୋଇବନ୍ଧ ଘାଟିରେ ଭାରସାମ୍ୟ ହରାଇ ଓଲଟିଲା ୧୦୮ ଆମ୍ବୁଲାନ୍ସ । ଆମୁଲାନ୍ସଟି ବିଳମ୍ବିତ ରାତିରେ ରାୟଗଡ଼ା ଫେରିବା ସମୟରେ ୩୦ଫୁଟ ତଳକୁ ଓଲଟ ଥିଲା । ଫାର୍ମାସିଷ୍ଟ ଗୁରୁତର ଆହତ ହୋଇଥିବା ବେଳେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି । ତେବେ ସେହି ସମୟରେ ଆଉ ଏକ ଆମ୍ବୁଲାନ୍ସ ରାୟଗଡ଼ା ଫେରୁଥିଲା ଗୁରୁତର ଫାର୍ମାସିଷ୍ଟ ଏବଂ ଡ୍ରାଇଭର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପହଞ୍ଚିଥିବା ଜଣା ପଡିଛି। ସକାଳୁ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଅଧିକ ଅନୁସନ୍ଧାନ ଜାରି ରଖିଥିଲା ।

# ସିଗିନାଲ ଟ୍ରାଫିକ ବ୍ୟବସ୍ଥା ଦାବି

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହରର ସୌନ୍ଦର୍ଯ୍ୟକରଣ କରାଯାଇଛି । ଜନଗହଳିପୂର୍ଣ୍ଣ ଛକ ଗୁଡିକରେ ସୁଉଚ୍ଚ ସ୍ଥାପତ୍ୟ ମଡେଲ ସ୍ଥାପନ କରାଯାଇଛି । ଟ୍ରାଫିକ ପୋଷ୍ଟରେ ଏହା ସ୍ଥାପନ ପରେ ଯାନବାହାନ ନିୟନ୍ତ୍ରଣରେ ଅନେକ ଅସୁବିଧା ଦେଖାଯାଉଛି । ଏପରିକି ଟ୍ରାଫିକ ପୋଲିସ ଛିଡା ହେବା ପାଇଁ ମଧ୍ୟ ଜାଗା ନାହିଁ । ଏହାକୁ ଦୃଷ୍ଟିରେ ରଖି ସିଗିନାଲ ଟ୍ରାଫିକ ବ୍ୟବସ୍ଥା କରିବାକୁ ଦାବି ହୋଇଛି । ବୁଧବାର ସଚେତନ ନାଗରିକଙ୍କ ଏକ ପ୍ରତିନିଧି ଦଳ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସମ୍ବଲପୁର ସହରରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଛି । ସଂକୀର୍ଣ୍ଣ ରାସ୍ତା ଓ ଜବରଦଖଲ ଯୋଗୁଁ ଟ୍ରାଫିକ ସମସ୍ୟା ଦେଖାଯାଉଛି । ଏହାଦ୍ୱାରା ଛୋଟବଡ ଦୁର୍ଘଟଣା ମାନ ଘଟୁଛି । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଛକ ଓ ରାସ୍ତା ଗୁଡିକରେ ସିଗିନାଲ ଟ୍ରାଫିକ ବ୍ୟବସ୍ଥା କରିବାକୁ ଗୋକୁଳ ମେହେର, ନଟୁ ଗୋପାଳ, ତ୍ରିନାଥ ରଣବିଡା, ସୁବୋଧ ବେହେରା, ବାଲ୍ମିକୀ ନାଏକ, ମହମ୍ମଦ ଇସାକ, ସୁବ୍ରତ ସାହୁ, ପ୍ରଦୀପ ପରିଡା, ପ୍ରଦୀପ କୁମାର ବେହେରା ପ୍ରମୁଖ ଦାବି କରିଛନ୍ତି ।

# ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ନେଇ କାର୍ଯ୍ୟକ୍ରମ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ବିଜେପି ପକ୍ଷରୁ ଗୁରୁବାର ସ୍ଥାନୀୟ ସର୍କିଟ ହାଉସ ଠାରେ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କର ୧ ବର୍ଷ ପୂର୍ତ୍ତି ଅବସରରେ ଗଣମାଧ୍ୟମକୁ ଅବଗତ କରାଯାଇଥିଲା । ଏନେଇ ସାମ୍ବାଦିକ ସମ୍ମିଳନି ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗୃହ ଏବଂ ନଗର ଉନ୍ନୟନ ଓ ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ ଡ.କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟର ବର୍ଣ୍ଣନା କରିଥିଲେ । ରାଜ୍ୟ ସରକାର ଲୋକଙ୍କ ୨୧ଟି ପ୍ରତିଶୃତି ଦେଇଥିଲା । ସେଥିମଧ୍ୟରୁ ୧ ବର୍ଷ ମଧରେ ସରକାର ୧୧ଟି ପ୍ରତିଶୃତି ପାଳନ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ । ସାମ୍ବାଦିକ ସମ୍ମିଳନିରେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କନ୍ଧମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ, ମୁଖ୍ୟ ପ୍ରବକ୍ତା ବିପ୍ର ଚରଣ ମହାନ୍ତି,ମନରଂଜନ ଦାସ,ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ,ଜିଲ୍ଲା ସାଧାରଣ ସଂପାଦକ ସୁଶାନ୍ତ ବାଘ,ଯୁଗଳ କିଶୋର ସାମଲ ପ୍ରମୁଖ ଦଳିୟ ନେତା ଓ କର୍ମୀ ଉପସ୍ଥିତ ଥିଲେ । ମନ୍ତ୍ରୀ ଶ୍ରୀ ମହାପାତ୍ର ସକାଳେ ମର୍ଜାକୁଦ ସ୍ଥିତ କୁଲାଟିକୁଦ, ନବ ନିର୍ମାଣ ବସଷ୍ଟାଣ୍ଡ, ପୁରୁଣା ଦୈନିକ ବଜାର. ମହାନଦୀ ଆଳତି ଘାଟ ପରିଦର୍ଶନ କରିବା ସହିତ ଚନ୍ଦ୍ରଚୂଡ ମନ୍ଦିର ଯାଇ ଠାକୁର ଦର୍ଶନ କରିଥିଲେ । ଏହା ସହିତ ସହରର ବିଭିନ୍ନ ଅଂଚଳ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରି ସମସ୍ୟା ବିଷୟରେ ଆଲୋଚନା କରିଥିଲେ ।

# କୁକୁଡ଼ା ଫାର୍ମରୁ ଗଞ୍ଜେଇ,ବନ୍ଧୁକ,ଗୁଳି ଜବତ



କନ୍ଧମାଳ,(ସବ୍ୟୁ): କନ୍ଧମାଳ ବ୍ଲକ ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ ଥମିବାର ନା ନେଉନାହିଁ । ଗଞ୍ଜେଇ ମାଫିଆଙ୍କ ପାଇଁ ଏହି ଉପଖଣ୍ଡ ଲେଉଟିଆ ଶାଗ କିଆରି ପାଲଟିଛି । ଗଞ୍ଜେଇ ମୁକ୍ତ ଓଡ଼ିଶା ପାଇଁ ବୌଦ୍ଧ ଜିଲ୍ଲା ଏସପିଙ୍କ କଡା ନିର୍ଦ୍ଦେଶ କ୍ରମେ ଜିଲ୍ଲାର ପ୍ରତ୍ୟେକ ଥାନାର ପୁଲିସମାନେ ଦେଖାଇଛନ୍ତି ତତ୍ପରତା । ଗୁରୁବାର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇଥିଲା କନ୍ଧମାଳ ଥାନା ପୋଲିସ । ସୂଚନାପ୍ରକାରେ ଏହି ଥାନାର ଆଭ୍ୟନ୍ତରୀଣ ବରଗାଁ ପଞ୍ଚାୟତ ଘୁଚାଙ୍ଗି ଗ୍ରାମର ବରୁଣ ରଣାଙ୍କ କୁକୁଡ଼ା ଫାର୍ମରେ ବୁଧବାର ସବ ଇନ୍ସପେକ୍ଟର ମଧୁସ୍ମିତା ପ୍ରଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ଖାନତଲାସୀ କରିବାରୁ ଫାର୍ମ ଭିତରୁ ବହୁ ପରିମାଣର ଗଞ୍ଜାଇ ସହ ଗୋଟିଏ ଦେଶୀ ବନ୍ଧୁକ, ୫ଟି ଜୀବନ୍ତ ଗୁଳି, ନଗଦ ୧୬ହଜାର ୪ଶହ ଟଙ୍କା, ଗୋଟିଏ ମୋବାଇଲ ଜବତ କରିଥିବାବେଳେ ଅଭିଯୁକ୍ତ ଚମ୍ପଟ ମାରିଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବାରୁ ଏହାର ପରିମାଣ ୭୦କେଜି ହୋଇଥିଲା । ଏନେଇ କନ୍ଧମାଳ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରିରଖିଥିବା ଥାନାଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

# ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ, ଜିଲ୍ଲା ଶ୍ରମିକ ମହାସଂଘର ସମସ୍ୟା ଶୁଣିଲେ ମନ୍ତ୍ରୀ



ନୂଆପଡା,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ରାଜ୍ୟର ନବ ଗଠିତ ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ବିକାଶ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଷ ରାମ ସିଂହ ଖୁଣ୍ଟିଆ । ସ୍ଥାନୀୟ ସର୍କିଟ ହାଉସ ଠାରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଓ ନୂଆପଡା ଜିଲ୍ଲା ଶ୍ରମିକ ମହାସଂଘ ପକ୍ଷରୁ ପୃଥକ ପୃଥକ ଭାବେ ଦୁଇଟି ଦାବୀ ପତ୍ର ପ୍ରଦାନ କରି ଆଲୋଚନା କରାଯାଇଥିଲା । ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଦୁଇଟି ପ୍ରତିନିଧି ମଣ୍ଡଳୀ ମନ୍ତ୍ରୀଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ସମ୍ବଳିତ ଦାବୀ ପତ୍ର ପ୍ରଦାନ କରିଥିଲେ। କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ସମସ୍ତ ସିଜିନାଲ ଷ୍ଟାଫ୍‌ଙ୍କ ଦରମା ବୃଦ୍ଧି, ଅବସର ସମୟ ୬୨ ବର୍ଷରୁ ୬୫ବର୍ଷକୁ ବୃଦ୍ଧି, ବନ୍ଧେଇ କୁଲିଙ୍କ ମଜୁରୀ ବୃଦ୍ଧି, ସୁନାବେଡା ଅଭୟାରଣ୍ୟରେ ସେଠିକାର ଅଧିବାସୀଙ୍କୁ ସଂଗ୍ରହ ଅଧିକାର ପ୍ରଦାନ, ଖରିଆର୍ ଡିଭିଜନର ବାକି ଫାଲ ୟୁନିଟକୁ ସମ୍ପୂର୍ଣ୍ଣ ପ୍ରୋସେସ କରିବା, ସାମାଜିକ କଲ୍ୟାଣ ଯୋଜନାରେ ବାଦ୍ ପଡ଼ିଥିବା ଅନ୍ୟାନ୍ୟ ସୁବିଧା ଲାଗୁ କରିବା ଇତ୍ୟାଦି ଦାବୀ ଗୁଡ଼ିକ ଉପରେ ଆଲୋଚନା ହୋଇଥଲା। ଠିକ ସେହିପରି ନୂଆପଡା ଜିଲ୍ଲା ଶ୍ରମିକ ମହାସଂଘ ପକ୍ଷରୁ ଦାଦନ ମୁକ୍ତ ଜିଲ୍ଲା ପାଇଁ ପେକେଜ ଓ ପଦକ୍ଷେପ, ଖାରିଆର୍ ରୋଡ଼ରୁ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଖରିଆର ରୋଡ଼ରୁ ନୂଆପଡାକୁ ତୁରନ୍ତ ସ୍ଥାନାନ୍ତରଣ କରିବା, ନିର୍ମାଣ ଶ୍ରମିକଙ୍କୁ ପୂର୍ବବତ ସୁରକ୍ଷା ଉପକରଣ ଓ ସାଇକେଲ ପ୍ରଦାନ, ପ୍ରତ୍ୟେକ ବ୍ଲକ୍ ରେ ସହକାରୀ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଖୋଲିବା, ନୂଆପଡା ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଖାଲିଥିବା ଅଧିକାରୀ ଓ କର୍ମଚାରୀ ପଦବୀ ପୂରଣ କରିବା, ମନରେଗା ଦୁର୍ନିତୀର ତଦନ୍ତ ଓ ବକେୟା ଥିବା ପାଞ୍ଚ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ତୁରନ୍ତ ପ୍ରଦାନ କରିବା ଇତ୍ୟାଦି ଦାବୀ ନେଇ ଆଲୋଚନା କରଯାଇଥିଲା। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ସମସ୍ତ ଦାବୀକୁ ସମୀକ୍ଷା କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥଲେ। ଆଲୋଚନାରେ ଭକ୍ତବନ୍ଧୁ ଧରୁଆ, ପ୍ରଦୀପ ଦଣ୍ଡସେନା, ସୁଖ ଦେବ୍ ସାହୁ, ଜ୍ଞାନେଶ୍ୱର୍ ବାଗ, ଜ୍ଞାନରଞ୍ଜନ ସାହୁ, ବାବୁଲାଲ ମାଝୀ, ବଳଧର୍ କେତକୀ, ଗୌତମ ବରିହା, ଈଶ୍ୱର ସାହୁ, ଟିକେଶ୍ୱର୍ ପାଣ୍ଡେ, ସନ୍ତୋଷ ସାହୁ, ଈଶ୍ୱର ଶବର, ଅଜୟ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

### ୨୫ ଶଯ୍ୟା ବିଶିଷ୍ଟ ସାଟେଲାଇଟ୍ ହସ୍ପିଟାଲ ଲୋକାର୍ପିତ

# ଏଲଏନ୍ କଲେଜ ହେବ ସରକାରୀ କଲେଜ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲାବାସୀଙ୍କ ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ସହରର ମଙ୍ଗଳ ବଜାର ଠାରେ ୨୫ ଶଯ୍ୟା ବିଶିଷ୍ଟ ସାଟେଲାଇଟ୍ ହସ୍ପିଟାଲ୍ କୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଲୋକାର୍ପିତ କରିଥିଲେ। ହସ୍ପିଟାଲ୍ ଉଦଘାଟନ ହେବା ପରେ ଏହା ଝାରସୁଗୁଡ଼ା ବାସୀଙ୍କ ବହୁ ଦିନର ସ୍ୱପ୍ନ ପୂରଣ ହୋଇଥିବା କହିଛନ୍ତି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ। ଏହା ସହିତ ଏହି ହସ୍ପିଟାଲରେ ଆଗାମୀ ଦିନରେ ଶଯ୍ୟା ସଂଖ୍ୟା ବଢ଼ିବ ବୋଲି କହିଛନ୍ତି। ଏହା ସହିତ ଆଗାମୀ ଦିନରେ ଲକ୍ଷ୍ମୀ ନାରାୟଣ ମହା ବିଦ୍ୟାଳୟକୁ ସରକାରୀ କଲେଜରେ ପରିବର୍ତ୍ତନ କରାଯିବ ଏଥିରେ କୌଣସି ପ୍ରକାର ସନ୍ଦେହ ନାହିଁ ବୋଲି କହିଛନ୍ତି। ଆଗାମୀ ୫୦ ବର୍ଷକୁ ଆଖିଆଗରେ ରଖି କାମ ହେଉଛି। ଏହି ଡାକ୍ତରଖାନାର କାୟକଳ୍ପ ଆଗାମୀ ଦିନରେ ପରିବର୍ତ୍ତନ କରାଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼. ମହାଲିଙ୍ଗ।

# ଲାଞ୍ଚ ନେଇ ଗୌଡପାଲି ଆର୍ଆଇ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ତହସିଲ ଅନ୍ତର୍ଗତ ଗୌଡପାଲି ରାଜସ୍ୱ ନିରୀକ୍ଷକ(ଆରଆଇ) ଭୀଷ୍ମ ପ୍ରଧାନ ୪୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଭୂମିହୀନଙ୍କୁ ଜମିପଟ୍ଟା ଦେବା ଆଳରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ ଗିରଫ କରିଛି। ତାଙ୍କ ଠାରୁ ରାସାୟନିକ ପ୍ରଲେପ ବୋଳା ଟଙ୍କା ଜବତ ହୋଇଛି। ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନା କେଶ ନଂ-୧୨/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଆରଆଇ ଭୀଷ୍ମଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଗୌଡପାଲି ଅଞ୍ଚଳର ଜଣେ ଭୂମିହୀନ ବ୍ୟକ୍ତି ଜମିପଟ୍ଟା ପାଇଁ ନଭେମ୍ବର୨୦୨୪ରୁ ଆବେଦନ କରିଥିଲେ। ଆରଆଇ ଭୀଷ୍ମ ପ୍ରଧାନଙ୍କୁ ଏନେଇ ମଧ୍ୟ ଅନୁରୋଧ କରିଥିଲେ। ତେବେ ଟଙ୍କା ନଦେଲେ କାମ ହେବ ନାହିଁ କହି ସଂପୃକ୍ତ ଆରଆଇ ସମୟ ଗଡାଇ ଚାଲୁଥିଲେ। ଫଳରେ ସଂପୃକ୍ତ ବ୍ୟକ୍ତି ଜଣକ ସମ୍ବଲପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁଯାୟୀ ପିଇଟି କଲେଜ ଜୁଲୁଣ୍ଡି ନିକଟରେ ୪୦ହଜାର ଟଙ୍କା ସଂପୃକ୍ତ ବ୍ୟକ୍ତି ଆରଆଇଙ୍କୁ ଦେବା ବେଳେ ଭିଜିଲାନ୍ସ ଟିମ ମାଡି ବସିଥିଲା। ତାଙ୍କ ନିକଟରୁ ରାସାୟନିକ ପ୍ରଲେପ ବୋଳା ୪୦ହଜାର ଟଙ୍କା ଜବତ ହୋଇଛି। ଏଥିସହ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଆରଆଇଙ୍କ ଲିଙ୍କରେ ଥିବା ୨ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି।

## ଜମନକିରାରେ ସଂକଳ୍ପ ସଭା

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ପୁରୁଣା ଥାନା ପଡ଼ିଆରେ ଗୁରୁବାର କେନ୍ଦ୍ର ସରକାରଙ୍କ ୧୧ବର୍ଷ ଏବଂ ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସଂକଳ୍ପ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜମନକିରା ପଞ୍ଚାୟତରୁ ମୋଟ ୩୮୭ ଜଣ ଅଂଶ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୭୭ ଜଣଙ୍କୁ ସିଧା ସଳଖ ସେବା ପ୍ରଦାନ କରାଯାଇଥିଲା। ଅନ୍ତୋଦୟ ଘର ୯ ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ ୩ ଜଣଙ୍କୁ ଶ୍ରମିକ କାର୍ଡ, ୧୪ ଜଣଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ୨ ଜଣଙ୍କୁ ପଟ୍ଟା ପ୍ରଦାନ, ୧୩ ଜଣଙ୍କୁ ଜାତି ଓ ରେସିଡେନ୍ସ ସର୍ଟିଫିକଟ ପ୍ରଦାନ କରାଯାଇଥିଲା। ୭୦ ବର୍ଷରୁ ଅଧିକ ବୟସ୍କଙ୍କୁ ବିୟୋ ବନ୍ଦନା ଯୋଜନାରେ ୫୭ ଜଣଙ୍କୁ କାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ସରଡା ପଞ୍ଚାୟତର ୨୧୬ ଜଣଙ୍କୁ ସେବା ପ୍ରଦାନ କରାଯାଇଥିଲା। ଏଥିରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଏବଂ ବ୍ଲକ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ସେବା ପ୍ରଦାନ କରିଥିଲେ।

## ଗୋଲାମୁଣ୍ଡା ବ୍ଲକରେ ସଚେତନତାଧର୍ମୀ କାର୍ଯ୍ୟକ୍ରମର ଶୁଭାରମ୍ଭ

ଗୋଲାମୁଣ୍ଡା,(ସବ୍ୟୁ): ରାଜ୍ୟ ସରକାର ଗଠନର ବର୍ଷେ ପୂର୍ତ୍ତି ଅବସରରେ ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ଏଥିରେ ହିତାଧିକାରୀ ମାନଙ୍କ ସହଯୋଗ ଏବଂ ଭାଗିଦାରୀ ପାଇଁ ସାରା ରାଜ୍ୟରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କୀତ ବିକାଶ ବାହନ ପରିକ୍ରମଣର ଶୁଭାରମ୍ଭ ହୋଇଛି। ଏହି ଅବସରରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ବିଡ଼ିଓ ବିଶ୍ୱନାଥ ରାଉତ ବିକାଶ ବାହାନ ର ଶୁଭାରମ୍ଭ କରିଥିଲେ। ଉତ୍ସବରେ ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ଜିପିଡ଼ିଓ ରମିତ ପଧାନ, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ନାଥ ପଟ୍ଟନାୟକ,ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ,ମାନଝରି ସରପଞ୍ଚ ଜଗଜୀବନ ଅଘରିଆ, ସିଡିପିଓ କେ.ଉଷା ଲକ୍ଷ୍ମୀ,ଏମଆଇ ଦିବ୍ୟରାଜ ଭୋଇ ସମେତ ବ୍ଲକର ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ୧୨ ତାରିଖଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଗ୍ରାମ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ଏସଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କଲେ ପୂର୍ବତନ ଜିଲ୍ଲାପାଳ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ମନୀଷ ଅଗ୍ରୱାଲ ଗୁରୁବାର ଏସଡିଜେଏମ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଆତ୍ମସମର୍ପଣ କରିବା ପରେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେ କୋର୍ଟରେ ପହଞ୍ଚିବା ପୂର୍ବରୁ ଅନ୍ୟମାନେ କେହି ସୁରାକ ପାଇପାରିନଥିଲେ। କେବଳ ତାଙ୍କର ଓକିଲମାନେ ହିଁ ଏ ସଂପର୍କରେ ଅବଗତ ଥିଲେ। କିନ୍ତୁ ମନୀଷ ଆତ୍ମସମର୍ପଣ କରୁଥିବା ନେଇ ଖବର ପ୍ରଚାର ହେବା ପରେ କୋର୍ଟରେ ଭିଡ଼ ଲାଗିଥିଲା। ଶ୍ରୀ ଅଗ୍ରୱାଲ ଆତ୍ମସମର୍ପଣ ନକରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସୁପ୍ରିମକୋର୍ଟ ତାଙ୍କୁ ତୁରନ୍ତ ଏସଡିଜେଏମ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଆଦେଶକୁ ମାନି ସେ ଏସଡ଼ିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିବା ପରେ ତାଙ୍କ ଓକିଲ ଜାମିନ ପାଇଁ ଆବେଦନ କରିଥିଲେ। ୫୦ ହଜାର ଲେଖାଏଁ ଦୁଇଟି ମୁଚାଲିକାରେ ତାଙ୍କୁ ଜାମିନ ପ୍ରଦାନ କରାଯାଥିଲା।ଜାମିନ ମିଳିବା ପରେ ମନୀଷ ଗଣମାଧ୍ୟମ ଆଗରେ କିଛି କହିନଥିଲେ। ଚୁପଚାପ ଗାଡ଼ିରେ ବସି ଚାଲିଯାଇଥିଲେ। ତାଙ୍କ ଓକିଲ ଗଣମାଧ୍ୟମକୁ ସୂଚନା ଦେଇ ପ୍ରକାଶ କରିଥିଲେ ଯେ ଶ୍ରୀ ଅଗ୍ରୱାଲ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ପରେ ଶ୍ରୀ ଆଗ୍ରୱାଲଙ୍କୁ ଜାମିନ ପ୍ରଦାନ କରାଯାଇଛି।

### ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମ୍ବଲପୁର ଗସ୍ତ

# ବୟୋ ବନ୍ଦନା ଯୋଜନାର କାର୍ଡ ବିତରଣ



ସମ୍ବଲପୁର,(ସବ୍ୟୁ): ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସମ୍ବଲପୁର ଗସ୍ତରେ ଆସି ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ମାଁଙ୍କ ଦର୍ଶନ ପରେ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହାପରେ ବୁଢ଼ାରଜା ହାଇସ୍କୁଲ ପରିସରରେ ମାଁଙ୍କ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଯୋଗ ଦେଇ ଚାରାରୋପଣ କରିଥିଲେ। ଗୋଟିଏ ଲେଖାଏଁ ଗଛ ଲଗାନ୍ତୁ ଓ ତାର ଯତ୍ନ ନିଅନ୍ତୁ। ଫଳରେ ଆମ ପରିବେଶ ପ୍ରଦୂଷଣ କବଳରୁ ରକ୍ଷା ପାଇପାରିବ ବୋଲି କହିଥିଲେ। ଏହା ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୨୧ ଏୟାରଆଇଟି କଲୋନୀରେ ବୟୋ ବନ୍ଦନା ଯୋଜନାର ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଏଥିସହ ଏହି କାର୍ଡ ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ, ୭୦ବର୍ଷରୁ ତଦୁର୍ଦ୍ଧ ବରିଷ୍ଠ ନାଗରିକ ଦେଶର ଯେକୌଣସି ଚିକିତ୍ସାଳୟରେ ନିଃଶୁଳ୍କରେ ଚିକିତ୍ସା ସେବା ପାଇପାରିବେ। ଯେଉଁଥିରେ ୫ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ଉପଲବ୍ଧ ରହିଛି। ଏଥିରେ ପୂର୍ବତନ ବିଧାୟକ ନାଉରୀ ନାୟକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ମହାନଗର ନିଗମ କମିଶନର ବେଦଭୂଷଣ, ଡିଏଫଓ କାଲୁଙ୍ଗେ ଗୋରଖ ୱାମନଙ୍କ ସମେତ ବିଭାଗୀୟ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଟୀର ମାଡ଼ରେ ଜଣେ ଆହତ, ଅଭିଯୁକ୍ତ ଗିରଫ

ମାଲକାନଗିରି ,(ସବ୍ୟୁ): ମାଲକାନଗିରି ଜିଲ୍ଲା ରାସବେଡା ପଞ୍ଚାୟତର ପାଲକାଗୁଡା ଗ୍ରାମରେ ଗତ ୮ ତାରିଖ କୌଣସି କାରଣରୁ ଉକ୍ତ ଗ୍ରାମରେ ରହୁଥିବା ଶ୍ରୀପତି ମୁଦୁଲୀ ଏବଂ ହାଡ଼ି ମୁଦୁଲୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ଘଟଣାକୁ ନେଇ ସେହିଦିନ ସନ୍ଧ୍ୟା ପ୍ରାୟ ୭ ଟା ବେଳେ ହାଡ଼ି ମୁଦୁଲୀ ଉତକ୍ଷିପ୍ତ ହୋଇ ଧନୁତୀର ଆଣି ହଠାତ ଶ୍ରୀପତିଙ୍କ ବାମ ଛାତିକୁ ଟୀର ମାରିଥିଲା। ଫଳରେ ଶ୍ରୀ ପତିଙ୍କ ଛାତିରେ ଟୀର ପଶି ଅଟକି ଯାଇଥିଲା। ଟୀରଟି ଅଟକି ଯିବା ହେତୁ ସେ ଗୁରୁତର ଆହତ ହୋଇଯାଇଥିଲା। ତାକୁ ଚିକିତ୍ସା ନିମନ୍ତେ ତୁରନ୍ତ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ କୋରାପୁଟ ମେଡିକାଲ ପଠା ଯାଇଥିଲା। କିନ୍ତୁ ଡାକ୍ତରମାନେ ସେଠାରେ ଅସ୍ତ୍ରୋପଚାର ନ କରି ତାକୁ ବ୍ରହ୍ମପୁର ମେଡିଲାଲକୁ ପଠାଇ ଦେଇଥିଲା। ସେଠାରେ ଡାକ୍ତରମାନଙ୍କ ଦ୍ୱାରା ଅସ୍ତ୍ରୋପଚାର କରି ଛାତିରୁ ଟୀରକୁ ବାହାର କରିବାରେ ସଫଳ ହୋଇଥିଲେ। ବର୍ତ୍ତମାନ ସେ ସୁସ୍ଥ ଥିବା ଜଣା ପଡିଛି। ଏ ନେଇ ଶ୍ରୀପତିଙ୍କ ଝିଅ ପୂର୍ଣ୍ଣମା ଗତ ୯ ତାରିଖରେ ଓର୍କେଲ ଥାନାରେ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଥିଲା। ଏ ନେଇ ଥାନାରେ ଏକ ମାମଲା ୧୬୭/୨୦୨୫ ରେ ରୁଜୁ ହୋଇ ଥିଲା। ପୋଲିସ ଅଭିଯୁକ୍ତ ହାଡ଼ି ମୁଦୁଲୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ନବରଙ୍ଗପୁରରୁ ଏକ ସ୍ୱତନ୍ତ୍ର ୫ ଜଣିଆ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଶ୍ରୀପତିଙ୍କ ସାର୍ଟ ଏବଂ ଘଟଣା ସ୍ଥଳରେ ପଡିଥିବା ରକ୍ତ ଛିଟାର ନମୁନା ସଂଗ୍ରହ କରିଛନ୍ତି। ହାଡ଼ିଙ୍କ ନିକଟରୁ ଘଟଣାରେ ବ୍ୟବହୃତ ହୋଇଥିବା ଧନୁକୁ ପୋଲିସ ଜବତ କରିବା ସହିତ ବୁଧବାର ହାଡିକୁ ଗିରଫ କରି କୋର୍ଟ ଚାଲାଣ ଯାଇଥିବା ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଖପ୍ରାଖୋଲରେ ବିକାଶ ବାହାନ କାର୍ଯ୍ୟକ୍ରମର ଶୁଭାରମ୍ଭ

ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବିକାଶ ବାହାନ କାର୍ଯ୍ୟକ୍ରମର ଶୁଭାରମ୍ଭ ଗୁରୁବାର ହୋଇଯାଇଛି। ବିଡିଓ ବିବେକାନନ୍ଦ ଷଡଙ୍ଗୀ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଉପମୁଖ୍ୟ ମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ରୂପେ ଅତିରିକ୍ତ ତହସିଲଦାର ସତ୍ୟପ୍ରକାଶ ରାଉତରାୟ , ଆକାଉଣ୍ଟ ଅଫିସର ହରେକୃଷ୍ଣ ମେହେର , ଜିପିଡିଓ ପରମେଶ୍ୱର ନାଏକ, ସହକାରୀ ଯନ୍ତ୍ରୀ କୁଳମଣି ଭୋଇ,ସରପଞ୍ଚ ସୀମାଞ୍ଚଳ ପୁରୋହିତ , ସମିତି ସଭ୍ୟ ଦେବକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ୨୧ଟି ପଞ୍ଚାୟତକୁ ବିକଶିତ ବାହାନ ଭ୍ରମଣ କରିବ ବୋଲି ବିଡ଼ିଓ ଶ୍ରୀ ଷଡଙ୍ଗୀ ସୂଚନା ଦେଇଥିଲେ। ପରେ ବିକଶିତ ରଥ ଖପ୍ରାଖୋଲ ପଞ୍ଚାୟତ ଓ ଓଡ଼ିଆପାଲି ପଞ୍ଚାୟତ ରେ ପହଞ୍ଚିଥିଲା। ବିକଶିତ ରଥ ପଞ୍ଚାୟତ ପରିସରରେ ପହଞ୍ଚିବା ପରେ ଖପ୍ରାଖୋଲ ସରପଞ୍ଚ ବେଟିଖାଇ ସେନ୍ଦ୍ରିଆ ଓ ପଞ୍ଚାୟତ ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସରକାରଙ୍କ ତରଫରୁ ଲୋକଙ୍କୁ ଯୋଗାଇ ଦିଆଯାଉଥିବା ସରକାରୀ ସୁବିଧା ଓ ସହାୟତା ବିଷୟରେ ଲୋକଙ୍କୁ ବାହାନରେ ଚାଲୁଥିବା ଭିଡିଓ ମାଧ୍ୟମରେ ସୂଚନା ଦିଆଯାଇଥିଲା। ଏହା ସହ ଲୋକଙ୍କ ରହିଥିବା ଅଭିଯୋଗ ସମ୍ପର୍କରେ ସମାଧାନର ବାଟ ବିଷୟରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ , ଶ୍ରମ ବିଭାଗ, ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ , ଚିକିତ୍ସା ବିଭାଗ କର୍ମଚାରୀ ଓ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।

# ଡାକ ବିଭାଗରେ ନିଯୁକ୍ତି କେଳେଙ୍କାରୀ : ଆଉ ୫ ଗିରଫ

ବଲାଙ୍ଗିର,(ସବ୍ୟୁ): ଗ୍ରାମୀଣ ଡାକ ସେବକ (ଜିଡିଏସ୍) ଚାକିରି ପାଇଁ ଜାଲ୍ ସାର୍ଟିଫିକେଟ୍ ଯୋଗାଇଥିବା ଗ୍ୟାଙ୍ଗର ଆଉ ୫ ଜଣଙ୍କୁ ଗିରଫ କରିଛି କ୍ରାଇବ୍ରାଞ୍ଚ ପୁଲିସ। ଗୋଟିଏ ଗୋଟିଏ ଜାଲ୍ ସାର୍ଟିଫିକେଟ୍ ଦେବା ପାଇଁ ଅଭିଯୁକ୍ତମାନେ ନିଯୁକ୍ତି ଆଶାୟୀଙ୍କଠାରୁ ୫ ଲକ୍ଷ ଟଙ୍କା ଲେଖାଏଁ ନେଇଥିବା ଜଣାପଡ଼ିଛି। ପୂର୍ବରୁ ଏହି କେଳେଙ୍କାରୀରେ ୨୦ ଜଣ ଗିରଫ ହୋଇଥିବା ବେଳେ ଏବେ ଗିରଫ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି।

ଡାକ ବିଭାଗର ବଲାଙ୍ଗୀର ଡିଭିଜନ୍ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ ଗ୍ରାମୀଣ ଡାକ ସେବକ (ଜିଡିଏସ୍) ପଦ ପାଇଁ ୬୦ ଆଶାୟୀଙ୍କ ଆବେଦନପତ୍ର ଯାଞ୍ଚ କରିବା ସମୟରେ ୩୮ ଜଣଙ୍କର ମାଟ୍ରିକ୍ ସାର୍ଟିଫିକେଟ୍ ଜାଲ୍ ବୋଲି ଜଣାପଡ଼ିଥିଲା। ଉତ୍ତରପ୍ରଦେଶ ମାଧ୍ୟମିକ ଶିକ୍ଷା ପରିଷଦର ଏହି ସାର୍ଟିଫିକେଟ୍ ବୋଲି ଉଲ୍ଲେଖ କରାଯାଇଥିଲା। ଏହି ଅଭିଯୋଗରେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ରୋଡ଼ରେ ଥିବା ରିଲାଏନ୍ସ ଏଜୁକେସନାଲ୍ କମ୍ପ୍ଲେକ୍ସର ମନୋଜ କୁମାର ମିଶ୍ର ଓ ସେଣ୍ଟରର କମ୍ପ୍ୟୁଟର ଶିକ୍ଷକ ଆଲୋକ ରଞ୍ଜନ ଉଦଗାତାଙ୍କ ସମେତ ୨୦ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।

ମନୋଜ ଓ ଆଲୋକ ଏକ ଗ୍ୟାଙ୍ଗ୍ ଗଢ଼ିଥିଲେ। ୨୦୨୩ ଫେବ୍ରୁଆରିରେ ଡାକ ବିଭାଗ ପକ୍ଷରୁ ଗ୍ରାମୀଣ ଡାକ ସେବକ (ଜିଡିଏସ୍) ପଦବି ପାଇଁ ବିଜ୍ଞାପନ ପ୍ରକାଶ ପରେ ଏଥିରେ ଆବେଦନ କରିବାକୁ ସେମାନେ ପ୍ରାର୍ଥୀଙ୍କୁ ପ୍ରବର୍ତ୍ତାଇଥିଲେ। ଆବେଦନକାରୀଙ୍କୁ ଜାଲ୍ ସାର୍ଟିଫିକେଟ୍ ଯୋଗାଇ ଦେଇଥିଲେ। କ୍ରାଇମବ୍ରାଞ୍ଚ ଦ୍ୱିତୀୟ ପର୍ଯ୍ୟାୟରେ ଏହି ମାମଲାରେ ବଲାଙ୍ଗିର ଥାନା ମୁରିବାହାଲର କୁଳମଣି ରାଣା, ବଲାଙ୍ଗିର ସଦର ଥାନା କୁଟମଦୋଳାର ଅଜାଉଦ୍ଦିନ କୁମ୍ଭାର, ଜଗନ୍ନାଥପଡ଼ାର ରଜତ କୁମାର ନାଏକ, ବଲାଙ୍ଗୀର ଥାନା ଅଞ୍ଚଳର ସୁଧୀର ଭୁଏ ଓ ସୁବର୍ଣ୍ଣପୁର ଅଞ୍ଚଳର ତୋଫାନ ବାଗଙ୍କୁ ଗିରଫ କରିଛି।

ଅଭିଯୁକ୍ତମାନେ ନିଯୁକ୍ତି ଆଶାୟୀଙ୍କୁ ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ତାମିଲନାଡୁ, ରାଜସ୍ଥାନ, ସିକିମ୍, କର୍ଣ୍ଣାଟକ, ନୂଆଦିଲ୍ଲୀ, ବିହାର, ମଧ୍ୟପ୍ରଦେଶର ବୁନ୍ଦେଲଖଣ୍ଡର ୪୧ଟି ସ୍କୁଲ୍ ଓ ବିଶ୍ୱବିଦ୍ୟାଳୟ ନାଁରେ ସାର୍ଟିଫିକେଟ ଓ ମାର୍କସିଟ୍ ଦେଇଛନ୍ତି। ଏମାନଙ୍କ ନିକଟରୁ ପ୍ରାୟ ୫ ହଜାର ସାର୍ଟିଫିକେଟ୍ ଓ ମାର୍କସିଟ୍ ମିଳିଥିବା ବେଳେ ଆଉ କିଛି ସାର୍ଟିଫିକେଟ୍ ଆଶାୟୀଙ୍କୁ ବିକ୍ରି କରାଯାଇଛି। ୨୦୧୬ ପରଠାରୁ ଏହି ସାର୍ଟିଫିକେଟ୍ ପ୍ରସ୍ତୁତ ହେବା ସହିତ ବିକ୍ରି ହୋଇଛି।

# ସାମାଜିକ ବାସନ୍ଦ ପରେ ୧୫ପରିବାର ଏସ୍ପିଙ୍କ ଦ୍ୱାରସ୍ଥ

ନବରଙ୍ଗପୁର,(ସବ୍ୟୁ) : ନବରଙ୍ଗପୁର ଜିଲ୍ଲା କୋଡିଙ୍ଗା ଥାନା ଅର୍ନ୍ତଗତ ବାଙ୍କୁଲି ଗାଁର ସ୍ୱର୍ଗତ ମାରୁ ଭତରାଙ୍କ ୪ପୁଅ ରତନ ଭତରା, ଅର୍ଜୁନ ଭତରା, ପତି ଭତରା, ପଦଲାମ ଭତରା, ସ୍ୱର୍ଗତ କୁଶ ଭତରାଙ୍କ ଦୁଇ ପୁଅ ଡମୁ ଭତରା, ସ୍ୱର୍ଗତ କୁଶ ଭତରାଙ୍କ ପୁଅ ସଦା ଭତରା ଏଭଳି ୬ ଭାଇଙ୍କ ୧୫ ଗୋଟି ପରିବାରର ୭୫ ଜଣ ସଦସ୍ୟଙ୍କୁ ଏକ ମାସ ହେବ ସାମାଜିକ ବାସନ୍ଦ କରାଯାଇଛି ବୋଲି ପରିବାରର ୧୦ଜଣ ସଦସ୍ୟ ଗୁରୁବାର ସନ୍ଧ୍ୟାରେ ଏସପି ଏମ୍ ସମ୍ପଦ ସମ୍ପତ୍ତଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଏମାନଙ୍କ ୨୦ଏକର ଜମିକୁ କଟାଗାଁର ଜୈନେକ ବ୍ୟକ୍ତି ବଳପୂର୍ବକ ଗତ ୧୦ତାରିଖରୁ ଟ୍ରାକ୍ଟର ଲଗାଇ ଧାନ ବିହନ ବୁଣିବା ସହ ହତ୍ୟାଧମକ ଦେଇଥିବା ଏବଂ ଗତ ୩ଦିନ ହେବ ଏମାନଙ୍କ ଗାଈଗୋରୁ ଆଦି କେହି ଚରାଉନଥିବା ଏମାନେ କହିଛନ୍ତି। ଗତ ତିନିଦିନ ହେବ କୋଡ଼ିଙ୍ଗା ଥାନାରେ ଏତଲା ଦେବା ପରେ ବି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ଏମାନେ ଅଭିଯୋଗ କରିଛନ୍ତି। ଏହି ପରିବାରର ୧୦ଜଣ ସଦସ୍ୟ ରଘୁନାଥ ଭତରା, ଭଗବାନ ଭତରା, ଲମ୍ବୋଧର ଭତରା, ଦେବେନ୍ଦ୍ର ଭତରା, ବୋଲ ଭତରା, କୁମର ଭତରା, ପିତମ ଭତରା, ଡମୁ ଭତରା, ପଦଲାମ ଭତରା, ସଦା ଭତରାଙ୍କୁ ନେଇ କଂଗ୍ରେସର ବରିଷ୍ଠ ନେତା ମୁନ୍ନା ତ୍ରିପାଠୀ ଏସପିଙ୍କୁ ଭେଟାଇ ଆଲୋଚନା କରିଛନ୍ତି। ଏସପିଙ୍କ ସମୀକ୍ଷା ବୈଠକରେ ଯୋଗ ଦେବାକୁ ଆସିଥିବା କୋଡିଙ୍ଗା ଥାନା ଅଧିକାରୀଙ୍କୁ ତୁରନ୍ତ ବିବାଦର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶଯୋଗ୍ୟ, ସ୍ୱର୍ଗତ ସୁକୁଳ ଭତରାଙ୍କ ନାଁରେ ୨୦ଏକର ଜମି ରହିଛି। ତାଙ୍କର ୪ପୁଅ ସ୍ୱର୍ଗତ ମାରୁ, ସ୍ୱର୍ଗତ ଲକ୍ଷ୍ମୀଧର, ସ୍ୱର୍ଗତ ସମ୍ଭାରୁ ଓ ସ୍ୱର୍ଗତ ବୁଟି। ସ୍ୱର୍ଗତ ମାରୁଙ୍କ ୪ପୁଅ ରତନ, ଅର୍ଜୁନ, ପତି, ପଦଲାମ,ଏବଂ ସ୍ୱର୍ଗତ ଲକ୍ଷ୍ମୀଧରଙ୍କ ଦୁଇ ପୁଅ ଡମୁ ଓ ସ୍ୱର୍ଗତ କୁଶ। ଅନ୍ୟ ଦୁଇ ଭାଇ ସ୍ୱର୍ଗତ ସମ୍ଭାରୁ ଓ ସ୍ୱର୍ଗତ ବୁଟିଙ୍କର କେହି ପିଲା ଛୁଆ ନାହାନ୍ତି। ଅପରପକ୍ଷରେ କୋଟାଗାଁର ଜୈନେକ ବ୍ୟକ୍ତି ଜାଲ୍ ଆଧାରକାର୍ଡ, ଭୋଟର ପରିଚୟପତ୍ର ଏବଂ ଜମି ପଟା ମୃତ ସମ୍ଭାରୁଙ୍କ ନାଁରେ କରି ଦୀର୍ଘ ଦିନ ହେବ ଜମି ଗୁଡିକ ତାଙ୍କର ବୋଲି ଦାବି କରି ଆସୁଛି। ଏ ନେଇ ଉଭୟ ପକ୍ଷର ଜମି ଜମା ମାମଲା ନବରଙ୍ଗପୁର ସିଭିଲ ଜଜ୍ କୋର୍ଟରେ ବିଚାରାଧୀନ ରହିଛି।

# ଛାତ୍ରଛାତ୍ରୀଙ୍କୁ ବସ୍‌ରେ ୫୦ପ୍ରତିଶତ ରିହାତି ଦାବି

ସମ୍ବଲପୁର, (ସବ୍ୟୁ): ଓଡିଶା ଛାତ୍ର କଂଗ୍ରେସର ଆହ୍ୱାନ କ୍ରମେ ସମ୍ବଲପୁର ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏଥିସହ ଏକ ଦାବିପତ୍ର ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁଙ୍କ ପ୍ରଦାନ କରାଯାଇଛି। ଓଡିଶାରେ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ସରକାରୀ ସାର୍ବଜନୀନ ପରିବହନ ଏବଂ ଘରୋଇ ପରିବହନରେ ୫୦ପ୍ରତିଶତ ରିହାତି ଦାବି ରହିଛି। ଫଳରେ ସମ୍ବଲପୁର ଜିଲ୍ଲାର ସମସ୍ତ କଲେଜ ଛାତ୍ରଛାତ୍ରୀ ଉପକୃତ ହେବେ। ରେଙ୍ଗାଲି ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ସମ୍ପାଦକ ଦିଲ୍ଲୀପ ଦୁରିଆଙ୍କ ନେତୃତ୍ୱରେ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଙ୍କିତ ପ୍ରଧାନ, ପ୍ରଦୀପ ହଲେତ, ସୁରଜ ପ୍ରଧାନ, ରଞ୍ଜନଭୁଏ, ସଚ୍ଚିନ ପ୍ରଧାନ, ଆକାଶ ପ୍ରଧାନ ଓ କ୍ଷିରୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ୧୦ଲକ୍ଷ ଟଙ୍କା ଠକେଇ : ଜେଲ୍ ଗଲେ ଅଭିଯୁକ୍ତ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ପାତଳପଡ଼ା ଗ୍ରାମର ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ୧୦ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ନିଜକୁ ଜଣେ ଏଲଆଇସି ଏଜେଣ୍ଟ ପରିଚୟ ଦେଉଥିବା ଧୂର୍ତ୍ତ ଯୁବକ ଜେଲ୍ ଯାଇଥିବା ଜଣାପଡିଛି। ସେ ହେଲେ ବରଗଡ଼ ସଦର ଥାନା ବାହୁଟିକ୍ରା ଗ୍ରାମର ହେମରାଜ ବୁଡେକ(୩୮)। ପାତଳପଡ଼ା ଗ୍ରାମର ଗୋପାଳ ସିଂ ଭୋଇଙ୍କ ପତ୍ନୀ କୁନ୍ତଳା ମାଝୀ ମାଲିଶିରାରେ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରନ୍ତି। ପରିବାରର ସ୍ୱାସ୍ଥ୍ୟ ସମସ୍ୟା ଥିବାରୁ ଅଧିକ ଟଙ୍କା ଦରକାର ହେବାରୁ ନିଜକୁ ଜଣେ ଏଲଆଇସି ଏଜେଣ୍ଟ କହୁଥିବା ହେମରାଜଙ୍କ ସହ ତାଙ୍କ ପରିଚୟ ହୋଇଥିଲା। ସେ ଏଲଆଇସିରୁ ଗୃହରଣ ପ୍ରତିଶୃତି ଦେଇ ବିଭିନ୍ନ କାଗଜପତ୍ରରେ ଦସ୍ତଖତ ସହ ୭ଟି ଖାଲି ଚେକରେ ମଧ ଦସ୍ତଖତ ନେଇଥିଲା। ମୋଟ ୨୦ଲକ୍ଷ ଟଙ୍କା ଋଣ ମଞ୍ଜୁର ହେବା ପରେ ସେ ଖାଲି ଚେକରେ ନେଇଥିବା ଦସ୍ତଖତରେ ସେଲ୍ଫ ଲେଖି ଦୁଇଟି ପର୍ଯ୍ୟାୟରେ ୦୯ଲକ୍ଷ ଓ ୦୧ଲକ୍ଷ ଟଙ୍କା ସହ ମୋଟ ୧୦ଲକ୍ଷ ଟଙ୍କା ବ୍ୟାଙ୍କରୁ ହଡ଼ପ କରିନେଇଥିଲା। ତାଙ୍କ ପୁଅର ଉଚ୍ଚତର ଚିକିତ୍ସା ପାଇଁ ମୋଟ ୩୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆବଶ୍ୟକ ଥିବାରୁ ଯେତେ ମାଗିଲେ ମଧ ହେମରାଜ ଟଙ୍କା ନ ଦେବାରୁ ମହିଳା ସ୍ୱାସ୍ଥ୍ୟକର୍ମୀ ଶେଷରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୁନ୍ତଳାଙ୍କ ଏତଲା ଆଧାରରେ ପୁଲିସ କେଶ ନ ୧୨୪/୨୫ରେ ମାମଲା ରୁଜୁ କରି ଥାନା ଏସଆଇ ଦନାର୍ଦ୍ଦନ ଓରାମ ହେମରାଜଙ୍କୁ ଆଣି ଅଟକ ରଖି ପଚରାଉଚରା କରିଥିଲେ। ପୁଅର ଉଚ୍ଚତର ଚିକିତ୍ସା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିବାରୁ ଏବେ ବାପାମା ଚିନ୍ତାରେ ପଡିଯାଇଛନ୍ତି। ଅଧିକ ତଦନ୍ତ ପରେ ଅଟକ ହେମରାଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି।

# ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ




ଦେବଗଡ,(ସବ୍ୟୁ): ଗୁରୁବାର ଦେବଗଡରେ ଜିଲ୍ଲାସ୍ତରୀୟ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ୧୪ ବର୍ଷରୁ କମ ବୟସର ପିଲାଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ କରିବା ଏକ ଦଣ୍ଡନୀୟ ଅପରାଧ। ଏଭଳି ଶିଶୁ ଶ୍ରମିକ ମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନକରିବାକୁ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଯିବା ଏହି ସଚେତନତା କାର୍ଯ୍ୟକ୍ରମ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ୧୪ ଦିନ ଧରି ଚାଲିବ। ସଚେତନତା ରଥ ଜିଲ୍ଲାର ସମସ୍ତ ଅଞ୍ଚଳକୁ ଯାଇ ଜନସାଧାରଣଙ୍କୁ କୌଣସି କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ ନ କରିବାକୁ ସଚେତନ କରାଇବ। କାର୍ଯ୍ୟକ୍ରମରେ ଦେବଗଡ ଉପ ଜିଲ୍ଲାପାଳ ପରୀକ୍ଷିତ ସାହୁ, ଜିଲ୍ଲା ଆଇନ ସେବା ପ୍ରାଧୀକରଣର ସମ୍ପାଦକ ରୁଦ୍ର ପ୍ରସାଦ ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଏସଏଚଜିର ସଦସ୍ୟମାନଙ୍କ ସହ ବହୁ ଶ୍ରମିକ ସଂଗଠନର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଷ୍ଟଲ ଉଦ୍‌ଘାଟିତ

ବୌଦ୍ଧ,(ସବ୍ୟୁ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଗୁରୁବାର ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ବୌଦ୍ଧ କଚେରୀ ପଡିଆ ଠାରେ ଅନୁଷ୍ଠିତ ହେଉଥିବା ବିକାଶ ମେଳାର ପଲ୍ଲିଶ୍ରୀ ମେଳା ଷ୍ଟଲ ଏବଂ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ ଷ୍ଟଲର ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ରାଜ୍ୟ ଗୃହ ଏବଂ ନଗର ଉନ୍ନୟନ ଓ ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ,କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡ଼ାଙ୍ଗ ଯୋଗଦେଇଥିବା ବେଳେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସକାଳ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ବିକାଶ ବାହାନ ରଥର ଉଦଘାଟନ ଉତ୍ସବ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୩ ଗୋଟି ବିକାଶ ବାହାନ ରଥର ଶୁଭ ଉଦଘାଟନ



କରିଥିଲେ ମନ୍ତ୍ରୀ ଶ୍ରୀ ମହାପାତ୍ର। ପରେ ଟାଉନ ହଲରେ ସେମିନାରରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ,ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣ୍ଡୁଆଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବିକାଶ ମେଳାରେ ୬୦ ଟି ଷ୍ଟଲ ହୋଇଥିବା ବେଳେ ସେଥି ମଧ୍ୟରୁ ୩୫ ଓରମାସ ଓ ବିଭିନ୍ନ ବିଭାଗର ଷ୍ଟଲ ହୋଇଥିବା ବେଳେ ୨୫ ଟି ଷ୍ଟଲ ଖାଦ୍ୟ ମେଳା ପାଇଁ ରହିଛି।

(ଶ୍ରୀମଭଗବଦ୍ ଗୀତା ୧୬/୧୫)
–ଦୈବାସୁରସମ୍ପଦ୍‌ବିଭାଗ–
(ଶ୍ରୀଭଗବାନୁବାଚ)

**ଆଢ୍ୟୋଽଭିଜନବାନସ୍ମିକୋଽନ୍ୟୋଽସ୍ତି ସଦୃଶୋ ମୟା ।**
**ଯକ୍ଷ୍ୟେ ଦାସ୍ୟାମି ମୋଦିଷ୍ୟ ଇତ୍ୟଜ୍ଞାନବିମୋହିତାଃ ॥୧୫॥**

ମୁଁ ଆଜି ଏହି ଦ୍ରବ୍ୟ ପାଇଲି, ଏହି ବାଞ୍ଛିତ ଦ୍ରବ୍ୟ ଶୀଘ୍ର ପାଇବି, ଏହି ଧନ ମୋର ଅଛି, ଏହା ପୁଣି ବର୍ଦ୍ଧିତ ହେବ, ମୁଁ ଏହି ଶତ୍ରୁକୁ ମାରିଲି, ଅନ୍ୟ ଶତ୍ରୁମାନଙ୍କୁ ମଧ୍ୟ ପରେ ମାରିବି, ମୁଁ ସର୍ବଶକ୍ତିମାନ୍, ମୁଁ ଭୋଗୀ, ମୁଁ ସିଦ୍ଧିଲାଭ କରିଛି, ମୁଁ ବଳବାନ୍ ଓ ସୁଖୀ ଅଟେ, ମୁଁ ଧନଶାଳୀ, ମୁଁ କୁଳୀନ, ମୋ'ପରି ଆଉ କିଏ ଅଛି ? ମୁଁ ଆଉ ଯାଗାଦି ଅନୁଷ୍ଠାନ କରି ଅନ୍ୟମାନଙ୍କ ଅପେକ୍ଷା ଅଧିକ ପ୍ରତିଷ୍ଠା ଲାଭ କରିବି, (ସ୍ତାବକମାନଙ୍କୁ) ଦାନ କରିବି, ଆମୋଦ ପ୍ରମୋଦ କରିବି–ଏହିପରି ଅଜ୍ଞାନ ବିମୋହିତ ହୋଇ ସେମାନେ ବିବିଧ ଅଭିଳଷିତ ବିଷୟରେ ପ୍ରବୃତ୍ତିବଶତଃ ଉଦ୍‌ଭ୍ରାନ୍ତ ଓ ମୋହଜାଲଦ୍ୱାରା ସମ୍ପୂର୍ଣ୍ଣ ବେଷ୍ଟିତ ଏବଂ କାମଭୋଗରେ ଆସକ୍ତ ହୋଇ ମହାକ୍ଳେଶମୟ ନରକରେ ପତିତ ହୁଅନ୍ତି ॥ ୧୫॥

# ଜମିଜମା ମାଲିକାନାର ବିବାଦ

## ସମ୍ପାଦକୀୟ

ଆମ ରାଜ୍ୟରେ ଜମିଜମାର ମାଲିକାନା ସଂକ୍ରାନ୍ତୀୟ ବିବାଦମାନ ବଢ଼ି ଚାଲିଛି । ବ୍ରିଟିଶ ଅମଳର ଏହି ପୁରାତନ ଓ ଜଟିଳ ଆଇନର ସରଳୀକରଣ, ସଂଶୋଧନ ଓ ସଂସ୍କାର ସମୟାନୁଯାୟୀ କରାଯାଇ ପାରିନାହିଁ । ଜିଲ୍ଲାପାଳମାନେ ଯଦିଓ ଜମିଜମାର ମାଲିକାନା ବା ସତ୍ୱ ଉପରେ ଥିବା ବିବାଦ ଉପରେ ସମୟ ଦେଇପାରନ୍ତି ନାହିଁ, ତାଙ୍କ ଅଧୀନରେ ଥିବା ଅନ୍ୟାନ୍ୟ ଅଧିକାରୀ ବିଶେଷକରି ତହସିଲଦାର ବା ତାଙ୍କ ତଳକୁ ଥିବା ରାଜସ୍ୱ ନୀରିକ୍ଷକମାନେ ଏ ସବୁ କାର୍ଯ୍ୟକୁ ଅବିଳମ୍ବେ ନ କରି କାହିଁକି କେଜାଣି ଅହେତୁକ ବିଳମ୍ବରେ ସାରନ୍ତି । ଏପରିକି ଜମିର ମାଲିକ ତାଙ୍କର ଦେୟ ପଇଠ କରି ଜମିର ମାପ କରିବା ଲାଗି ଅପେକ୍ଷା କରନ୍ତି ତହସିଲଦାରଙ୍କ ଆଦେଶକୁ । ତହସିଲଦାରମାନେ ଆର୍‌.ଆଇ (ରାଜସ୍ୱ ନୀରିକ୍ଷକ) ବା ସରକାରୀ ଅମିନଙ୍କୁ ସହଜରେ ଜମି ମାପ ଲାଗି ପଠାଇ ପାରନ୍ତି ନାହିଁ । ତହସିଲଦାରଙ୍କ ନୋଟିସ ଥାନାକୁ ଯାଇଥିଲେ ମଧ୍ୟ ପୋଲିସ୍ ବିଭିନ୍ନ ଆଳରେ ବିବାଦୀୟ ଜମି ମାପ ହେବା ସ୍ଥାନକୁ ଯାଆନ୍ତି ନାହିଁ । ଏ ସବୁ ବିଳମ୍ବର କାରଣ ସମସ୍ତଙ୍କୁ ଜଣା । ମାତ୍ର ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଜମି ମାଲିକାନା ବିବାଦର ସମାଧାନ ସହଜରେ ହୋଇପାରେ ନାହିଁ, ଏହା ହିଁ ଦୁଃଖର କଥା ।

ଖଣ୍ଡିଏ ଜମି ଉପରେ ଘର କରି ବା ଘର ନ କରି କିଏ କେତେଦିନ ରହି ପାରିବେ? କିନ୍ତୁ ମାମଲା ଦୀର୍ଘ ଦିନ ଧରି ଚାଲିଥାଏ । ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ଛଅ ମାଣ ଆଠ ଗୁଣ୍ଠ' ଉପନ୍ୟାସ ପ୍ରାୟ ସମସ୍ତେ ପଢ଼ିଥିବେ । ରାଜା ବା ଜମିଦାରଙ୍କ ଅମଳରେ ଯାହା ଥିଲା, ଏବେ ରାଜ୍ୟ ସରକାରଙ୍କ ଅମଳରେ ସେ ସବୁର ବିଶେଷ କିଛି ପରିବର୍ତ୍ତନ ହୋଇ ନାହିଁ । ଜମି ମାଲିକାନାର ବିବାଦକୁ ନେଇ ଦୁଇପକ୍ଷଙ୍କ ମଧ୍ୟରେ ଏତେ ବେଶୀ ତିକ୍ତତା ଓ ଶତ୍ରୁତା ଲାଗି ରହିଥାଏ ଯେ ତାହା ବର୍ଣ୍ଣନା କରାଯାଇ ନ ପାରେ ।

ରାଜ୍ୟରେ ଏକ ବର୍ଷ ପୂରିଥିବା ବିଜେପି ସରକାର ଅବଶ୍ୟ ଗତ ନିର୍ବାଚନର ପ୍ରତିଶୃତି ଅନୁଯାୟୀ କିଛି ଜମିଜମା ମାମଲାର ସମାଧାନ କରୁଛନ୍ତି । ଏକ ବର୍ଷର ପୂର୍ତ୍ତି ପୂର୍ବରୁ ରାଜ୍ୟ ସରକାର ଘୋଷଣା କରିଛନ୍ତି ଯେ ଜମିଜମା ମ୍ୟୁଟେସନ, ପଞ୍ଜୀକରଣ ଓ ପ୍ରମାଣପତ୍ର ଭଳି ୧,୦୯,୪୮,୫୩୯ ସଂଖ୍ୟକ ନାଗରିକ କୈନ୍ଦ୍ରିକ ରାଜସ୍ୱ ମାମଲାର ସମାଧାନ ସରକାର କରି ସାରିଛନ୍ତି । ସେହିପରି ପ୍ରଯୁକ୍ତିବିଦ୍ୟାର ଉପଯୋଗ ଦ୍ୱାରା ପୁରାତନ ଜମିଜମା ମାମଲାଗୁଡ଼ିକର ତ୍ୱରିତ ସମାଧାନ ଉଦ୍ଦେଶ୍ୟରେ ୩,୯୨,୦୯୯ଟି କେସ ରେକର୍ଡ଼ ଓ ଗେଜେଟ୍‌ର ସ୍କାନିଙ୍ଗ ଓ ଡିଜିଟାଇଜେସନ ସଂପନ୍ନ ହୋଇଛି । ପ୍ରକୃତରେ ଜନପ୍ରିୟ ରାଜ୍ୟ ସରକାର ଚାହିଁଲେ ଜନସାଧାରଣଙ୍କର ଅନେକ ସମସ୍ୟାର ସମାଧାନ ସହଜରେ ହୋଇପାରନ୍ତା ।

ନିକଟରେ ଜମିଜମାର ମାଲିକାନା ବା ସତ୍ୱ ଉପରେ ଚାଲିଥିବା ବିବାଦ ଉପରେ ରାୟ ଦେଇ ଓଡ଼ିଶା ହାଇକୋର୍ଟ କହିଛନ୍ତି ଯେ ରାଜସ୍ୱ ବିଭାଗ ଏ ସବୁ ମାମଲା ଉପରେ ବିଚାର କରି ନିଷ୍ପତ୍ତି ନେଇ ପାରିବେ ନାହିଁ । ଏହି ବିବାଦ ଉପରେ ସିଭିଲ୍ କୋର୍ଟ (ଦେଓ୍ୱାନୀ ଅଦାଲତ) ହିଁ ବିଚାର କରି ନିଷ୍ପତ୍ତି ନେଇ ପାରିବେ । ହାଲ ସେଟେଲମେଣ୍ଟରେ, ଦୀନବନ୍ଧୁ ବେହେରା ନାମକ ଜଣେ ବ୍ୟକ୍ତିଙ୍କ ଜମିକୁ ଭୁଲରେ ସରକାର ରେକର୍ଡ କରିଛନ୍ତି ଓ ଧାମନଗରର ତହସିଲଦାର ଓଡ଼ିଶା ଜମି ଜବରଦଖଲ ପ୍ରତିରୋଧ ଆଇନ ୧୯୭୨ ବଳରେ ତାଙ୍କୁ ସ୍ଥାନାନ୍ତର କରିବାକୁ ଚାହିଁବାରୁ ସେ ଓଡ଼ିଶା ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ । ହାଇକୋର୍ଟର ଗ୍ରୀଷ୍ମ ଅବକାଶକାଳୀନ ବିଚାରପତି ଶ୍ରୀ ଏସ୍‌.କେ. ପାଣିଗ୍ରାହୀ ତାଙ୍କର ଆବେଦନ ଉପରେ ଗତ ମେ'୩୦ (୨୦୨୫)ରେ ତହସିଲଦାରଙ୍କ ଆଦେଶକୁ ରଦ୍ଦ କରି ଜମି ମାଲିକାନା ବିବାଦ ମାମଲାର ବିଚାର କେବଳ ସିଭିଲ କୋର୍ଟରେ କରାଯାଇପାରିବ ବୋଲି ଆଦେଶ ଦେଇଛନ୍ତି । ଏପରି ଏକ ଆଦେଶ ସ୍ୱାଗତଯୋଗ୍ୟ । ମାତ୍ର ଦେଓ୍ୱାନୀ ଅଦାଲତ ବା ସିଭିଲ କୋର୍ଟମାନଙ୍କରେ ବିଚାରାଧୀନ ମାମଲାଗୁଡ଼ିକର ଫଏସଲା ସହଜରେ ହୋଇ ନ ପାରି ଦୀର୍ଘ ଦିନ ଧରି ପଡ଼ି ରହୁଥିବାରୁ ଜନସାଧାରଣଙ୍କ ଦୁର୍ଦ୍ଦଶାର ଅନ୍ତ ହେଉ ନାହିଁ । ଏବର କମ୍ପ୍ୟୁଟର ଓ ଡିଜିଟାଇଜେସନ ଯୁଗରେ ଜମିଜମା ଆଇନକୁ ସରଳ କରି ସରକାର ଜମିର ମାଲିକାନାକୁ ଆହୁରି ସହଜ କରିବା ଆବଶ୍ୟକ ।

**ସଙ୍କଳ୍ପ**
**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ, ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି ଓ ବିଜେପିର ସଂକଳ୍ପ ପତ୍ର



**ପ୍ରହଲାଦ କୁମାର ସିଂହ**

'ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଓ ସର୍ବସମାବେଶୀ ବିକଶିତ ଓଡ଼ିଶା' ଗଠନ ପାଇଁ ଭାରତୀୟ ଜନତା ପାର୍ଟିକୁ ୫ବର୍ଷ ପାଇଁ ଓଡ଼ିଶାରେ ଶାସନ କରିବାର ସୁଯୋଗ ଦେବା ଲାଗି ବିନମ୍ର ଅନୁରୋଧ ଜଣାଇ ଦଳ ପକ୍ଷରୁ ୨୦୨୪ ସାଧାରଣ ନିର୍ବାଚନ ସମୟରେ ଜାରି କରାଯାଇଥିଲା ସଂକଳ୍ପ ପତ୍ର ଓ ମୋଦିଙ୍କ ଗ୍ୟାରେଣ୍ଟି । ଯୁବବର୍ଗଙ୍କୁ ସଶକ୍ତ କରିବା ସହ ସେମାନଙ୍କ ସାମର୍ଥ୍ୟକୁ ବିକଶିତ କରି ସ୍ୱର୍ଣ୍ଣିମ ଓଡ଼ିଶାକୁ ସମୃଦ୍ଧି ପଥରେ ଆଗେଇ ନେବା ଲାଗି ବିଜେପି ଓଡ଼ିଶାରେ ଓଡ଼ିଆ ଲୋକଙ୍କ ପାଇଁ ପୂର୍ଣ୍ଣ ଓଡ଼ିଆ ଶାସନ ପ୍ରବର୍ତ୍ତନ କରିବାକୁ କହିଥିଲା । ଭୂଲୁଣ୍ଠିତ ଓଡ଼ିଆ ଅସ୍ମିତାର ପୁନରୁଦ୍ଧାର ସହ ସବୁ ହାତକୁ କାମ, ସବୁ କ୍ଷେତକୁ ପାଣି ଓ ସବୁ ମୁଣ୍ଡକୁ ଛାତ ଯୋଗାଇ ବିକଶିତ ଓଡ଼ିଶାରେ କୃଷକ, ଯୁବକ ଓ ମହିଳାମାନଙ୍କୁ ସଶକ୍ତ କରି ଓଡ଼ିଶାକୁ ୧ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ଏଥିରେ ଘୋଷଣା ଥିଲା । ଏହାକୁ ଆଧାର କରି ୨୦୨୪ ଜୁନ୍ ୧୨ ତାରିଖରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ଗଢ଼ାଗଲା ବିଜେପି ସରକାର । ନୂଆ ସରକାର ଗଠନକୁ ଦଳ ଅସ୍ମିତାର ବିଜୟ ବୋଲି କହୁଥିବା ବେଳେ ଆଉ କେତେକ କହନ୍ତି ଏହା ଅହଂକାରର ପରାଜୟ । ତେବେ ଲୋକଙ୍କ ପାଇଁ ବର୍ଷକରେ କେତେ କାମ ହୋଇଛି ଓ ୫୪ ପୃଷ୍ଠା ସମ୍ବଳିତ ଦୀର୍ଘ ସଂକଳ୍ପ ପତ୍ରର ଆଉ କେଉଁସବୁ କାମ ଅଧୁରା ରହିଛି, ତାହାର ସମୀକ୍ଷା ସରକାର ଓ ଲୋକେ କରୁଛନ୍ତି ।

ଗତ ସରକାର ଅମଳର ବ୍ୟାପକ ଦୁର୍ନୀତି ବ୍ୟବସ୍ଥାର ପରିସମାପ୍ତି ପାଇଁ ଏଥିରେ ଥିଲା ପ୍ରମୁଖ ଘୋଷଣା । ୧୮ମାସ ଭିତରେ ଚିଟ୍‌ଫଣ୍ଡ କେଲେଙ୍କାରୀରେ କ୍ଷତିଗ୍ରସ୍ତମାନଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରିବା ସହିତ ଖଣି ଦୁର୍ନୀତିର ଅବସାନ ପାଇଁ ଘୋଷଣା କରାଯାଇ ରାଜ୍ୟର ସମସ୍ତ ଯୋଜନା ଓ ରାଜସ୍ୱ ରାଜ୍ୟବାସୀଙ୍କ ନିକଟରେ ସିଧାସଳଖ ପହଞ୍ଚିବ ବୋଲି ଉଲ୍ଲେଖ ଥିଲା। ଓଡ଼ିଶାକୁ ଦେଶର ତୃତୀୟ ସର୍ବାଧିକ ପର୍ଯ୍ୟଟକ ଆସୁଥିବା ରାଜ୍ୟ ତାଲିକାରେ ସାମିଲ କରିବା ଏବଂ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଲୋକଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦେବା ପାଇଁ ଏଥିରେ କୁହାଯାଇଥିଲା ।

ଧାନ କ୍ୱିଣ୍ଟାଲ ପିଛା କ୍ରୟ ମୂଲ୍ୟ ୩୧୦୦ ଟଙ୍କା ଧାର୍ଯ୍ୟ କରି ଡିବିଟି (ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତର) ଜରିଆରେ ୪୮ ଘଣ୍ଟା ଭିତରେ କୃଷକମାନଙ୍କୁ ଅର୍ଥ ହସ୍ତାନ୍ତର କରିବା ସହିତ କଟ୍‌ନୀଛଟନୀ ବ୍ୟବସ୍ଥାର ପରିସମାପ୍ତି ପାଇଁ ଏଥିରେ ଘୋଷଣା ଥିଲା । ୨୦୨୯ ସୁଦ୍ଧା ରାଜ୍ୟର ଜଳସେଚିତ ଚାଷଜମି ପରିମାଣ ୩ଗୁଣ କରିବା, ଯାନ୍ତ୍ରିକ କୃଷି ଲାଗି ୮୦ରୁ ୮୫ ପ୍ରତିଶତ ରିହାତି ବ୍ୟବସ୍ଥା ଓ ଖାଦ୍ୟ ଯୋଗାଣ ଶୃଙ୍ଖଳକୁ ବିସ୍ତାର କରିବା ସହିତ କୃଷକମାନଙ୍କ ଆୟକୁ ବହୁଗୁଣିତ କରିବା ଲାଗି ଦଳ ପ୍ରତିଶ୍ରୁତି ଦେଇଥିଲା । ୩ ହଜାର କୋଟି ଟଙ୍କାର କୃଷି ସଂରକ୍ଷଣ କୋଷ ପ୍ରତିଷ୍ଠା ସହ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର, ମଣ୍ଡି ବ୍ୟବସ୍ଥା, କୃଷି ସମୃଦ୍ଧି କେନ୍ଦ୍ର, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଓ ରପ୍ତାନୀ କେନ୍ଦ୍ର ପ୍ରତିଷ୍ଠା, ପ୍ରତି ପଞ୍ଚାୟତରେ କୃଷି ଓ କୃଷିଜାତ ପଦାର୍ଥ ପାଇଁ ଷ୍ଟୋରେଜ୍ ସୁବିଧା ତୈଳବୀଜ, ଡାଲି, ଝୋଟ, ଆଖୁ, ମିଲେଟ୍, ପନିପରିବା ଆଦିର ଉତ୍ପାଦନ ବୃଦ୍ଧି, କପା ଶିଳ୍ପର ବିକାଶ, ସମ୍ବଲପୁରରେ ନୂଆ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଓଡ଼ିଶାରେ ଜୈବିକ ଚାଷକୁ ପ୍ରୋତ୍ସାହନ, କୃଷକମାନଙ୍କୁ ସଶକ୍ତ କରିବା ଲାଗି ଅକ୍ଷୟ ଶକ୍ତି ଦ୍ୱାରା କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା ଆଦି ଅନେକ ସଂକଳ୍ପ ଏଥିରେ ରହିଥିଲା ।

ସୁଭଦ୍ରା ଯୋଜନା ଆରମ୍ଭ କରି ସେଥିରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ (୨୧ ବର୍ଷରୁ ୫୯ ବୟସ ପର୍ଯ୍ୟନ୍ତ) ୫୦ ହଜାର ଟଙ୍କାର ନଗଦ ଭାଉଚର ଦିଆଯିବ ଓ ଏହାକୁ ସେମାନେ ଦୁଇବର୍ଷ ମଧ୍ୟରେ ଖର୍ଚ୍ଚ କରିପାରିବେ ବୋଲି ସଂକଳ୍ପ ସହ ୨୦୨୭ ସୁଦ୍ଧା ରାଜ୍ୟରେ ୨୫ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ବି ଏଥିରେ ଘୋଷଣା ଥିଲା । ବିଶ୍ୱସ୍ତରୀୟ ରାସ୍ତା ସଂଯୋଗୀକରଣ କ୍ରମରେ ୭୫ ହଜାର କିଲୋମିଟର ଗ୍ରାମ୍ୟ ଓ ଜାତୀୟ ରାଜପଥ ନିର୍ମାଣ ସହିତ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଓ ଜିଲ୍ଲା ସଦର ମହକୁମାକୁ ରାଜ୍ୟ ରାଜଧାନୀ ସହିତ ଯୋଡ଼ିବା, ଓଡ଼ିଶାର ଅର୍ଥନୀତିକୁ ଶ୍ରେଷ୍ଠ କାର୍ଯ୍ୟକ୍ଷମ ଅର୍ଥନୀତିରେ ପରିଣତ କରି ୨୦୨୯ ସୁଦ୍ଧା ୩ଲକ୍ଷ ୫୦ ହଜାର ଲୋକଙ୍କୁ ନିଯୁକ୍ତି ଦେବା ରାଉରକେଲା, ସମ୍ବଲପୁର, ପାରାଦୀପ ଓ ଧାମରାକୁ ମିଶାଇ ଏକ ଶିଳ୍ପ କରିଡର ପ୍ରତିଷ୍ଠା ଏବଂ ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଓ ବାଲେଶ୍ୱରରେ ଆଇଟି ପାର୍କ ସ୍ଥାପନ ସହ ପ୍ରବାସୀ ଓଡ଼ିଆମାନଙ୍କ ଲାଗି ଭାରତର ସମସ୍ତ ମେଟ୍ରୋ ସହରରେ ଓଡ଼ିଆ ସମୁଦାୟ ଭବନ ପ୍ରତିଷ୍ଠା ଲାଗି ବି ପ୍ରତିଶ୍ରୁତି ଦିଆଯାଇଥିଲା।

ଲୋକେ ଓଡ଼ିଶାରେ ବିଜେପି ସରକାର ପ୍ରତିଷ୍ଠା କଲେ ୨୦୨୯ ସୁଦ୍ଧା ଓଡ଼ିଶାକୁ ନିଶାମୁକ୍ତ କରିବା ସହ ସମ୍ବିଧାନର ୪୭ଧାରାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରି ବିଷାକ୍ତ ପାନୀୟ ତଥା ଡ୍ରଗ୍ସକୁ ନିୟନ୍ତ୍ରଣ କରିବା ସଂଗେ ସଂଗେ ଉତ୍କୃଷ୍ଟ ଜୀବନ ପାଇଁ ବିଜେପିର ସଂକଳ୍ପ ଥିଲା । ଓଡ଼ିଆରେ ଆଇନ, ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମ ପ୍ରଚଳନ କରିବା, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ, ଦାଦନ ସମସ୍ୟାର ସମାଧାନ, କେନ୍ଦୁପତ୍ର ତୋଳାଳୀଙ୍କ କଲ୍ୟାଣ, ପିଏମ୍ ଆବାସ ଯୋଜନାରେ ୧୫ଲକ୍ଷ ବାସହୀନଙ୍କୁ ଘର ଯୋଗାଇବା ସହିତ ୪୦ ସ୍ଥାନରେ ଜଳ ଜୀବନ ମିଶନ ମାଧ୍ୟମରେ ୨୬ଲକ୍ଷ ଘରକୁ ଜଳ ଯୋଗାଣ ପାଇଁ ବି ଏଥିରେ ଉଲ୍ଲେଖ ଥିଲା।

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଚାରିଦ୍ୱାର ଭକ୍ତମାନଙ୍କ ପାଇଁ ଖୋଲିବା ସହିତ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ ଓ ରତ୍ନଭଣ୍ଡାର ଫିଟାଇ ଏଥିରେ ଥିବା ସଂପତ୍ତିର ତାଲିକା ରାଜ୍ୟବାସୀଙ୍କ ନିକଟରେ ପ୍ରକାଶ କରିବାକୁ ଏଥିରେ କୁହାଯାଇଥିଲା । ବୁଣାକାର ଓ ହସ୍ତତନ୍ତ କାରିଗରଙ୍କ ପାଇଁ ମାସିକ ୩ ହଜାରରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ ବଲାଙ୍ଗୀର, ସୋନପୁର ଓ କଳାହାଣ୍ଡିରେ ବୟନଶିଳ୍ପ ପାର୍କ ଓ ସମ୍ବଲପୁରରେ ହସ୍ତତନ୍ତ ରପ୍ତାନୀ ପାର୍କ ସ୍ଥାପନ କରି ୫୧ ହଜାର ନୂଆ କର୍ମ ନିଯୁକ୍ତି ସୃଷ୍ଟି, ଅଣ ସଂଗଠିତ ଶ୍ରମିକମାନଙ୍କ ଲାଗି ୫ଲକ୍ଷ ଟଙ୍କା କରି ବୀମା ସୁବିଧା, ମୁଖ୍ୟମନ୍ତ୍ରୀ ସହାୟତା ଯୋଜନା ମାଧ୍ୟମରେ ବୟସ୍କ, ଦିବ୍ୟାଙ୍ଗ, ବିଧବା ଓ ନିରାଶ୍ରୟମାନଙ୍କୁ ୩ ହଜାର ଟଙ୍କା ଏବଂ ୮୦ ପ୍ରତିଶତରୁ ଊର୍ଦ୍ଧ ଅକ୍ଷମ ଓ ୮୦ ବର୍ଷରୁ ଊର୍ଦ୍ଧ ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା ପେନସନ୍ ଦେବାକୁ ଏହି ସଂକଳ୍ପ ପତ୍ରରେ କୁହାଯାଇଥିଲା ।

ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ୩୬,୦୦୦ ନୂତନ ଶଯ୍ୟା ବ୍ୟବସ୍ଥା ସହିତ ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦୨୭ ସୁଦ୍ଧା ଆଇସିୟୁ, ଡାୟଲିସିସ୍, ଅସ୍ତ୍ରୋପଚାର ଗୃହ ବ୍ୟବସ୍ଥା କରିବା ଏବଂ ୧୦୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ଭାବେ ଉନ୍ନିତ କରିବା ଓ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଲାଗୁ କରି ବାର୍ଷିକ ୮ଲକ୍ଷ ଟଙ୍କାରୁ କମ୍ ରୋଜଗାର କରୁଥିବା ପ୍ରତି ନାଗରିକଙ୍କୁ ଏହି ସୁବିଧା ପ୍ରଦାନ କରିବାକୁ ଏଥିରେ ଘୋଷଣା କରାଯାଇଥିଲା । ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ କରି ମେଡିକାଲ୍ କଲେଜ, ନର୍ସିଂ କଲେଜ୍ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ଓଡ଼ିଶାର ଦକ୍ଷିଣ, ଉତ୍ତର ଓ କେନ୍ଦ୍ରାଞ୍ଚଳରେ ତିନୋଟି ସ୍ୱତନ୍ତ୍ର କ୍ୟାନସର ହସ୍ପିଟାଲ୍, ସମ୍ବଲପୁରରେ ଓଡ଼ିଶାର ଦ୍ୱିତୀୟ ଏମ୍ସ ନିର୍ମାଣ, ରାଜ୍ୟରେ ୩ ହଜାର ନୂଆ ଡାକ୍ତରୀ ପଦବୀ ସୃଷ୍ଟି, ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚକ୍ଷୁ ଚିକିତ୍ସା ସୁବିଧା, ସବୁ ଡାକ୍ତରଖାନାରେ ଆଣ୍ଟି ଭେନମ୍ ଉପଲବ୍ଧ କରାଇବା, କେନ୍ଦୁଝର ଓ ସୁନ୍ଦରଗଡ଼ରେ ୬୦୦ ଶଯ୍ୟା ବିଶିଷ୍ଟ ମଲଟି ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ଲାଗି ଏଥିରେ ପ୍ରତିଶ୍ରୁତି ଦିଆଯାଇଥିଲା।

ପ୍ରତି ବ୍ଲକରେ ଭ୍ରାମ୍ୟମାଣ ପଶୁଚିକିତ୍ସା ସେବା ଯୋଗାଇବା ସହିତ ୨୦୨୭ ସୁଦ୍ଧା ବାର୍ଷିକ ୧୦୦ଲକ୍ଷ ଟନ୍ ଦୁଗ୍ଧ, ୫୪୦ଲକ୍ଷ ଟନ୍ କୁକୁଡ଼ା ମାଂସ, ୨ଲକ୍ଷ ମେଟ୍ରିକ୍ ଟନ୍ ଛେଳି ମାଂସ ଓ ୧୧ ହଜାର କୋଟି ଅଣ୍ଡା ଉତ୍ପାଦନର ଲକ୍ଷ୍ୟ ଏହି ସଂକଳ୍ପ ପତ୍ରରେ ରହିଛି । ୨୦୩୦ ସୁଦ୍ଧା ବାର୍ଷିକ ୫ହଜାର ମେଟ୍ରିକ ଟନ୍ ମାଛ ଉତ୍ପାଦନ ସହିତ ଚିଙ୍ଗୁଡ଼ି ଚାଷକୁ ସ୍ୱତନ୍ତ୍ର ପ୍ରୋତ୍ସାହନ, ମତ୍ସ୍ୟଚାଷୀଙ୍କ ଲାଗି ୨ହଜାର କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ ଓ ଗୋ ହତ୍ୟା ନିରୋଧ ଆଇନ ଲାଗୁ କରିବାକୁ ଏଥିରେ ସଂକଳ୍ପ ରହିଛି । ପ୍ରତ୍ୟେକ ମତ୍ସ୍ୟଜୀବୀଙ୍କୁ ମଛଧରା ବନ୍ଦ ସମୟରେ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ଏବଂ ମାଛଧରା ବନ୍ଦରଗୁଡ଼ିକର ନବୀକରଣ, ମତ୍ସ୍ୟ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ସ୍ଥାପନ ଓ ମତ୍ସ୍ୟ ପ୍ରକ୍ରିୟାକରଣ ଗୃହ ନିର୍ମାଣ ଲାଗି ଏଥିରେ ଉଲ୍ଲେଖ ଥିଲା। **ନବମରୁ ଦ୍ୱାଦଶ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଲାପଟପ୍ / ଟ୍ୟାବଲେଟ୍ ପ୍ରଦାନ, ଛାତ୍ରଛାତ୍ରୀଙ୍କ କ୍ୟାରିଅର କାଉନ୍‌ସେଲିଂ, ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ରରେ ପରିଣତ, ଏଆଇ (କୃତ୍ରିମ ବୁଦ୍ଧିମତା) ମାଧ୍ୟମରେ ଶିକ୍ଷାକ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଏବଂ ସର୍ବୋପରି ସମାନ କାମ ପାଇଁ ସମାନ ଦରମା ନୀତି ଆଧାରରେ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମାନ ବେତନ ପ୍ରଣାଳୀ ବ୍ୟବସ୍ଥା ପ୍ରବର୍ତ୍ତନ, ସରକାରକୁ ଆସିବାର ୬ମାସ ଭିତରେ ପୂର୍ବ ସରକାର ଅମଳରେ ବନ୍ଦ କରାଯାଇଥିବା ୮ ହଜାର ସ୍କୁଲକୁ ପୁଣି ଖୋଲିବା, ରାଉରକେଲାର ଏନ୍‌ଆଇଟି ସମେତ ରାଜ୍ୟର ସମସ୍ତ ସରକାରୀ ଇଞ୍ଜିନିୟରିଂ କଲେଜକୁ ଆଇଆଇଟି ସ୍ତରକୁ ଉନ୍ନିତ କରିବା ଏବଂ ସବୁ ଆଇଟିଆଇଗୁଡ଼ିକୁ ଅତ୍ୟାଧୁନିକ କରିବା ଲାଗି ଏଥିରେ ସଂକଳ୍ପ ରହିଛି । ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫ ହଜାର ଟଙ୍କା କରି ସହାୟତା ରାଶି, ନୂଆ ଶିକ୍ଷାନୀତି ଲାଗୁ, ସରକାରୀ କଲେଜ୍‌ରେ ପଢୁଥିବା ସବୁ ଛାତ୍ରୀଙ୍କୁ ୨ ଚକିଆ ବ୍ୟାଟେରୀ ଚାଳିତ ଗାଡ଼ି କିଣିବା ପାଇଁ ସବ୍‌ସିଡି, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ଛାତ୍ରୀମାନଙ୍କ ପାଇଁ ୨ଲକ୍ଷ ଟଙ୍କାର ଆଶ୍ୱାସନା ପ୍ରମାଣପତ୍ର ପ୍ରଦାନ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ କୃଷି ଶ୍ରମିକଙ୍କ ପିଲାମାନଙ୍କୁ ପାଠ ପଢ଼ିବା ପାଇଁ କୃଷି ବିଦ୍ୟାନିଧି ଯୋଜନାରେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃତ୍ତି ଦେବାକୁ ଏହି ସଂକଳ୍ପ ପତ୍ରରେ ଗ୍ୟାରେଣ୍ଟି ଦିଆଯାଇଛି।**

ବିଜେପିର ସଂକଳ୍ପ ପତ୍ରରେ ରାଜ୍ୟର ଯୁବ ବର୍ଗଙ୍କୁ ବିନା ସୁଧରେ ଓ ୫୦ ପ୍ରତିଶତ ସବ୍‌ସିଡିରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ସହିତ ଖେଳନୀତି-୨୦୨୪ ଲାଗୁ କରି କ୍ରୀଡ଼ାର ବିକାଶ, ଭୁବନେଶ୍ୱରରେ ରାଜ୍ୟର ପ୍ରଥମ କ୍ରୀଡା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ମେଗା ଫୁଡ୍ ପାର୍କ ନିର୍ମାଣ, ୨୦୨୯ ସୁଦ୍ଧା ଓଡ଼ିଶାକୁ ଭାରତର ପଞ୍ଚମ ସର୍ବବୃହତ ରପ୍ତାନୀକାରୀ ରାଜ୍ୟ ଭାବେ ପ୍ରତିଷ୍ଠା, ଦାଦନ ସମସ୍ୟାର ବିଲୋପ, ଅଙ୍ଗନବାଡ଼ି କର୍ମୀଙ୍କ ମାସିକ ବେତନ ୧୨ ହଜାର ଓ ସହାୟିକାଙ୍କ ବେତନ ୮ ହଜାର ଟଙ୍କାକୁ ବୃଦ୍ଧି, ଆଶା କର୍ମୀମାନଙ୍କୁ ସ୍ଥାୟୀ ନିଯୁକ୍ତି, ରାଜ୍ୟରେ କୁପୋଷଣ ରୋକିବା ଲାଗି ପଦକ୍ଷେପ, ପ୍ରତି ଜିଲ୍ଲାରେ କର୍ମଜୀବୀ ମହିଳା ନିବାସ ନିର୍ମାଣ, ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ବହୁ ବିକାଶ ଯୋଜନା, ଅଣସଂଗଠିତ ଶ୍ରମିକମାନଙ୍କ ନିରାପତ୍ତା ବ୍ୟବସ୍ଥା କରିବାକୁ ଏଥିରେ ଗ୍ୟାରେଣ୍ଟି ଦିଆଯାଇଥିଲା। ମହିଳାମାନଙ୍କ ସୁରକ୍ଷା ସହିତ ରାଜ୍ୟର ସୀମା ବିବାଦ ସମାଧାନ ପରିବେଶ, ଜଙ୍ଗଲ ଓ ପ୍ରାକୃତିକ ସମ୍ବଳର ସଦୁପଯୋଗ ଓ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ, ରାଜ୍ୟର ସବୁ କାଠପୋଲ ହଟାଇ କଂକ୍ରିଟ୍ ପୋଲ ନିର୍ମାଣ, ୨୦୨୬ ସୁଦ୍ଧା ସ୍ୱଚ୍ଛ ଭାରତ ମିଶନରେ ଖୋଲା ସ୍ଥାନକୁ ମଳମୁତ୍ର ମୁକ୍ତ କରିବା ଏବଂ ସର୍ବୋପରି ବନ୍ୟାଜଳ ନିୟନ୍ତ୍ରଣ ସହିତ ଡ୍ରେନେଜ୍ ପରିଚାଳନାକୁ ସୁବ୍ୟବସ୍ଥିତ କରି ଜଳ ଜମୁଥିବା ସ୍ଥାନ ସବୁକୁ ଜଳମୁକ୍ତ କରିବା ଓକିଲ ଓ ଡାକ୍ତରମାନଙ୍କ ନିରାପତ୍ତା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ, ଜନଜାତିଙ୍କ ଉପରେ ହେଉଥିବା ଅତ୍ୟାଚାରର ସମାଧାନ, ରାଜ୍ୟରେ ରେଳପଥର ବିକାଶ ସମେତ ବହୁ ପ୍ରତିଶ୍ରୁତି ବିଜେପି ତାହାର ସଂକଳ୍ପ ପତ୍ରରେ ଘୋଷଣା କରିଥିଲା।

ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ସଂକଳ୍ପ ଓ ଗ୍ୟାରେଣ୍ଟିର ସମୀକ୍ଷା କରି ବହୁଚର୍ଚ୍ଚିତ ଅସ୍ମିତାକୁ ବିସ୍ମୃତି ଗର୍ଭରୁ ରକ୍ଷା କରିବା ସହିତ ଲୋକ ପ୍ରତିନିଧି ଓ ସରକାର ଚଳାଉଥିବା ବ୍ୟକ୍ତିବିଶେଷ ନିଜକୁ ଶାସକ ନୁହେଁ, ସେବକ ଭାବି କାମ କରନ୍ତୁ । ଗରିବ ଓଡ଼ିଆଙ୍କ ନେତା ବିଳାସୀ ହେବା ଅନୁଚିତ । କ୍ଷମତା, ନିରାପତ୍ତା ଓ ଆତ୍ମ ପ୍ରଚାରରେ ନମାତି ଏମାନେ ମିତବ୍ୟୟିତା ସହିତ ସରଳ ଜୀବନ ଓ ଉଚ୍ଚ ଚିନ୍ତନର ପ୍ରତୀକ ସାଜନ୍ତୁ । ଓଡ଼ିଶାର ବିକାଶ ପାଇଁ ନିଷ୍ଠାର ସହ ସେବା କରନ୍ତୁ । ଅହଂକାର, ବିଦ୍ୱେଷ, ଘୃଣା, ହିଂସା, ଆରୋପ-ପ୍ରତ୍ୟାରୋପ ବଦଳରେ ସଂକୀର୍ଣ୍ଣ ରାଜନୀତିର ଉପରକୁ ଉଠି ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରନ୍ତୁ । ଗ୍ରାମ ସ୍ୱରାଜ ମାଧ୍ୟମରେ ସମତା ଓ ମମତା ଭିତ୍ତିକ ନୂଆ ଓଡ଼ିଶା ନିର୍ମାଣ ଲାଗି କାମ ହେଉ । ଏ ପରିପ୍ରେକ୍ଷୀରେ ଓଡ଼ିଶାର ବିଜେପି ନେତୃତ୍ୱାଧୀନ ସରକାର ହାତରେ ବାର୍ଷିକ ୨ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଥିଲାବେଳେ ଦଳର ସଂକଳ୍ପ ଓ ଗ୍ୟାରେଣ୍ଟିକୁ ସରକାର ସ୍ୱଚ୍ଛତା ଓ ସଂଯମତାର ସହ ସାକାର କରନ୍ତୁ । କଥାରେ ଅଛି, 'ଅସତ୍ୟ ନୁହଁ ସୌଦାଗର, ତୋ ବାକ୍ୟ ତୁହି ରକ୍ଷାକର'।

E-mail: prahalladsinha@gmail.com
ମୋ-୯୪୩୭୦୧୭୩୯୫

**ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ସଂକଳ୍ପ ଓ ଗ୍ୟାରେଣ୍ଟିର ସମୀକ୍ଷା କରି ବହୁଚର୍ଚ୍ଚିତ ଅସ୍ମିତାକୁ ବିସ୍ମୃତି ଗର୍ଭରୁ ରକ୍ଷା କରିବା ସହିତ ଲୋକ ପ୍ରତିନିଧି ଓ ସରକାର ଚଳାଉଥିବା ବ୍ୟକ୍ତିବିଶେଷ ନିଜକୁ ଶାସକ ନୁହେଁ, ସେବକ ଭାବି କାମ କରନ୍ତୁ । ଗରିବ ଓଡ଼ିଆଙ୍କ ନେତା ବିଳାସୀ ହେବା ଅନୁଚିତ । କ୍ଷମତା, ନିରାପତ୍ତା ଓ ଆତ୍ମ ପ୍ରଚାରରେ ନମାତି ଏମାନେ ମିତବ୍ୟୟିତା ସହିତ ସରଳ ଜୀବନ ଓ ଉଚ୍ଚ ଚିନ୍ତନର ପ୍ରତୀକ ସାଜନ୍ତୁ । ଓଡ଼ିଶାର ବିକାଶ ପାଇଁ ନିଷ୍ଠାର ସହ ସେବା କରନ୍ତୁ । ଅହଂକାର, ବିଦ୍ୱେଷ, ଘୃଣା, ହିଂସା, ଆରୋପ-ପ୍ରତ୍ୟାରୋପ ବଦଳରେ ସଂକୀର୍ଣ୍ଣ ରାଜନୀତିର ଉପରକୁ ଉଠି ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରନ୍ତୁ । ଗ୍ରାମ ସ୍ୱରାଜ ମାଧ୍ୟମରେ ସମତା ଓ ମମତା ଭିତ୍ତିକ ନୂଆ ଓଡ଼ିଶା ନିର୍ମାଣ ଲାଗି କାମ ହେଉ । ଏ ପରିପ୍ରେକ୍ଷୀରେ ଓଡ଼ିଶାର ବିଜେପି ନେତୃତ୍ୱାଧୀନ ସରକାର ହାତରେ ବାର୍ଷିକ ୨ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଥିଲାବେଳେ ଦଳର ସଂକଳ୍ପ ଓ ଗ୍ୟାରେଣ୍ଟିକୁ ସରକାର ସ୍ୱଚ୍ଛତା ଓ ସଂଯମତାର ସହ ସାକାର କରନ୍ତୁ । କଥାରେ ଅଛି, 'ଅସତ୍ୟ ନୁହଁ ସୌଦାଗର, ତୋ ବାକ୍ୟ ତୁହି ରକ୍ଷାକର'।**

# ଭିନ୍ନ ଏକ ଦୃଷ୍ଟିରେ କଳିଙ୍ଗ ଯୁଦ୍ଧ



**ଡ଼କ୍ଟର ଶିଖାଶ୍ରୀ ରାୟ**

କଳିଙ୍ଗ ଯୁଦ୍ଧ ଓଡ଼ିଶାର ଐତିହାସିକ ଦିଗରେ ଏମିତି ଏକ ଅଭିନ୍ନ ଅଧ୍ୟାୟ ଯାହାକୁ ଶୌର୍ଯ୍ୟ, ସ୍ୱାଧୀନତା ଓ ସାଂସ୍କୃତିକ ଗୌରବର ପ୍ରତୀକ ଭାବେ ଦେଖାଯାଏ । ଖ୍ରୀଷ୍ଟପୂର୍ବ ୨୬୧ ମସିହା ଭିତରେ ଘଟିଥିବା ଏହି ଯୁଦ୍ଧ କେବଳ ମାତ୍ର ଅନେକ ପରିବାର ଉଜାଡ଼ି ଦେଇନଥିଲା , ବରଂ ଭାରତୀୟ ରାଜନୈତିକ ଓ ଧାର୍ମିକ ଚିନ୍ତାଧାରାକୁ ବି ବଦଳାଇ ଦେଇଥିଲା । ଏହି ଯୁଦ୍ଧ ମାଧ୍ୟମରେ ଚଣ୍ଡାଶୋକରୁ ଧର୍ମାଶୋକ ହେବା ଯାତ୍ରାର ଆରମ୍ଭ ହୋଇଥିଲା ।

ମୌର୍ଯ୍ୟ ସାମ୍ରାଜ୍ୟ ପୂର୍ବରୁ ମଧ୍ୟ କଳିଙ୍ଗ ଏକ ସ୍ୱାଧୀନ ଓ ସମୃଦ୍ଧ ରାଜ୍ୟ ଥିଲା । ସାଗରିକ ବ୍ୟବସାୟ, ସେନା ସମର୍ଥନ ଓ ରାଜନୈତିକ ପ୍ରଭାବ ଦ୍ୱାରା ଏହା ଦେଶର ତଟୀୟ ଅଞ୍ଚଳରେ ଏକ ଶକ୍ତିଶାଳୀ ରାଜ୍ୟ ରୂପେ ପରିଚିତ ଥିଲା । ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ତାଙ୍କ ଉତ୍ତରାଧିକାରୀ ବିନ୍ଦୁସାରଙ୍କ ପାଇଁ କଳିଙ୍ଗକୁ ମୌର୍ଯ୍ୟ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ କରିବା ନିଜ ସାମର୍ଥ୍ୟ ବାହାରେ ଥିଲା ବୋଲି ଐତିହାସିକ ତଥ୍ୟ ସୂଚିତ କରେ । ଏହା ଅଶୋକଙ୍କ ଶାସନକାଳ ପୂର୍ବର ରାଜନୈତିକ ଓ ସାମରିକ ବାହିନୀର ପରାକ୍ରମକୁ ପ୍ରମାଣ କରିଥାଏ ।

ଏହି ଯୁଦ୍ଧ ସନ୍ଦର୍ଭରେ ଦୁଃଖଦ ଦିଗ ହେଉଛି, ସେ ସମୟର କଳିଙ୍ଗ ରାଜା ବା ରାଜନୀତିକ ନେତୃତ୍ୱ ସମ୍ବନ୍ଧରେ ନିଶ୍ଚିତ ତଥ୍ୟ ଏଯାବତ ମିଳିନାହିଁ । ଏହାର ଐତିହାସିକ ଅନୁମାନ ତଥା ସମସାମୟିକ ତଥ୍ୟଗୁଡିକ ଚର୍ଚ୍ଚାର ବିଷୟ ହୋଇ ରହିଛି ।

ଅଶୋକଙ୍କ ୧୩ତମ ଶିଳା ଶାସନ ମାଧ୍ୟମରେ ଏହି ଯୁଦ୍ଧର ବିପୁଳ ମାନବ ହାନି (ଏକ ଲକ୍ଷରୁ ଅଧିକ ମୃତ) ଓ ନାଗରିକମାନଙ୍କ ମୌଳିକ ଜୀବନ ଉପରେ ଅକଥନୀୟ ଅତ୍ୟାଚାରର ବର୍ଣ୍ଣନା ହୋଇଛି ।

ଯୁଦ୍ଧ ଅତ୍ୟନ୍ତ ଭୟାନକ ଥିଲା, ତଥାପି କଳିଙ୍ଗର ଲୋକମାନେ ଦୃଢ଼ତାର ସହ ଏହାର ପ୍ରତିରୋଧ କରିଥିଲେ ।

ଏହି ଯୁଦ୍ଧ ଅଶୋକଙ୍କ ମନରେ ପଶ୍ଚାତାପ ଜନ୍ମିଥିଲା ଓ ସେ ବୁଦ୍ଧ ଧର୍ମରେ ଦୀକ୍ଷିତ ହେଲେ । କିନ୍ତୁ ଏହି ଗଳ୍ପ ଭିତରେ ଅନ୍ୟ ଗୁପ୍ତ ଓ ଲୋକକଥାମୂଳକ ପ୍ରସଙ୍ଗ ମଧ୍ୟ ଅଛି – ଯାହା ଏହି ଐତିହାସିକ ଘଟଣାକୁ ଅଧିକ ଜଟିଳ କରେ ।

କଳିଙ୍ଗ ଯୁଦ୍ଧ ସହ ଅନେକ ବ୍ୟକ୍ତିବିଶେଷ ସଂଶ୍ଳିଷ୍ଟ ରହିଥିବାର ତଥ୍ୟ ଇତିହାସରେ ଲେଖାଯାଇଛି ।

ଏମିତି ଏକ ରହସ୍ୟମୟ ଚରିତ୍ର ହେଲେ କାରୁବାକୀ । ଅନେକ କଥାନୁସାରେ ସେ କଳିଙ୍ଗର ଧୀବର ଜାତିର ଝିଅ ଥିଲେ, ଏବଂ ଅଶୋକ ତାଙ୍କୁ ଭଲ ପାଇଥିଲେ । କେହି କହନ୍ତି ଏହି ପ୍ରେମ ଘଟଣା ମଧ୍ୟ କଳିଙ୍ଗ ଯୁଦ୍ଧର ଅନ୍ୟତମ କାରଣ ହୋଇଥିଲା ।

ଏହା ପ୍ରମାଣିତ ନ ହେଲେ ମଧ୍ୟ, କାରୁବାକୀ ନିଜର ଅସ୍ତିତ୍ୱ ଦ୍ୱାରା ଐତିହାସିକ ଅନୁପସ୍ଥିତିରେ ମଧ୍ୟ ସଂପୃକ୍ତ ରହିଛନ୍ତି । ଅଲ୍ଲାହାବାଦର ଶିଳାଲେଖରେ ତାଙ୍କ ନାମ ଦିଆଯାଇଛି – ଅଶୋକଙ୍କ ରାଣୀ ଓ ପୁତ୍ର ତିବଲଙ୍କ ଜନନୀ ଭାବେ ।

ଏଥିସହିତ କାରୁବାକୀ ଏକମାତ୍ର ରାଣୀ ଯାହାଙ୍କର ନାମକୁ ଗୁରୁତ୍ୱ ପ୍ରଦାନ କରି, ଅଶୋକ ନିଜ ଲିଖିତ ଲିପିରେ ତାଙ୍କ ସଂପର୍କରେ ସୂଚିତ କରିଛନ୍ତି ।

ପ୍ରଶ୍ନ ଉଠେ – କାରୁବାକୀ ସତରେ କଣ ଜଣେ ସାଧାରଣ ଝିଅ ଥିଲେ, ନା କଳିଙ୍ଗର ରାଜପୁତ୍ରୀ ବା ରାଜନୀ ବିଧବା? ଯଦି ଏହା ଠିକ୍ ହୁଏ, ତେବେ ତାଙ୍କ ସହ ବିବାହ ଏକ ରାଜନୈତିକ ବା ତୁଳନାତ୍ମକ ସନ୍ଧି ଭାବେ ବି ଦେଖାଯାଇପାରେ – ଯାହା ମୌର୍ଯ୍ୟ ବଂଶର ପୂର୍ବତନ ରାଜାମାନଙ୍କର ଏକ ପ୍ରଚଳିତ ଅଭ୍ୟାସ ଥିଲା ।

ଏହି ରାଜାମାନେ ରାଜ୍ୟ ବିସ୍ତାର କରିବାର ଲକ୍ଷ୍ୟ ନେଇ ବୈବାହିକ-ସନ୍ଧିକୁ ସାଧନ ରୂପେ ବ୍ୟବହାର କରୁଥିଲେ ।

ଏଠାରେ ସମ୍ଭବତଃ, ଅଶୋକଙ୍କ ବିବାହ ପ୍ରସ୍ତାବରେ କାରୁବାକୀଙ୍କ ଅସ୍ୱୀକାର ଏକ ପ୍ରମୁଖ କାରଣ ହୋଇ ଥାଇପାରେ । ଏହାସହିତ କାରୁବାକୀଙ୍କ ସାହାସ ଓ ଶୌର୍ଯ୍ୟ ଦେଖି ଅଶୋକଙ୍କ ତାଙ୍କ ପ୍ରତି ଥିବା ସମ୍ମାନ, ପ୍ରେମରେ ପରିଣତ ହୋଇଥିବାର ଅନୁମାନ କରାଯାଇପାରେ ।

ଏହି ପ୍ରେମ ଅଶୋକଙ୍କ ବଳିଷ୍ଠ ସମ୍ରାଟର ବ୍ୟକ୍ତିତ୍ୱକୁ ଏକ ଧାର୍ମିକ ତଥା ଅହିଂସାପୂର୍ଣ୍ଣ ରାଜ୍ୟର ସେବକ ଭାବେ ପରିଣତ କରିବାକୁ ମଧ୍ୟ ଏଡାଇ ଦିଆଯାଇ ନପାରେ ।

କାରୁବାକୀଙ୍କ ଚରିତ୍ରକୁ କଳିଙ୍ଗ ରାଜପରିବାରର ନାରୀମାନଙ୍କ ସହିତ ମଧ୍ୟ ସଂଯୋଜିତ କରାଯାଇପାରେ । କଳିଙ୍ଗର ଐତିହାସିକ ରାଜନୀତିରେ ନାରୀ ସଶକ୍ତିକରଣର ଏକ ଦୃଢ଼ ନିଦର୍ଶନ ରହିଛି– ସେଠାରୁ ଗଜପତି, ଭୋଇ ବଂଶ ଯୁଗ ଯାଏଁ ଅନେକ ରାଜା ରାଜନୈତିକ ଓ ଧାର୍ମିକ ଭୂମିକାରେ ଅଗ୍ରଣୀ ଥିଲେ ।

ଏହି ପ୍ରସଙ୍ଗରେ, କାରୁବାକୀ ଏକ ଶକ୍ତିଶାଳୀ ଓ ଗଭୀର ଅସ୍ତିତ୍ୱ ଥିବା ନାରୀ ଭାବେ ଦେଖାଯିବା ଯୁକ୍ତିସଙ୍ଗତ । ତାଙ୍କ ଉପରେ ଅଶୋକଙ୍କ ପ୍ରେମ ଓ ପ୍ରଭାବ ଶାସନ ଧାରାକୁ ଧର୍ମ ଓ ଦୟା ଦିଗରେ ନେଇଯିବାରେ ଏକ ଅଦୃଶ୍ୟ ଭୂମିକା ନିଭାଇଥିବାର ସମ୍ଭାବନାକୁ ଅସ୍ୱୀକାର କରିହେବ ନାହିଁ ।

ଯେତେବେଳେ କଳିଙ୍ଗର କୌଣସି ରାଜାଙ୍କ ନାମ ଇତିହାସ ପୃଷ୍ଠାରେ ଉଲ୍ଲେଖ ନଥିବାବେଳେ, କାରୁବାକୀଙ୍କ ପ୍ରସଙ୍ଗ ଉଭୟ କାଳ୍ପନିକ ଓ ଐତିହାସିକ ଭାବେ ଆଲୋଚନାକୁ ନିଆଯାଇପାରେ ।

ଉପସଂହାର ରେ କେବଳ ଏତିକି କୁହାଯାଇପାରେ ଯେ କଳିଙ୍ଗ ଯୁଦ୍ଧ କେବଳ ଏକ ସାମରିକ ଅଭିଯାନ ନୁହେଁ, ଏହା ହେଉଛି ଏକ ରୂପାନ୍ତର କଥା – ବିଜୟ ଓ ପରାଜୟର ନୁହେଁ, ବରଂ ମୂଲ୍ୟବୋଧ, ଦୟା, ଆତ୍ମାନୁଭୂତିର ସଂସ୍କୃତିର ଗାଥା । କଳିଙ୍ଗ ଅଜଣା ରାଜାଙ୍କ ଚାଲିଯାଇଥିବା ସତ୍ତ୍ୱେ ତାଙ୍କ ଘୋଷଣା ଓ ମୌନ ପ୍ରତିରୋଧ ଆଜିବି ପ୍ରତ୍ୟେକ ଓଡ଼ିଆଙ୍କ ମନରେ ମନରେ ପ୍ରଶ୍ନ ହୋଇ ରହିଛି ।

**ସହାୟକ ପ୍ରଫେସର,**
**ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର**
**ମୋ-୮୭୦୦୧୪୬୫୬୬**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଅହମ୍ମଦାବାଦରେ...

କଳାଧୂଆଁ ଦେଖିବାକୁ ମିଳିଥିଲା । ଉଦ୍ଧାର କାର୍ଯ୍ୟ ଜୋରସୋରରେ ଚାଲିଛି । ଏହାର ଇଣ୍ଡିଆ ପକ୍ଷରୁ ସ୍ପଷ୍ଟ କରାଯାଇଛି । କୁହାଯାଇଛି ଯେ ସ୍ଥାନୀୟ ହସ୍ପିଟାଲକୁ ଆହତମାନଙ୍କୁ ନିଆଯାଇଛି । ଏକ ସ୍ୱତନ୍ତ୍ର ହଟଲାଇନ୍ ବ୍ୟବସ୍ଥା ଲାଗୁ କରାଯାଇଛି । ତେବେ ଏହା ଭୟାବହ ଦୁର୍ଘଟଣାରୁ ୪୦ ବର୍ଷୀୟ ବିଶ୍ୱାସ କୁମାର ରମେଶ ବର୍ତ୍ତି ଯାଇଛନ୍ତି । ସେ ଆଶ୍ରା ସିଭିଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ଛାତି, ଆଖି ଓ ପାଦରେ ଆଘାତ ଲାଗିଛି । ସେ ଉଲ୍ଲେଖକରିଛନ୍ତି ଯେ ମାତ୍ର ୩୦ ସେକେଣ୍ଡ ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରବଳ ଶବ୍ଦ ହୋଇଥିଲା ଓ ବିମାନଟି ଧ୍ୱଂସ ପାଇଯାଇଥିଲା । ତତକ୍ଷଣାତ ଏହି ଘଟଣା ଘଟିଥିଲା । ବୋର୍ଡିଂ ପାସ ରହିଛି । ସେ କହିଛନ୍ତି ଯେତେବେଳେ ସେ ତଳେ ପଡି ଉଡିଲେ ସେ ଦେଖିଲେ ତାଙ୍କ ଚାରି ପଟେ ମୃତକଙ୍କ ଶରୀର ପଡିଛି । ବିମାନର ଖଣ୍ଡବିଖଣ୍ଡିତ ଅଂଶ ଚାରି ଆଡେ ପଡିଥିଲା । କେହି ଜଣେ ତାଙ୍କୁ ଧରି ଆମ୍ବୁଲାନ୍ସରେ ହସ୍ପିଟାଲ ନେଇଯାଇଥିଲା । ସେ ୨୦ ବର୍ଷ ଧରି ଲଣ୍ଡନରେ ରହୁଛନ୍ତି । ତାଙ୍କ ପିଲା ଓ ପତ୍ନୀ ଲଣ୍ଡନରେ ରହିଛନ୍ତି । ତାଙ୍କ ଭାଇ ମଧ ସେହି ପ୍ଲେନ୍‌ରେ ଥିଲେ । ତାଙ୍କୁ ସେ ଦେଖିବାକୁ ପାଉନାହାନ୍ତି ।

ଘଟଣା ସମ୍ପର୍କରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକପ୍ରକାଶ କରିଛନ୍ତି । ସେ ଏହି ଦୁର୍ଘଟଣାକୁ ହୃଦୟ ବିଦାରକ ବିପର୍ଯ୍ୟୟ ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ମୋର ଭାବନା ଓ ପ୍ରାର୍ଥନା ସେମାନଙ୍କ ସହ ରହିଛି । ସମଗ୍ର ରାଷ୍ଟ୍ର ଏହି ଘଟଣାରେ ଦୁଃଖିତ ହେବା ସହ ପୀଡିତମାନଙ୍କ ସହ ରହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅହମ୍ମଦାବାଦ ଦୁର୍ଘଟଣାକୁ ଅତ୍ୟନ୍ତ ଦୁଃଖଦ ବୋଲି ବର୍ଣ୍ଣନା କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଏହା ହୃଦୟ ବିଦାରକ ଓ କହିବା ପାଇଁ ଶବ୍ଦ ନାହିଁ । ମନ୍ତ୍ରୀ ଓ କର୍ତ୍ତୃପକ୍ଷଙ୍କ ସହ ସେ ଯୋଗାଯୋଗରେ ଅଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟଶ୍ୱାଲ କହିଛନ୍ତି ଯେ ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ପରିବାର ପ୍ରତି ଗଭୀର ସମବେଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗୁଜରାଟ ଯାଇଛନ୍ତି । ବିମାନଟି ହଷ୍ଟେଲରେ ପିଟି ହୋଇଥିବାରୁ ୫ ଡାକ୍ତର ଛାତ୍ରୀଙ୍କ ଜୀବନ ଯାଇଛି । ପ୍ରଥମ ଏହା ଜୁନିୟର ଡାକ୍ତର ହଷ୍ଟେଲରେ ପିଟି ହୋଇଥିଲା । ପିଲାମାନେ ହଷ୍ଟେଲ ମେସରେ ଖାଉଥିବା ବେଳେ ଏୟାର ଇଣ୍ଡିଆ ବିମାନ କୋଠାରେ ମାଡ଼ ହୋଇଥିଲା । ଏହାର କିଛି ଅଂଶ ସିନିୟର ରେସିଡେଣ୍ଟ ଡାକ୍ତରଙ୍କ ହଷ୍ଟେଲରେ ମାଡ଼ ହୋଇଥିଲା । ତେବେ ଜୁନିୟର ଡାକ୍ତର ହଷ୍ଟେଲ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଦୁର୍ଘଟଣା ପରେ ଦିଲ୍ଲୀରୁ ଅହମ୍ମାବାଦ ଯିବାକୁଥିବା ସବୁ ବିମାନ ବାତିଲ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅହମ୍ମଦାବାଦ–ଲଣ୍ଡନ ବିମାନ ଦୁର୍ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସୋସିଆଲ ମିଡ଼ିଆରେ ସେ ଉଲ୍ଲେଖ କରିଛନ୍ତି ଯେ ଏହି ଅସୁବିଧା ସମୟରେ ମୋର ଭାବନା ଓ ପ୍ରାର୍ଥନା ସବୁ ଯାତ୍ରୀ, କ୍ର୍ୟୁ ସଦସ୍ୟ ଓ ତାଙ୍କ ପରିବାର ସହ ରହିଛି । ମୁଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଯେଉଁମାନେ ଆହତ ହୋଇଛନ୍ତି ସେମାନଙ୍କ ଆରୋଗ୍ୟ ପାଇଁ କାମନା କରୁଛି ।

## ଲୋକଙ୍କୁ...

ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ କହିଥିଲେ ଯେ ଆମେ ଏହି ବର୍ଷେ ମଧରେ ଲାଗୁ କରିଥିବା ସମସ୍ତ ଯୋଜନାର ସଫଳତା ପାଇଁ ଜନଭାଗିଦାରୀର ବ୍ୟାପକ ଆବଶ୍ୟକତା ରହିଛି । ବିଭିନ୍ନ ସୂଚନା ଓ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ପହଞ୍ଚି, ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ନାଗରିକମାନଙ୍କୁ ସଚେତନ କରାଯାଇ ଲୋକଙ୍କୁ ଯୋଜନା ସହିତ ଯୋଡିବା ଆମର ଲକ୍ଷ୍ୟ । ଏହା ଦ୍ୱାରା ପ୍ରଶାସନ ଲୋକାଭିମୁଖୀ ହୋଇପାରୁଛି । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ସ୍ୱଚ୍ଛ, ଉତ୍ତରଦାୟୀ ଓ ଲୋକାଭିମୁଖୀ ଶାସନର ଏକ ବର୍ଷ ପୂରଣ ଅବସରର, ପ୍ରଶାସନକୁ ଜନ ସାଧାରଣଙ୍କ ଦ୍ୱାର ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶାର ୩୧୪ ଟି ବ୍ଲକ, ୧୧୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୫ଟି ମହାନଗର ନିଗମରେ ଗଡିବ ସ୍ୱତନ୍ତ୍ର 'ବିକାଶ ବାହନ' । ଏହି ବାହନ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ 'ପ୍ରଗତି ପ୍ରବାହ' ପୁସ୍ତକ ଏବଂ ଏକ ବର୍ଷର ସଫଳତାର ତଥ୍ୟ ସମ୍ବଳିତ ପୁସ୍ତିକା ମଧ ସମସ୍ତଙ୍କ ପାଖରେ ପହଞ୍ଚିବ । ଏହାଦ୍ୱାରା ଲୋକମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିପାରିବେ । ବିଭିନ୍ନ ଯୋଜନା ଉପରେ ଆଧାରିତ ଭିଡିଓ ମଧ ଦେଖିପାରିବେ । ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ପ୍ରଥମ ଦିନରୁ ଜନତାଙ୍କ ସହିତ ଯୋଡି ହେବାର ଯେଉଁ ପ୍ରୟାସ ଆରମ୍ଭ ହୋଇଥିଲା, ଆଜି ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସେହି ପ୍ରୟାସକୁ ଆହୁରି ଜୋରଦାର କରାଯାଇଛି । ଏହି ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ, ସରକାର, ଜନସାଧାରଣଙ୍କ ଭାଗୀଦାରିତାରେ 'ବିକଶିତ ଓଡ଼ିଶା' ତଥା ସମୃଦ୍ଧ ଓଡ଼ିଶା ଗଠନର ବୃହତ୍ତର ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରୟାସ କରିଛନ୍ତି । ଏହି ଅବସରରେ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେଯେ, ଲୋକଙ୍କ ଆଶୀର୍ବାଦରେ ଆଜି ଡବଲ ଇଞ୍ଜିନର ସରକାର ଓଡ଼ିଶାର ସାମଗ୍ରିକ ବିକାଶ ଓ ସମୃଦ୍ଧିର ଦାୟିତ୍ୱରେ ଅଛନ୍ତି । କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟରେ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସମୃଦ୍ଧ ଓଡ଼ିଶାର ନିର୍ମାଣ ପାଇଁ ସଂକଳ୍ପବଦ୍ଧ । ଏହି ସମୟ ରାଜ୍ୟର ବିକାଶ ଓ ରାଷ୍ଟ୍ରର ପ୍ରଗତି ପାଇଁ ସ୍ୱପ୍ନ, ସଂକଳ୍ପ ଓ ସମ୍ଭାବନାର ସମୟ ପ୍ରମାଣିତ ହୋଇଛି । ଏହି ସମୟ ରାଜ୍ୟର ବିକାଶ ଓ ରାଷ୍ଟ୍ରର ପ୍ରଗତି ପାଇଁ ସ୍ୱପ୍ନ, ସଂକଳ୍ପ ଓ ସମ୍ଭାବନାର ସମୟ ପ୍ରମାଣିତ ହୋଇଛି । ଏହି ବିକାଶ ବାହନର ଶୁଭାରମ୍ଭ ଆମ ସରକାରଙ୍କ ଓଡ଼ିଶାବାସୀଙ୍କ ପ୍ରତି ସମର୍ପଣର ନୂତନ ଅଧ୍ୟାୟ ।

ଇତ୍ୟବସରରେ, ଏକାମ୍ର–ଭୁବନେଶ୍ୱର ବିଧାୟକ, ବାବୁ ସିଂ ଓ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାଗତ ଭାଷଣ ଦେଇଥିବା ବେଳେ, ବିଭାଗୀୟ କମିଶନର ତଥା ସଚିବ ଗିରିଶ ଏସ. ଏନ ଧନ୍ୟବାଦ ଦେଇଥିଲେ ।

## ଯୁକ୍ତ ୩...

ରାଜଗାଙ୍ଗପୁରର ମା ସରସ୍ୱତୀ ସଂସ୍କୃତ କଲେଜର ସଂସ୍କୃତ ବିଷୟରେ ସର୍ବାଧିକ ୬୮.୬୭ ପ୍ରତିଶତ କଟ ଅଫ ଯାଇଛି । ବକ୍ସି ଜଗବନ୍ଧୁ କଲେଜ କମ୍ପ୍ୟୁଟର ସାଇନ୍ସରେ ୮୮.୮୩ ପ୍ରତିଶତ କଟ ଅଫ ମାର୍କ ରହିଛି । ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନ ୟୁନିଭର୍ସିଟି ଅଫ ଲ କଲେଜ ଆଇନରେ ୮୭.୮୦ ପ୍ରତିଶତ କଟ ଅଫ ମାର୍କ ରହିଛି । ଯୁକ୍ତ ତିନି ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମୋଟ ୨ ଲକ୍ଷ ୭୪ ହଜାର ୫୦୯ ସିଟ୍ ଥିବା ବେଳେ ମୋଟ ୨ ଲକ୍ଷ ୬୫ ହଜାର ୫୯୦ ଛାତ୍ରଛାତ୍ରୀ ଆବେଦନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୭୫ ହଜାର ୭୨୨ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି । ସେଥମଧ୍ୟରୁ ୭୦ ହଜାର ୭୪୫ ଜଣ ପୁଅ ଓ ୧ ଲକ୍ଷ ୪ ହଜାର ୯୬୭ ଝିଅ ମନୋନୀତ ହୋଇଛନ୍ତି । ସେହିଭଳି ୧୦ ଜଣ ତୃତୀୟଲିଙ୍ଗୀ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ବିଜ୍ଞାନରେ ମୋଟ ୪୫ ହଜାର ୮୫୫ ଜଣ, କଳାରେ ୧ ଲକ୍ଷ ୭ ହଜାର ୬୯ ଜଣ ଓ ବାଣିଜ୍ୟରେ ୧୬ ହଜାର ୨୦୫ ଜଣ, ସଂସ୍କୃତରେ ୩ ହଜାର ୩୭୧ ଜଣ, ସେଲ୍ଫ ଫାଇନାନ୍ସିଂରେ ୩ ହଜାର ୫୧ ଜଣ ଏବଂ ଲ'ରେ ୧୭୧ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି । ମନୋନୀତ ଛାତ୍ରଛାତ୍ରୀମାନେ ନିଜ ପସନ୍ଦର କଲେଜରେ ଚଳିତମାସ ୧୩, ୧୬ ଓ ୧୭ ତାରିଖ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ନାମଲେଖା ପାଇଁ ରିପୋର୍ଟ କରିପାରିବେ ।

## ଓଡ଼ିଶା...

ପରେ ତଦନ୍ତ କରୁଥିବା ଟିମ୍ ୪୪୬କୋଟି ଟଙ୍କା ଠକେଇର ସନ୍ଧାନ ପାଇଛି । ପଞ୍ଚମ ଅଭିଯୁକ୍ତ ଭାବେ ଓଡ଼ିଶା ମୁଖ୍ୟ ଜିତେନ୍ଦ୍ର ମଲ୍ଲିକକୁ ବେଙ୍ଗାଲୁରୁରୁ ଗିରଫ କରି ଇଓଡବ୍ଲ୍ୟୁ ବ୍ରହ୍ମପୁର କୋର୍ଟରେ ହାଜର କରିବା ପରେ ରିମାଣ୍ଡରେ ଆଣିଛି । ତା'ଆକାଉଣ୍ଟରେ ଥିବା ୧.୨୫କୋଟି ଟଙ୍କା ଫ୍ରିଜ୍ କରାଯାଇଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି । ଲକ୍ଷାଧିକ ଲୋକଙ୍କ ଠାରୁ ଠକେଇ ହୋଇଥିବା ଜଣାପଡିଥିଲେ ମଧ ତଦନ୍ତ ଜାରି ରହିଛି । ଠକେଇ ଆପ୍‌କୁ ଦୁବାଇର ଏମ୍‌ଡି ସଇପ୍ ପରିଚାଳନା କରୁଥିବା ତଦନ୍ତକାରୀ ଟିମ୍ ସୂତ୍ରରୁ ଜଣାପଡ଼ିଛି । ଜାତୀୟସ୍ତରର ଠକେଇ ରାକେଟ ସହ ଆନ୍ତର୍ଜାତୀୟ ରାକେଟ୍ ଯୋଡି ହେବା ପରେ ୧୮ଫୁଟ୍‌ବଲ ଡଟ୍ କମ୍ ଆପ୍‌ର ଲିଙ୍କ୍ ମାଧ୍ୟମରେ ଠକେଇର ଜାଲ ବିଛାଇଥିଲେ ସେମାନେ । ଜାତୀୟସ୍ତରର ରାକେଟ୍ ଆନ୍ତର୍ଜାତୀୟ ରାକେଟ୍ ସହ ସମ୍ପର୍କ ସ୍ଥାପନ କରି ସାରା ପୃଥିବୀରେ ଅନ୍‌ଲାଇନ୍ ଟଙ୍କା ବିନିଯୋଗ କାରବାର ଚଳାଇଥିଲେ । ଦୁବାଇରୁ ଏମ୍‌ଡି ସଇପ୍ ରାକେଟ୍ ଗୁଡିକୁ ଆପ୍ ମାଧ୍ୟମରେ ରାକେଟ୍‌କୁ ପରିଚାଳନା କରୁଥିଲା । ଠକେଇର ଓଡ଼ିଶା ମୁଖ୍ୟ କବିସୂର୍ଯ୍ୟନଗର ଥାନା ଅଞ୍ଚଳ ଡିହସାହି ଗ୍ରାମର ଜିତେନ୍ଦ୍ର ମଲ୍ଲିକ ।


N-85

# Government of Odisha
## Higher Education Department

**Remaining timeline for e-Admission into U.G. Courses under SAMS in the Higher Edecation Institutions for he Academic Session 2025-26**

The remaining timetine for e-Admission in att (+3) Degree Cotteges inctuding Setf Financing (Degree) / Sanskrit (Shastri) Cotteges participating under Student Academic Management System (SAJV1S) is given betow. Any changes in the timetine wit[ be pubtished in the newspapers as wett as in the website www.samsodisha.gov. in. Kindty refer the Common Prospectus (CP) to know about the remaining activities.

| SI# | Activities | Timeline |
|---|---|---|
| 1 | Pubtication of Provisional Attotment of Seats (For First Round Selection) | 12-Jun-2025 (11:00 AM) |
| 2 | Setection of Slide /Freeze/ Float Option and Online payment of admission fees by the setected students through SAMS [Student's Account] portal | 12-Jun-2O25 (12:00 PM) to 17-Jun-2O25 (03:00 PM) |
| 3 | Reporting of the appticants at attotted Institutions for taking admission (for First Round Selection) (Applicants who have drosen the Freeze option will only be required to report for admission) | 13-June-2025 & 16-June-2025 & 17-June-2025 (10:00 AM to 5:00 PM) |
| 4 | Data updation of admitted students in the e-space by the respective Institutions (for First Round Admission) | 13-June-2025 (10.00 AM) to 17-June-2025 (07:00 PM) |
| 5 | Pubtication of Provisional Attotment of Seats (for Second Round Selection) | 22-June-2O25 (11.00 AM) |
| 6 | Setection of Slide/ Freeze/ Float Option and Online payment of admission fees by the setected students through SAMS [Student's Account] portal | 22-June-2025 (12.00 PM) to 25-June-2025 (03.00 PM) |
| 7 | Reporting of appticants at attotted institutions for taking admission (for Second Round Selection) (Applicants who have chosen the Freeze option will only be required to report for admission) | 23-June-2025 910.00 AM) to 25-June-2025 (05.00 PM) |
| 8 | Data Updation of admitted students in the e-space by the respective Institutions (for Second Round Admission) | 23-June-2025 (10.00 AM to 25-Nune-2025 (07.00 PM) |
| 9 | Publication of Provisional Allotment of Seats (for Third/Final Round Selection | 01-July-2025 (11.00 AM) |
| 10 | Online payment of admission fees by the selection students through SAMS (Student's Account) portal | 01-July-2025 (12.00 PM) to 04-July-2025 (03.00 PM0 |
| 11 | Reporting of appticants at attotted institutions for taking admission (for Third/Final Round Selection) (All the selected applicants have to | 02-July-2025 (10.00 AM to 04-July-2025 (05.00 PM) |
| 12 | Data updation of admitted students in the e-space by the respective Institutions (for Third/Final Round Admission) | 02-July-2025 (10.00 AM) to 04-July-2025 (07.00 PM) |
| 13 | Reporting of application through (Student's Login) online mode for their remaining upper choice options (Student must choose the HEI/subject's name from the check box provided where S/he want to participate in Waiting list round) | 07-July-2025 (02.00 PM) to 10-July-2025 (11.45 PM) |
| 14 | Publicatigon of marit wise waiting listg among the reported waitilisted applicants at HEIs e-spece as well as in the Student's login | 12-July-2025 (02.00 PM) |
| 15 | Publication of selected and waitlisted applicant's list by the HEIs at their Notice Board / Website and will also communicate to the applicants via phone call/SMS | 13-July-2025 (02.00 PM) |
| 16 | Reporting of selected applicants in the waiting list round to take admission in one of the selected HEIs, where the total or differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 140Joly-2025 (10.00 AM to 02.00 PM) |
| 17 | Reporting of waitlisted applicants to take admission in one of the selected HEIs, where the total/differential admission fees will be deposited directly at the HEIs in online mode (Net Banking/ Bank Challan/NEFT/UPI etc.) | 15-July-2025 (10.00 AM to 02.00 PM) |
| 18 | Admissions Updation of the student/s data by the HEIs in their e-Space | 14-July-2025 & 15-July-2025 (10.00 AM to 07.00 PM) |
| 19 | Commencement of classes (Degree 1st Year) | 10th July, 2025 (Thursday) |
| 20 | Phase-II Admission Process shall be started | After publication of Instant/ supplementary result of CHSE |

**For more details please contact : e-Admission Helpline (Toll Free) Number 155335 / 1800-345-6770**

Sd/- Deputy Director
PTC Section

OIPR : 11001/11/0066/2526


## ଲିଙ୍ଗଗତ...

ମହିଳାଙ୍କ ସ୍ଥାନ ୬.୫%ରୁ ୫.୬%କୁ ହ୍ରାସ ପାଇଛି । ଦକ୍ଷିଣ ଏସିଆ ଦେଶ ଗୁଡିକ ମଧ୍ୟରେ ବାଂଲାଦେଶ ଭଲ ପ୍ରଦର୍ଶନ କରିଛି । ବିଶ୍ୱରେ ସେ ୭୫ ର୍ୟାଙ୍କରୁ ଏବେ ଉଠି ୨୪ ସ୍ଥାନରେ ପହଞ୍ଚିଛି । ସମଗ୍ର ବିଶ୍ୱରେ ମଧ ଶ୍ରମ କ୍ଷେତ୍ରରେ ମହିଳାଙ୍କ ଭାଗିଦାରିତା ୪୧.୨%ରେ ରହିଛି । ନେତୃତ୍ୱ ନେବା କ୍ଷେତ୍ରରେ ଏହା ୨୮.୮% ରହିଛି । ବିଶ୍ୱ ଆର୍ଥିକ ସ୍ଥିତିରେ ଅନିଶ୍ଚିତତା ଓ ମାନ୍ଦାବସ୍ଥା ଯୋଗୁଁ ବୈଷୟିକ ଓ ଭୌଗଳିକ ପରିବର୍ତ୍ତନ ଘଟୁଛି ।

## ୨୪ ଘଣ୍ଟା ...

ଇଣ୍ଟରନେଟ ସେବା ବନ୍ଦ ରହିବ । ସେହିପରି ଧାମନଗର ବ୍ଲକ,ଧାମନଗର ପୌରାଞ୍ଚଳରେ ମଧ ଇଣ୍ଟରନେଟ ସେବା ଠପ୍ ରହିବ । ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହାଛଡ଼ା ସମ୍ବେଦନଶୀଳ ଅଞ୍ଚଳରେ ୨୭ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି । ସୂଚନାଥାଉକି, ଗତ ମେ ୩୦ତାରିଖରେ ହୋଇଥିବା ଗୋଷ୍ଠୀ ସଂଘର୍ଷରେ କଷଟି ଗାଁର ସନ୍ତୋଷ ପରିଡ଼ାଙ୍କୁ ୨୦ରୁ ଅଧିକ ଲୋକେ ଆକ୍ରମଣ କରିଥିଲେ । ଆକ୍ରମଣ ପରେ ଗୁରୁତର ଅବସ୍ଥାରେ ରାଜଧାନୀର ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସାଧିନ ଅବସ୍ଥାରେ ସନ୍ତୋଷଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ପୁଲିସ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୧୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେପଟେ ଏହି ଘଟଣା ପରେ କଷଟିରେ ପୋଲିସ ଫୋର୍ସ ମୁତୟନ କରାଯାଇଛି ।ସନ୍ତୋଷଙ୍କ ସ୍ତ୍ରୀ ମିନତୀ ବେହେରା ତିହିଡ଼ି ଥାନାରେ ଦେଇଥିବା ଏତଲା ଆଧାରରେ ମୋକଦ୍ଦମା ରୁଜୁ ହୋଇଛି । ଭଦ୍ରକ ଏସପି ମନୋଜ ରାଉତ କଷଟି ଗାଁକୁ ଯାଇ ସ୍ଥିତି ଉପରେ ନଜର ରଖିଛନ୍ତି । ଏହି ଘଟଣାରେ ଏସପିଙ୍କ ନିର୍ଦ୍ଦେଶରେ ମୁଖ୍ୟ ଦୁଇ ଅଭିଯୁକ୍ତଙ୍କୁ ବାଲେଶ୍ୱରରୁ ଧରିଛି ପୁଲିସ । ତେବେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାବେଳେ ସେମାନଙ୍କୁ ଧରିବା ପାଇଁ ଭଦ୍ରକ ପୁଲିସ ପକ୍ଷରୁ ରାଜ୍ୟ ତଥା ରାଜ୍ୟ ବାହାରେ ଚଢ଼ାଉ ଜାରି ରହିଛି । ସେପଟେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ସହାୟତା ଘୋଷଣା କରିଛନ୍ତି ।୧୦ଲକ୍ଷ ଟଙ୍କାର ସହାୟତା ରାଶି ସହ ପରିବାରର ଜଣକୁ ନିଯୁକ୍ତି ଦେବା ପାଇଁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ତେବେ ଏହି ମାମଲାରେ ଭଦ୍ରକରେ ପହଂଚିଛନ୍ତି ପୂର୍ବାଂଚଳ ଡିଆଇଜି ଡ଼ଃ.ସତ୍ୟଜିତ ନାୟକ ଏବଂ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଫେରାର ଥିବେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସର ସ୍ୱତନ୍ତ୍ର ୩ଗୋଟି ଟିମ ଗଠନ କରାଯାଇଛି ।ତେଣୁ ଜିଲ୍ଲାବାସୀ କୌଣସି ଗୁଜବକୁ ବିଶ୍ୱାସକୁ ନିୟନ୍ତୁ ନାହିଁ ବୋଲି କହିବା ସହିତ ସାମାଜିକ ଗଣମାଧ୍ୟମରେ କେହି ବିଭ୍ରାଂନ୍ତିକର ପୋଷ୍ଟ ନକରିବାକୁ ଅନୁରୋଧ କରିଛନ୍ତି। ତେବେ ପରିସ୍ଥିତି ବର୍ତ୍ତମାନ ଶାନ୍ତ ଥିବା ଡିଆଇଜି ପୂର୍ବାଞ୍ଚଳ ଡିଆଇଜି ବାଲେଶ୍ୱର ଡ. ସତ୍ୟଜିତ ନାୟକ ସୂଚନା ଦେଇଛନ୍ତି। ଅପରପକ୍ଷେ ବାରମ୍ବାର କିଛି ଅସାମାଜିକ ବ୍ୟକ୍ତିଙ୍କ ପାଇଁ ଭାଇଚାରାର ସହର ଭଦ୍ରକ ଓ ଧାମନଗରରେ ସାମ୍ପ୍ରଦାୟିକ ଉତ୍ତେଜନା ଦେଖା ଦେଉଛି। ଏହି ଉତ୍ତେଜନା ବୃଦ୍ଧିକୁ ରୋକିବା ପାଇଁ ପୋଲିସ ପ୍ରଶାସନ ବିଭିନ୍ନ କଟକଣା ଜାରି କରୁଛି।


**AFFIDAVIT**

By virtue of an affidavit swear before Executive magistrate, Betnoti, deted 10/06/2025 I, ANJANA SINGH Address:- At:- Srirampur, PO:- Pruthunathpur, PS:- Badasahi, DIST:-Mayurbhanj, PIN:- 757017, Odisha. Declare that I have changed my sister's NAME and DOB from "PUJA MAHANTA to ARCHANA SINGH and 24/04/2009 to 21/11/2008. "Henceforth, She shall be known as "ARCHANA SINGH and 21/11/2008" for all purposes.

Sd-/(ANJANA SINGH)

**AFFIDAVIT**

By virtue of an affidavit swear before Executive Magistrate, Betnoti, deted 10/06/2025. I, Smt RAIBARI SING Adress:- AT:-Nuasahi, PO:- Dantiamuhan, PS:- Betnoti, DIST:- Mayurbhanj, PIN:- 757029, Odisha declare that I have changed my doughter name from "KABITA SINGH to KABITA SING"Henceforth,she shall known "KABITA SING" for all purposes.

**AFFIDAVIT**

By Virtue of an affidavit sworn before Notary Public, Bhubaneswar, Dated 11-06-2025 1, Sakuntala Ojha, Address Karigara Sahi, Kapilaprasad, VTC: Bhubaneswar, Po: Sundarpada, Dist: Khurda, State: Odisha, Pin-751002 Declare that I have Changed my name from Kuntala Ojha to Sakuntala Ojha. Henceforth, I Shall be known as Sakuntala Ojha for all Purposes

**FLAT SALE**

Fully furnished, 1350sf. 2 BHK flat. Rs. - 99 lakh, Gated community, Good Location, Bhubaneswar, Jagannath Prasad,

Mobile - 9078280148

**AFFIDAVIT**

I, Rizwana Perween, D/o- Shaik Danish Mohammed, W/ o- Shaik Sammiulla, resident of at/vill-Mundideuli, Po/Ps- Kamakhyanagar, Dist- Dhenkanal, Declare by this Affidavit No-1613, Dated- 11.06.2025 that I will be known as Rizwana Perween, D/o-SK Danish Mohammed, W/o- Sheikh Sammi Ulla for all future purposes.

**ଦ.ପୂ. ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ ନଂ. : ଆରଏସଓ-ଆରଆର-ସିନି-୨୫-୨୭-୯ ତାରିଖ : ୧୧.୦୬.୨୦୨୫ । ଡିଭିଜନାଲ ରେଲୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର ଦ.ପୂ. ରେଳପଥ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନ ସୂଚିତ କାର୍ଯ୍ୟ ପାଇଁ ଦୁଇ ପ୍ୟାକେଟ୍ ସିଷ୍ଟମ (ପ୍ୟାକେଟ–୧ : ଟେକ୍ନିକାଲ ବିଡ୍ ଏବଂ ପ୍ୟାକେଟ–୨ : ଫାଇନାନସିଆଲ ବିଡ୍) ରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରରେ ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କାର୍ଯ୍ୟର ନାମ : ୭୩୦ ଦିନ ପାଇଁ ସିନି ଠାରେ ରନିଂ ରୁମ୍‌ର ଅପ୍‌କିପିଂ । **ଟେଣ୍ଡର ମୂଲ୍ୟ :** ଟ. ୭୨,୪୧,୬୩୦.୮୪, **ଇଏମଡି :** ଟ. ୧,୪୪,୮୦୦/–, **ଟେଣ୍ଡର ଫର୍ମ ମୂଲ୍ୟ :** ଟ. ୫,୦୦୦/– । **ଇ-ଟେଣ୍ଡର ଖୋଲା ସ୍ଥାନ :** ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଓପି) / ଚକ୍ରଧରପୁର, ଦ.ପୂ.ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ତାରିଖ ଓ ସମୟ :** ୦୩.୦୭.୨୦୨୫ ଅପରାହ୍ନ ୧୫.୦୦ ଘଟିକା । **ଟେଣ୍ଡର ଖୋଲା ତାରିଖ ଓ ସମୟ :** ୦୩.୦୭.୨୦୨୫ ଅପରାହ୍ନ ୧୫.୩୦ ଘଟିକା । ୱେବସାଇଟ **http:// www.ireps.gov.in** ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ଅଧୀନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-263)

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-754 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୯୩ **ବିଜ୍ଞାପନ** ତା : ୨୮.୫.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ ରାଜକିଶୋର ନନ୍ଦ ପିତା– ସ୍ୱର୍ଗତ ସିଂହନାଥ ନନ୍ଦ ସା–ଖଜୁରିପଦା, ପୋ–ବଣିଆ ଥାନା–ବୈଦେଶ୍ୱର ଜିଲ୍ଲା–କଟକ | ଏମ୍‌ଆଇଜି–୨–୧୮ (MIG-II-18) କମ୍ପୋଜିଟ ହାଉସିଂ ସ୍କିମ ଗଡ଼ଖୋର୍ଦ୍ଧା ଖୋର୍ଦ୍ଧା | ୧. ରୀନା ନନ୍ଦ (ସ୍ତ୍ରୀ) ୨. ଅର୍ଚ୍ଚନା ନନ୍ଦ (ବି.କନ୍ୟା) ୩. ତାପସ ନନ୍ଦ (ବି.ପୁତ୍ର) ୪. ରାକେଶ ନନ୍ଦ (ବି. ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0677/2526

**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର**
Housing & Urban Development Department, Govt. of Odisha
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
OFFICE OF THE PARADEEP MUNICIPALITY, PARADEEP
ସ୍ଥାନ- ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର, ୭୫୪୧୪୨
At/Po-Paradeep, Dist- Jagstsinghpur (Odisha), Pin-754142
OFFICE OF THE PARADEEP MUNICIPALITY, PARADEEP

**Quotation Call Notice No. 2443/ dt. 10.06.2025**

**C-501 :** The Executive Officer, Paradeep Municipality on behalf of Paradeep Municipality, Paradeep, Dist-Jagatsinghpur invites sealed quotations from interested intending eligible Firms/Fabricator Agencies/ Contractor for **Supply and installation Pre-Fabricated Boundary wall at Paradeep Municipality.** The Registered firms/Registered agencies/Contractors must be accompanied with photo copy of valid (i) PAN (ii) GSTIN (iii) Complete Organisation (iv) Firm / Agency / Contractor Registration Certificate details, Authenticated proof of the firm. The quotation schedule (DTCN) along with terms and conditions can be downloaded from Paradeep Municipality website **www.paradeepmunicipality.in** from 10.00 AM date. 12.06.2025 to date. 23.06.2025 upto 5.00 PM. The sealed Quotation and other documents will be received offline on or before dt. 24.06.2025 upto 05.00 PM only through Speed Post/Registered Post and will be opened on dt. 25.06.2025 at 11.00 AM.

Sd/- Executive Officer
Paradeep Municipality

OIPR : 13120/11/0056/2526

**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର**
Housing & Urban Development Department, Govt. of Odisha
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
OFFICE OF THE PARADEEP MUNICIPALITY, PARADEEP
ସ୍ଥାନ- ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର, ୭୫୪୧୪୨
At/Po-Paradeep, Dist- Jagstsinghpur (Odisha), Pin-754142
OFFICE OF THE PARADEEP MUNICIPALITY, PARADEEP

**Quotation Call Notice No. 2438/ dt. 10.06.2025**

**C-499 :** The Executive Officer, Paradeep Municipality on behalf of Paradeep Municipality, Paradeep Dist-Jagatsinghpur invites sealed quotations from interested intending eligible Firms/Fabricator Agencies/ Contractor for **Supplying, fitting and fixing of GCI sheet and angle Paradeep Municipality.** The Registered firms/Registered agencies/ Contractors must be accompanied with photo copy of valid (i) PAN (ii) GSTIN (iii) Complete Organisation (iv) Firm / Agency / Contractor Registration Certificate details, Authenticated proof of the firm. The quotation schedule (DTCN) along with terms and conditions can be downloaded from Paradeep Municipality website **www.paradeepmunicipality.in** from 10.00 AM date. 12.06.2025 to date. 24.06.2025 upto 5.00 PM. The sealed Quotation and other documents will be received offline on or before dt. 24.06.2025 upto 05.00 PM only through Speed Post/Registered Post and will be opened on dt. 25.06.2025 at 11.00 AM.

Sd/- Executive Officer
Paradeep Municipality

OIPR : 13120/11/0052/2526

**ପୌର ପରିଷଦ କାର୍ଯ୍ୟାଳୟ : ବ୍ରଜରାଜନଗର**
**OFFICE OF MUNICIPAL COUNCIL : BRAJRAJNAGAR**
At/Po-Lamtibahal, Dist- Jharsuguda, Odisha
Phone No. - 8457812260, Mail : eobrjnmpl@gmail.com
No. 2453 / dt. 11.06.2025

**Quotation Call Notice**

**C-496 :** Quotation in sealed covers are invited from intending Authorized Firms/Agencies/OEM having Valid GST Registration Copy, PAN Card Copy, for Supplying & fitting Video Conferencing System and maintenance for 2 years at Brajarajnagar Municipality as per the specification mentioned in BOQ.

| Sl. No. | Title of Project | Security Deposit | Time for Completion of project | Paper Cost |
|---|---|---|---|---|
| 1 | 2 | 3 | 4 | 5 |
| 1 | Supplying & fitting Video Conferencing System and maintenance for 2 years at Brajrajnagar Municipality | Rs. 4,000/- | One Month | Rs. 2000/- |

The Bid documents to be downloaded from the official Website of Jharsuguda District **www.jharsuguda.odisha.gov.in** from dt. 12.06.2025 to 21.06.2025. Last date of receipt of bid is 05.00 PM, 21.06.2025 through speed post / registered post / courier / by hand only. Brajrajnagar Municipality will in no way be responsible for any delay in receipt of the Bid documents. Authority reserves all right to reject any or all quotations without assigning any reason thereof.

Sd/- Executive Officer
Brajrajnagar Municipality

OIPR : 13099/11/0058/2526

**ପୌର ପରିଷଦ କାର୍ଯ୍ୟାଳୟ : ଜୟପୁର**
**OFFICE OF THE MUNICIPAL COUNCIL : JEYPORE**
Phone No. - 06854-231098, e-Mail : ulbjeypore@gmail.com
Letter No. 2360 Date : 11.6.2025

**QUTATION CALL NOTICE FOR SELECTION OF ADVERTISING AGENCY**
**FOR MANGEMENT ON ADVERTISEMENT HOARDIND DISPLAY BOARD AT LOCATION IN JEYPORE**

**C-504 :** Jeypore Municipality invites tender for selection of Advertising Agency for Management on Advertisement Hoarding display board Jeypore.

1. The detailed tender document can be downloaded from **www.jeyporemunicipality.in** and the Bid Document Cost of Rs. 2,000/- (Rupees two thousand) only can be paid in shape of Bank Draft drawn in favour of Executive Officer, Jeypore Municipality payable at jeypore.
2. Bids should be submitted through Registered / Speed post addressed to Executive Officer, Jeypore Municipality.
3. Published Date and time 16.06.2025
4. Bid Document submission Start Date 16.06.2025
5. Bid Submission End Date and time 24.06.2025 at 1.00 PM.
6. Bid Opening Date and time 25.06.2025 at 11.00 AM in the offifce of the undersigned.

Sd/- Executive Officer
Jeypore Municipality

OIPR : 13079/11/0044/2526

**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
JANAPATH, BHOINAGAR, BHUBANESWAR-22
Ph : 0674-2541545, 2542921
E-mail : ophwc.od@nic.in, Website : www.ophwc.com/www.ophwc.nic.in
e-procurement notice No.- 06/OPHWC/2025-26

OPHWC

**INVITATION FOR BIDS (IFB)**

The Chief Engineer (OSPH&WC), Odisha, Bhubaneswar invites Percentage rate bid in Double Cover system in ONLINE MODE only, for the works as detailed below :

| | | |
|---|---|---|
| 1 | Nature of work | Building works |
| 2 | No. of Works | 55 Nos. |
| 3 | Value of Tender | Rs. 50.01 Lakh to Rs. 2766.52 Lakh |
| 4 | Class of Contractor | 'B' Class to 'Super' Class |
| 5 | Cost of Bid document (To be paid online) | Rs. 11,800.00 |
| 6. | Availability of Bid Documents in the website | Dt. 17.06.2025 Dt. 05.07.2025 up to 5.00 P.M. |
| 7 | Last date / time of Receipt of Bids in the Portal | Dt. 05.07.2025 up to 5.00 P.M. |
| 8. | Date of Opening of Bid | Dt. 07.07.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & Time will be notified after opening of the Technical Bid. |

* The Bidders have to participate in ONLINE bidding only. Further details can also be seen from the website : https://tendersodisha.gov.in. Any addendum/corrigendum/cancellation of tender shall not be published in Newspaper and can only be seen in the said website.
* The Authority reserves the right to reject any or all bids and terminate the tender process without assigning any reason thereof.

Sd/- Chief Engineer
(OSPH&WC)

N.B.- The quoted rate should be all inclusive but excluding G.S.T. as applicable Under works contract. OIPR : 12025/11/0037/2526

ଆମ ଶିମିଳିପାଳ ଆମ ଗର୍ବ — OUR SIMILIPAL OUR PRIDE

**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
AT-MATIAGARH CHHAKA, PO- K. JASHIPUR, DIST- MAYURBHANJ,ODISHA-757091
Tel : 06797-295030, Email-dfo.similipalnorthwl@odisha.gov.in / ddsimilipalnorth@gmail.com

MM-85

**TENDER CALL NOTICE**
No. 1921 Date : 10.06.2025

The DEPUTY DIRECTOR, SIMILIPAL NORTH WL DIVISION, JASHIPUR on behalf of Governor of Odisha invites Percentage Rate bids to be received in offline mode for Supply and installation of Solar High Mast Light required for different location under Similipal North Wildlife Division, Jashipur.

| | | | |
|---|---|---|---|
| 1. | Nature of work | : | Supply and installation of Solar High Mast Light required for different location under Similipal North Wildlife Division, Jashipur |
| 2. | Cost of Tender | : | Rs. 6000/- (Six Thousand) only |
| 3. | Date & time of availability of tender document | : | Tender Documents for Supply and installation of Solar High Mast Light required for different location under Similipal North Wildlife Division, Jashipur, on payment of cost of Tender Document as mentioned above. The Tender Document cost which is non-refundable, should be deposited in shape of Demand Draft from any Nationlized Bank drawn in favour of the Deputy Director, Similipal North Wildlife Division, Jashipur, Mayurbhanj payable at Jashipur from 13.06.2025 ( during office time) to 11.00 AM of 21.06.2025. |
| 4. | Receipt of bid documents | : | Through Direct Deposit by hand / Registered post / Speed post / Courier service to the Deputy Director, O/o the Deputy Director, Similipal North (WL) Division, At-Matiagarh Chhaka, P.O.- K. Jashipur, Dist.- Mayrubhanj, Pin-757091 on or before 21.06.2025 by 12.00. |
| 5. | Date & time of opening of technical bid | : | Dt. 21.06.2025 at 12.30 hours onwards |
| 6. | Receipt of bid Cost, bid security, documents | : | Earnest Money Deposit (EMD) of Rs. 10000/- (Rupees Ten Thousand) Only shall be subitted along with Tender, EMD will be in the form of demand draft in favour of Deputy Director, Similipal North (WL) Division, Jashipur payable at Jashipur, The EMD will be refunded to the unsuccessful bidder. The EMD for the successful bidder will be released only after completion of the tender period. |
| 7. | The undersigned reserves the right to accept / reject any or all Tender without assigning any reason thereof. | | |
| 8. | Also view the tender notice and document in official webpage of Similipal Tiger Reserve (**https://similipal.org/tender.php**) | | |

Sd/- Deputy Director,
Similipal (North) WL Division, Jashipur

OIPR : 08133/11/0015/2526

**OFFICE OF THE NOTIFIED AREA COUNCIL, KOTPAD**
Address:- At/Po:- KOTPAD, Dist.:- KORAPUT, ODISHA, Pin:- 764058
Phone No:- 06860-295543, E.mail.I.D.:-kotpadnac@gmail.com,kotpadnac@rediffmail.com

C-492

Letter No:- 1006 /NAC Date:- 10 .06.2025

**QUOTATION CALL NOTICE FOR DISMENTALING THE OLD TOWN HALL & ATTACHED SHOPPING COMPLEX AT KUSUMI CHHAKA, KOTPAD NAC**

Sealed quotations are invited from authorized Contractor/ Agency having registered GST & PAN for the Work dismantling old town hall building, attached Shopping complex and removing all derbies from entire sites may apply for this quotation as per the specification given below.

**Specification**

| Sl. No. | Name of the work | Completion time | Last date of submission |
|---|---|---|---|
| 1 | Dismantling of old town hall building, attached Shopping complex and removing all derbies from entire sites, located at Kusumi chhaka, Kotpad NAC | One month | 24.06.2025 |

**TERMS AND CONDITIONS**

1. The intending quotationer is requested to visit the site and submit a quotation price.
2. The Successful bidder has to deposit 5% of the total cost as security deposit.
3. The quotation paper has to be accompanied with the Registration Certificate of his units/ GST and Income Tax up to date clearance certificate.
4. Any correction in the Quotation paper should be attested by the bidder.
5. Quotation paper should be sent through registered post/ speed post only to the office of undersigned.
6. The received of quotation paper shall be commenced from 13/06/2025 to 24/06/2025 (during office hour).
7. The received quotations will be opened on 25/06/2025 at 12.00 Noon in presence of the quotationer or his/ her authorized person in the chamber of Executive Officer, NAC Kotpad.
8. The undersigned reserves the right to cancel any or all quotations without assigning any reason thereof.

Sd/- Executive Officer
N.A.C. Kotpad

OIPR : 13182/11/0008/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ବିଆଇପିଏଫ୍ ପକ୍ଷରୁ ପ୍ରଫେସର ଘନଶ୍ୟାମ ଦାଶ ବୃତ୍ତି ୨୦୨୪-୨୦୨୫ର ବିଜେତା ସମ୍ମାନିତ




ଭୁବନେଶ୍ୱର, (ସବ୍ୟୁ): ବଂଶୀଧର ଏବଂଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପ୍ରତିଷ୍ଠିତ 'ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାରସିପ ଫର୍ ହାୟର ଏଜୁକେସନ୍' ବିଜେତା ଭାବରେ ୬ଜଣ ଉତ୍କୃଷ୍ଟ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଛି । ଏହି ଛାତ୍ରବୃତ୍ତି ଇଞ୍ଜିନିୟରିଂ, ମେଡିସିନ୍, ଏସ୍‌ଟିଇଏମ୍ (ସାଇନ୍ସ, ଟେକ୍ନୋଲଜି, ଇଞ୍ଜିନିୟରିଂ ଏବଂ ମ୍ୟାଥ୍‌ମେଟିକ୍ସ) ଏବଂ ଲିବରଲ ଆର୍ଟସ୍‌ରେ ବୃତ୍ତିଗତ ଡିଗ୍ରୀ ହାସଲ କରୁଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଚାରିବର୍ଷର ଡିଗ୍ରୀ ପାଇଁ ୯୦% ଶିକ୍ଷାଗତ ଫିସ୍ ଏବଂ ଯୋଗ୍ୟ ଖର୍ଚ୍ଚକୁ ବହନ କରି, ଯାହା ପ୍ରତ୍ୟେକ ବୃତ୍ତିଧାରିଙ୍କ ପାଇଁ ୬ ଲକ୍ଷଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯାଇଛି ।

୨୦୨୪-୨୦୨୫ ଶିକ୍ଷାବର୍ଷ ପାଇଁ, ୬ ଜଣ ଉତ୍କୃଷ୍ଟ ଛାତ୍ର ଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରୁ ଦୁଇଜଣ ପ୍ରମୁଖ ଆଇ ଆଇଟିରେ ଇଞ୍ଜିନିୟରିଂ କରୁଛନ୍ତି । ଆଇ ଆଇ ଟି ହାଇଦ୍ରାବାଦରେ ସନ୍ଦୀପ ସୁଭ୍ରଜିତ ସାହୁ ଏବଂ ଆଇ ଆଇ ଟି - ବି ଏଚ ୟୁ ବାରାଣସୀରେ ତାରିଣୀ ପ୍ରସାଦ ମିଶ୍ର ଇଞ୍ଜିନିୟରିଂ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଚାରି ଜଣ ଏମବିବିଏସ୍ କରୁଛନ୍ତି - ସତ୍ୟଜିତ ପରିଡା ଏବଂ ଆଲୋକ କୁମାର ସାହୁ ଏମ୍ସ ଭୁବନେଶ୍ୱରରେ, ଦିବ୍ୟ ଜ୍ୟୋତି ଜେନା କଟକର ଏସ ସି ବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ, ଏବଂ ଆରିୟନ ସାହୁ ଏଫଏମ ମେଡିକାଲ କଲେଜ ଏବଂ ହସ୍ପିଟାଲ, ବାଲେଶ୍ୱରରେ ପାଠ ପଢୁଛନ୍ତି ।

ସମ୍ବର୍ଦ୍ଧନା ସମାରୋହରେ, ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ତଥା ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍‌ର ଟ୍ରଷ୍ଟି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, 'ଶିକ୍ଷାସାମାଜିକ ପରିବର୍ତ୍ତନ ଏବଂ ଆର୍ଥିକ ପ୍ରଗତି ପାଇଁ ଏକ ଶକ୍ତିଶାଳୀ ଉତ୍‌ପ୍ରେରକ । ପ୍ରଫେସର ଘନଶ୍ୟାମ ଦାଶ ସ୍କଲାରଶିପ୍ ମାଧ୍ୟମରେ, ଆମେ ଭବିଷ୍ୟତର ନେତୃତ୍ୱମାନଙ୍କ ଉପରେ ବିନିଯୋଗ କରୁ ଯେଉଁମାନେ ଆମ ସମାଜରେ ନବସୃଜନ ଏବଂ ପରିବର୍ତ୍ତନ ଆଣିବେ ।

ଇମ୍ଫା ଦ୍ୱାରା ୨୦୦୫ରେ ପ୍ରତିଷ୍ଠା କରାଯାଇଥିବା ଏହି ଛାତ୍ରବୃତ୍ତି ପ୍ରତିଷ୍ଠିତ ବିଦ୍ୱାନ୍ ଏବଂ ଐତିହାସିକ ସ୍ୱର୍ଗତ ଶ୍ରୀମତୀ ଇଲା ପଣ୍ଡାଙ୍କ ପିତା ସ୍ୱର୍ଗତ ପ୍ରଫେସର ଘନଶ୍ୟାମ ଦାଶଙ୍କ ଐତିହ୍ୟକୁ ସମ୍ମାନିତ କରୁଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ମାଧ୍ୟମରେ ସମାନ ସୁଯୋଗ ପ୍ରଦାନ କରିବା, ସେମାନଙ୍କୁ ଆର୍ଥିକ ପ୍ରତିବନ୍ଧକ ବିନା ଉଚ୍ଚଶିକ୍ଷା ହାସଲ କରିବାକୁ ସକ୍ଷମ କରିବା ।

## ଅନନ୍ତ ପୁରୁଷୋତ୍ତମ ଦେବ ପୂର୍ଣ୍ଣବିଗ୍ରହ ଶ୍ରୀଜୀଉଙ୍କ ଦେବସ୍ନାନ ଯାତ୍ରା

ଖୋର୍ଦ୍ଧା,(ସବ୍ୟୁ): ସ୍ଥାନୀୟ ଜାଗୁଲାଇପାଟଣସ୍ଥିତ ଅନନ୍ତ ପୁରୁଷୋତ୍ତମ ଦେବ ପୂର୍ଣ୍ଣବିଗ୍ରହ ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣମୀ ଉପଲକ୍ଷେ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜୀଉଙ୍କ ସ୍ନାନ ଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଯାଇଛି । ପାହାନ୍ତାରୁ ପହଡ଼ ଫିଟିବା ପରେ ବାଲଭୋଗ, ଧୂପ, ଦୀପ ନୈବେଦ୍ୟ ଲାଗିହେବା ପରେ ଜଗନ୍ନାଥ, ବଳଭଦ୍ର, ଶୁଭଦ୍ରା ଏବଂ ସୁଦର୍ଶନଙ୍କୁ ସୁନ୍ଦରଟାହିଆ ପିନ୍ଧା ଯାଇ ଧୀରେଧୀରେ ଖୋଳ, କରତାଳ, ଘଂଟ ଧ୍ୱନୀ, ହୁଳହୁଳି, କାହାଳୀ ମୁଦର୍ଙ୍ଗ ସାହାର୍ଯ୍ୟରେ ପହଣ୍ଡି ବିଜେ କରାଯାଇ ସ୍ନାନ ବେଦିକୁ ଆଗମନ କରାଯାଇଥିଲା। ସେଠାରେ ତିନି ଠାକୁରଙ୍କ ପୂଜା ଅର୍ଚ୍ଚନା କରିବା ପରେ କାରୁଣକୁଣ୍ଡରୁ ଅଣାଯାଇଥିବା ସୁବାସିତ ଜଳେ ତିନି ଠାକୁର ଓ ସୁଦର୍ଶନଙ୍କୁ ସ୍ନାନ କରିବା ପରେ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା । ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦୁର୍ଲଭ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସଂଧ୍ୟାରେ ଶ୍ରୀଜୀଉଙ୍କ ବାହୁଡା ପହଣ୍ଡି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଳୁଙ୍କ ହରିବୋଲ, ଘଣ୍ଟ, ଘଣ୍ଟି ଧ୍ୱନୀରେ ଶ୍ରୀଜୀଉଙ୍କ ପରିବେଶ ପ୍ରକମ୍ପିତ ହୋଇଥିଲା ।

# ତନେଇରା ଶାଢ଼ି ଉପରେ ୪୦ ପ୍ରତିଶତ ରିହାତି

ଭୁବନେଶ୍ୱର, (ସବ୍ୟୁ): ଟାଟା ପ୍ରଡକ୍ଟ ତନେଇରା ୨୦୨୪-୨୫ରେ ୩୦ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି । ଏହି କ୍ରମରେ ବ୍ରାଣ୍ଡ୍ ପକ୍ଷରୁ ଦେଶବ୍ୟାପୀ ପ୍ରଥମ ଧରଣ ସେଲ୍ ଘୋଷଣା କରାଯାଇଛି, ଯାହା




ମାଧ୍ୟମରେ ଗ୍ରାହକ ଶାଢ଼ି, ରେଡି-ଟୁ-ୱେର୍ ପୋଷାକ, ଅନ୍-ଷ୍ଟିଚ୍‌ଡ କୁର୍ତ୍ତା ସେଟ୍ ଏବଂ ଫେଷ୍ଟିଭ୍ ଲେହେଙ୍ଗା ଆଦି ବ୍ୟାପକ ପ୍ରଡକ୍ଟ ରେଞ୍ଜ୍‌ରେ ୪୦ପ୍ରତିଶତ ପର୍ଯ୍ୟନ୍ତ ରିହାତି ପାଇବେ। ଏସବୁ ପୋଷାକ ଶୁଦ୍ଧ ଏବଂ ପ୍ରାକୃତିକ ଫ୍ୟାବ୍ରିକ୍ସରେ ତିଆରି। ୪୧ ସହରରେ ୮୦ ଷ୍ଟୋର୍‌ର ମଜଭୁତ ନେଟ୍‌ୱର୍କ ସହିତ ତନେଇରା ଏଥେନିକ୍ ୱେର୍ ଡେଷ୍ଟିନେଶନ୍ ଭାବେ ଏହାର ସ୍ଥିତିକୁ ଆହୁରି ମଜଭୁତ କରିଛି। ପାର୍ବଣ ଋତୁ ସହିତ ଏହି ସେଲ୍ ମାଧ୍ୟମରେ ତନେଇରା ଏହାର ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ୍ ଶୁଦ୍ଧ ଏବଂ ଅଥେଣ୍ଟିକ୍ ପ୍ରଡକ୍ଟ ଏକତ୍ର କରିବାର ସୁଯୋଗ ପ୍ରଦାନ କରୁଛି, ଯେଉଁଗୁଡ଼ିକର ଡିଜାଇନ୍ ଅନନ୍ୟ। ଏପ୍ରରି ପ୍ରେକ୍ଷୀରେ ତନେଇରାର ବିଜ୍‌ନେସ୍ ଆସୋସିଏଟ୍ସ ମାଣିକ ହଂସ କୁହନ୍ତି, ପ୍ରଥମଥର ପାଇଁ ଆମେ ବ୍ୟାପକ ରେଞ୍ଜ୍ ପ୍ରଡକ୍ଟଗୁଡ଼ିକ ଉପରେ ୪୦ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛୁ। ଏହି ଅଫର୍ ତନେଇରାର ସମୃଦ୍ଧି ଏବଂ ଶୁଦ୍ଧତାକୁ ଅନୁଭବ କରିବାର ଏକ ଅତିରିକ୍ତ ଲାଭ ମଧ୍ୟ। ପ୍ରାମାଣିକ ଉତ୍ସବରୁ ସଂଗୃହିତ ବ୍ୟାପକ ହାତ ତିଆରି ପ୍ରଡକ୍ଟ ଏବଂ ପ୍ରତିଟି ପୋଷାକରେ ଶୁଦ୍ଧତା ଓ ମାନ ନେଇ ବ୍ରାଣ୍ଡ୍‌ର ପ୍ରତିବଦ୍ଧତା ସହ ତନେଇରା ଗ୍ରାହକଙ୍କ ପାଇଁ ଏହି ଅନୁଭୂତିକୁ ବାସ୍ତବିକ ଭାବେ ସ୍ୱତନ୍ତ୍ର କରିବାକୁ ଲକ୍ଷ୍ୟ ରଖିଛି। ବନାରସୀଠାରୁ ଆରମ୍ଭ କରି କାଞ୍ଜିବରମ, ଜାମଦାନୀ ଠାରୁ ଟସର ପର୍ଯ୍ୟନ୍ତ, ବ୍ରାଣ୍ଡ୍ ପକ୍ଷରୁ ଉପଲବ୍ଧ କରାଯାଉଥିବା ଉତ୍ପାଦବୁଣାକାରଙ୍କୁ ଏକ ସମ୍ମାନ, ଯେଉଁମାନେ ଭାରତର ବୟନ ବିରାସତକୁ ସାଇତି ରଖିଛନ୍ତି। ପ୍ରତ୍ୟେକ ତନେଇରା ଷ୍ଟୋରକୁ ଶାଢ଼ୀ ପ୍ରେମୀଙ୍କ ପାଇଁ ଏକ ସ୍ୱର୍ଗ ଭାବେ ଡିଜାଇନ କରାଯାଇଛି। ଗୋଟିଏ ଛାତ ତଳେ ୱେଡିଂ ଜୋନ୍, ଫେଷ୍ଟିଭ୍ ଏଡିଟ୍ କର୍ଣ୍ଣର ଏବଂ ଏଭ୍ରିଡେ ଏସେନ୍‌ସିଆଲ୍ସ ରହିଛି। ଗ୍ରାହକ ମଧ୍ୟ ପ୍ୟୋର୍ ସିଲ୍କ, କଟନ୍ ଇକତ୍, କୋଟା ଦୋରିଆ, ଚନ୍ଦେରି ଏବଂ ମାହେଶ୍ୱରୀ, ସାଉଥ୍ ସିଲ୍କ, ସମ୍ବଲପୁରୀ ଏବଂ ଭେଗାନ୍ କଲେକ୍ସନର ଆକର୍ଷଣୀୟ ସମ୍ଭାର ପାଇବେ। ଗ୍ରାହକ ଏହି ଅଫର୍‌କୁ ଭୁବନେଶ୍ୱର ମାଷ୍ଟର୍‌କ୍ୟାଣ୍ଟିନ୍ ଏବଂ କଟକ ସିଡିଏ ଷ୍ଟୋର୍‌ରେ ପାଇପାରିବେ। ତନେଇରା ମଧ୍ୟ ଅନ୍‌ଲାଇନ୍ www.taneira.com ରେ ଉପଲବ୍ଧ ।

## କଟକ ସହରର ଉନ୍ନତି ପାଇଁ ଯୋଜନା

କଟକ (ସବ୍ୟୁ): କଟକ ସହରକୁ ଦୁଇଟି ପ୍ରମୁଖ ନଦୀ ସଂଯୋଗ କରିଛିଛ ଏହି ନଦୀ ମଧ୍ୟରେ ସହରର ସୀମିତ ରହିବ ନାହିଁ । ଏହାର ସମ୍ପ୍ରସାରିତ କରାଯିବ । କଟକ ଚାରିପଟେ ରିଂ ରୋଡ ପ୍ରକଳ୍ପ ଯୋଜନାର କାମ ଆରମ୍ଭ କରାଯାଇଛି । କଟକ ଓ ଭୁବନେଶ୍ୱରକୁ ଯୋଡ଼ି ହେବ । ତ୍ରିଶୂଳିଆରୁ ବାରଙ୍ଗ ଯାଏଁ ୬ଲେନ୍, ବାଲିକୁଦା ଯାଏ ୪ ଲେନ୍, ଭୁବନେଶ୍ୱର ଠାରୁ ଫୁଲନଖରା ୪ ଲେନ୍, ସେହିପରି ବ୍ରହ୍ମପୁରରୁ ଆସୁଥିବା ଯାତ୍ରୀଙ୍କ ପାଇଁ ପିତାପଲ୍ଲୀ ଦେଇ ରାସ୍ତା କାର୍ଯ୍ୟ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି । ତ୍ରିଶୂଳିଆରୁ କଟକ ଯାଏଁ ୨ଟି ବ୍ରିଜ କରାଯିବ ଏବଂ ଏହି ସମସ୍ତ କାମ ଆଗାମୀ ବର୍ଷ ଠାରୁ ଆରମ୍ଭ କରାଯିବ । ପୂର୍ବ ସରକାର କେବଳ ପ୍ରକଳ୍ପ ଯୋଜନା କରି ଅଧାରେ ଛାଡ଼ିଥିଲେହେଲେ ତାହାକୁ ଏବେ ବିଜେପି ସରକାର ପୂରଣ କରୁଛି । କଟକ ସହରକୁ ସୁନ୍ଦର ଓ ସବୁଜ କରିବା ପାଇଁ କାର୍ଯ୍ୟ କରାଯିବ । ସେହିପରି ଭୁବନେଶ୍ୱର ଓ କଟକରେ ଦୁଇଟି ଭୂତଳ ମେଟ୍ରୋ ପ୍ରକଳ୍ପ କରାଯିବ । ଯାହାଦ୍ୱାରା ସହରର ଭିଡ଼ ନିୟନ୍ତ୍ରଣ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ।

### ଅହମ୍ମଦାବାଦ୍‌ରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା

# ସମସ୍ତ ଯାତ୍ରୀଙ୍କ ମୃତ୍ୟୁରେ ଓଷ୍ଟାର ଗଭୀର ଶୋକ

କଟକ, (ସବ୍ୟୁ): ଗୁରୁବାର ଅପରାହ୍ଣ ୧ଟା ୧୭ ମିନିଟ୍ ସମୟରେ ଗୁଜୁରାଟର ଅହମ୍ମଦାବାଦ୍‌ରୁ ଲଣ୍ଡନ ଅଭିମୁଖେ ୨୪୨ ଜଣ ଯାତ୍ରୀଙ୍କୁ ନେଇ ଉଡ଼ାଣ ଭରିଥିବା ଏୟାର ଇଣ୍ଡିଆର ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀ ନିହତ ହୋଇଛନ୍ତି । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଗଭୀର ଦୁଃଖ ପ୍ରକାଶ କରିଛି ବୋଲି ସଂଗଠନର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି । ଗୁରୁବାର ଅପରାହ୍ଣରେ ଗୁଜୁରାଟର ଅହମ୍ମଦାବାଦ୍ ବିମାନ ବନ୍ଦରରୁ ଏକ ଯାତ୍ରୀବାହୀ ବିମାନ ଲଣ୍ଡନ ଅଭିମୁଖେ ଉଡ଼ାଣ ଭରିବାର ମାତ୍ର କେଇ ମିନିଟ୍ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଯାତ୍ରାକରୁଥିବା ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ବିମାନଟି ଅହମ୍ମଦାବାଦ୍ର ମେଘାନୀ ନଗର ସ୍ଥିତ ଏକ ମେଡିକାଲ୍ କଲେଜ ହଷ୍ଟେଲ ବିଲ୍ଡିଂ ଉପରେ ଖସି ପଡ଼ିଥିଲା । ବିମାନଟିରେ ୨୩୦ ଜଣ ଯାତ୍ରୀ, ୨ ଜଣ ପାଇଲଟ୍ ଏବଂ ୧୦ ଜଣ କ୍ରିଉ ମେମ୍ବର ଏହିପରି ମୋଟ୍ ୨୪୨ ଜଣ ବ୍ୟକ୍ତି ରହିଥିଲେ । ସାତଶହ ଫୁଟ ଉପରକୁ ଉଠି ବିମାନଟି ତଳକୁ ଖସି ପଡ଼ିଥିଲା । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ପାଇଲଟ୍, କ୍ରିଉମେମ୍ବରଙ୍କ ସମେତ ସମସ୍ତ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି ବୋଲି ଜାତୀୟ ଗଣମାଧ୍ୟମ ଗୁଡ଼ିକରୁ ସୂଚନା ମିଳିଛି । ବିଲ୍ଡିଂରେ ଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟରୁ କେତେ ମୃତାହତ ହୋଇଛନ୍ତି ସେ ବିଷୟରେ ସଠିକ୍ ଖବର ଜଣାପଡ଼ି ନାହିଁ । ବିମାନଟିରେ ୧୬୯ ଜଣ ଭାରତୀୟ ନାଗରିକ, ୫୩ ଜଣ ବ୍ରିଟିଶ ନାଗରିକ, ୭ ଜଣ ପର୍ତ୍ତୁଗୀଜ ନାଗରିକ ଏବଂ ଜଣେ କାନାଡ଼ାର ନାଗରିକ ଥିଲେ । ଦୁର୍ଘଟଣା ଗ୍ରସ୍ତ ବିମାନରେ ନିଆଁ ଲାଗି ଯିବା ଫଳରେ ବିମାନଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା । ଏଭଳି ଦୁଃଖଦ ଓ ଲୋମହର୍ଷଣକାରୀ ଦୁର୍ଘଟଣାରେ ଓଷ୍ଟା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହିତ ସଂଗଠନର ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷା ପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଦୁର୍ଘଟଣାରେ ମୃତାହତ ସମସ୍ତ ଯାତ୍ରୀ ତଥା ବ୍ୟକ୍ତିବିଶେଷଙ୍କ ଅମରଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ଏବଂ ଶୋକ ସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

### ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉତ୍ସବ

# ପୁରୀ ହେବ ବିକଶିତ ଓଡ଼ିଶାର ମୂଳଦୁଆ : ମନ୍ତ୍ରୀ

ପୁରୀ, (ସବ୍ୟୁ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉତ୍ସବ ଗୁରୁବାର ଠାରୁ ଶରଧାବାଲି ଠାରେ ଆରମ୍ଭ ହୋଇଛି । ଏହା ଚଳିତ ମାସ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ବର୍ଷ ଏକ ଉପଲବ୍ଧି ଅନେକ ନାମରେ ଆୟୋଜିତ ଏହି ଉତ୍ସବ କୁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦଘାଟନ କରି ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ତାହାକୁ ପାଳନ କରିଛନ୍ତି ବୋଲି କହିଥିଲେ । ବର୍ତ୍ତମାନ ର ସରକାର ଲୋକଙ୍କ ସରକାର । ଲୋକ ମାନଙ୍କ ହିତ ତଥା ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତ ବ୍ୟବସ୍ଥା କରୁଛନ୍ତି । ସରକାର ଆସିବା ପରେ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲା,ମହାପ୍ରଭୁଙ୍କ ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ବ୍ୟବସ୍ଥା, ରତ୍ନ ଭଣ୍ଡାର ଖୋଲା ଓ ମରାମତି, ସୁଭଦ୍ରା ଅର୍ଥ ପ୍ରଦାନ ବ୍ୟବସ୍ଥା ଇତ୍ୟାଦି କରିଛନ୍ତି । ପୁରୀ କୁ ଐତିହ୍ୟ ସହର କରିବା ପାଇଁ ବିମାନ ବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ ସହ ସଡକ ଓ ରେଳପଥର ବିକାଶ ହୋଇଛି । ଶିଳ୍ପ କ୍ଷେତ୍ରରେ ଦ୍ରୁତ ବିକାଶ ଲାଭ କରିବା ସହ ଯୁବ ବର୍ଗଙ୍କୁ ନିଯୁକ୍ତି ପ୍ରଦାନ ରେ ସହାୟକ ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ର ଉପଲବ୍ଧି ସମସ୍ତ ଙ୍କ ପାଇଁ ପ୍ରେରଣା । ସରକାର ସମସ୍ତ ପ୍ରତିଶ୍ରୁତି ପାଳନ ପାଇଁ ପ୍ରତିବଦ୍ଧ । ସବୁଠାରୁ ଗରିବ ଲୋକ ଟି ସମସ୍ତ ସୁବିଧା ସୁଯୋଗ ପାଇବା ଆମର ଲକ୍ଷ୍ୟ ବୋଲି ସେମାନେ କହିଥିଲେ । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଯୋଗ ଦେଇଥିଲେ । ବିଭିନ୍ନ ହିତାଧିକାରୀ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ପ୍ରଦର୍ଶନୀକୁ ପ୍ରାରମ୍ଭରେ ମୁଖ୍ୟ ଅତିଥି ଉଦଘାଟନ କରିଥିଲେ ଓ ଅନ୍ୟ ଅତିଥି ମାନଙ୍କ ସହ ପରିଦର୍ଶନ କରିଥିଲେ । ପ୍ରଦର୍ଶନୀରେ ୫୦ ଗୋଟି ଷ୍ଟଲ ଖୋଲା ଯାଇଛି ।

# ୧୫ରୁ ବରୁଣେଇରେ ୧୭ତମ ରଜ ମହୋତ୍ସବ

ଖୋର୍ଦ୍ଧା, (ସବ୍ୟୁ): ପାଇକ ବିଦ୍ରୋହ ଗାଥା ବହନ କରୁଥିବା ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ ବରୁଣେଇ ପୀଠ ଚଳିତ ବର୍ଷ ରଜପର୍ବ ଅବସରରେ ଉତ୍ସବ ମୁଖର ହେବ । ୧୫ ତାରିଖ ରଜ ସଂକ୍ରାନ୍ତି ଠାରୁ ୩ ଦିନ ବ୍ୟାପି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଶାନ୍ତ ପକ୍ଷରୁ ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ୧୭ତମ ବରୁଣେଇ ରଜମହୋତ୍ସବ ଅନୁଷ୍ଠିତ ହେବ । ଏଥିରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ୨୧ଟି ବେସରକାରୀ ସାଂସ୍କୃତିକ ଅନୁଷ୍ଠାନ ଓ ୭ଟି ସରକାରୀ ଅନୁଷ୍ଠାନ ଯୋଗଦେବେ । ଏହି ଅବସରରେ ଆଜି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ଆବାହକ ସମ୍ବିତ ପଟ୍ଟନାୟକ ସୂଚନା ଦେଇଛନ୍ତି । ସାଂସ୍କୃତିକ ଦଳ ମଧ୍ୟରେ ସମ୍ବଲପୁରୀ, ଓଡିଶୀ, ପାଇକନାଚ, ଗୋଟିପୁଅ, ବାଘନାଚ, ଚଢେଇଚଢେଇଆଣି ସମେତ କଲିକତାର ସାଂସ୍କୃତିକ ଅନୁଷ୍ଠାନ, ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଯୋଗଦେବେ । ମହୋତ୍ସବକୁ ଶୃଙ୍ଖଳିତ କରିବାକୁ ଆୟୋଜକଙ୍କ ତରଫରୁ ବ୍ୟାପକ




ପ୍ରସ୍ତୁତି କରାଯାଇଥିବା ବେଳେ ଏଠାରେ ବହୁ ପ୍ରଦର୍ଶନୀ ମେଢ ଏବଂ ଘରକରଣା ଦୋକାନ ଖୋଲିବ ବୋଲି ସୂଚନା ଦେଇଥିଲେ । ସେହିପରି ଅବ୍ୟବହିତ ପୂର୍ବରୁ ଦିଶାନ୍ତ ପକ୍ଷରୁ ଆୟୋଜିତ ଝୋଟି, ଚିତା, ରଜପିଠା, ପଶାଖେଳ, ପ୍ରଭୃତି ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି କହିଥିଲେ । ବୈଠକରେ ଦିଶାନ୍ତ ଅନୁଷ୍ଠାନର ଦୀନବନ୍ଧୁ ବଳିଆରସିଂହ, ପ୍ରଭାକର ମାଝୀ, ନିରଞ୍ଜନ ଭୋଇ, ସମୀର ସାହୁ, ସମ୍ପାଦକ ଦିଲ୍ଲିପ ପରିଡ଼ା ପ୍ରମୁଖ ଉପସ୍ଥିତଥିଲେ ।

## ରଥଯାତ୍ରାରେ ରେଳବାଇ ଜ୍ୟାକ୍ ବ୍ୟବହାର ଏକ ଦିବ୍ୟ ସଂଯୋଗ

ଭୁବନେଶ୍ୱର (ସବ୍ୟୁ): ରଥଯାତ୍ରାରେ ରେଳବାଇ ଜ୍ୟାକ୍ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲାବେଳେ ଏହା ରେଳବାଇ ପାଇଁ ଏକ ଦିବ୍ୟ ସଂଯୋଗ । ଶ୍ରୀଜଗନ୍ନାଥ ମନ୍ଦିରରୁ ପ୍ରାୟ ୨୦୦ ମିଟର ଦୂରରେ ରଥ ଗୁଡ଼ିକ ନିର୍ମିତ ହୋଇଥାଏ । ମୁଖ୍ୟମନ୍ଦିର ସମ୍ମୁଖରେ ତିନୋଟି ରଥକୁ ସଠିକ୍ ସ୍ଥାନରେ ରଖିବା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଏବଂ ଏଥିପାଇଁ ବଡ ବଡ ରେଳବାଇ ଜ୍ୟାକ୍ ବ୍ୟବହାର କରାଯାଏ । ରଥଯାତ୍ରା ସମୟରେ ରେଳ ବିଭାଗର ୪୦ ଜଣ କର୍ମଚାରୀଙ୍କ ଏକ ଦଳ ସମସ୍ତ ମରାମତି ଉପକରଣ ସହିତ ଦୁଇଟି ଟ୍ରକ୍‌ରେ ରଥ ଗୁଡ଼ିକୁ ଅନୁସରଣ କରନ୍ତି । ପ୍ରଚଳିତ ପରମ୍ପରା ଅନୁଯାୟୀ ରଥ ଗୁଡ଼ିକ ଆଗକୁ ବଢ଼ିବା ପରେ ପଛକୁ ହଟନ୍ତି ନାହିଁ । ତେଣୁ ରଥ ଗୁଡ଼ିକୁ ସୁଗମ ଭାବରେ ଚଳାଇବାରେ ରେଳ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । କେତେକ ଘଟଣାରେ ରଥ ଗୁଡ଼ିକରେ ହୋଇଥିବା ଅତ୍ୟଧିକ କ୍ଷତିକୁ ମରାମତି କରିବା ପାଇଁ ଭୁବନେଶ୍ୱରର ମଞ୍ଚେଶ୍ୱରରେ ଅବସ୍ଥିତ କାରଖାନାରୁ ସ୍ୱତନ୍ତ୍ର ଲୁହା କ୍ଲାମ୍ପ ତିଆରି ହେବାର ଉଦାହରଣ ମଧ୍ୟ ଉଲ୍ଲେଖନୀୟ । ରେଳ ବିଭାଗ ବିଶାଳ ରଥ ଗୁଡ଼ିକ ସେମାନଙ୍କ ନିର୍ମାଣ ସ୍ଥାନରୁ ମୁଖ୍ୟମନ୍ଦିର ଦ୍ୱାରକୁ ପରିବହନ କରିବା, ନିର୍ମାଣ କିମ୍ବା ଯାତ୍ରା ସମୟରେ ରଥ ଗୁଡ଼ିକର ହୋଇଥିବା କ୍ଷତିର ମରାମତି କରିବା, ରଥ ଗୁଡ଼ିକୁ ଦିଶା ନିର୍ଦ୍ଦେଶ ପ୍ରଦାନ କରିବା, ଦିଗ ପରିବର୍ତ୍ତନ କରିବା ଓ ସେଗୁଡ଼ିକୁ ସ୍ଥାନ ପରିବର୍ତ୍ତନ କରିବା ଭଳି ସେବା ପ୍ରଦାନ କରିଥାଏ ।

### ଅମୃତ ମହୋତ୍ସବରେ ଦିବ୍ୟ ଅତିଥି ମାନଙ୍କ ମତ

# ପୁରୀ, ଭୁବନେଶ୍ୱରରେ ଥିବା ଶଙ୍କର ମଠର ପୁନରୁଦ୍ଧାର ସହ ସ୍ୱାମୀଙ୍କ ସ୍ମୃତିରକ୍ଷା ହେଉ

ଭୁବନେଶ୍ୱର (ସବ୍ୟୁ): ଇତି ମଧ୍ୟରେ ୪୨ ମୌଜାର ବେଷ୍ଟକାର ବଜାର ସ୍ଥିତ ଭଜଗୋବିନ୍ଦ ପୀଠରେ ମାଳିକା ପ୍ରସିଦ୍ଧ ହଁସନାଥ ମହାପ୍ରଭୁଙ୍କ କୃପାରୁ ,ବିଶ୍ୱ ଗୁରୁ ଶ୍ରୀଧର ସ୍ୱାମୀଙ୍କର ଅମୃତ ମହୋତ୍ସବ ଏକ ଆଧ୍ୟାତ୍ମିକ ପରିବେଶରେ ଶହଶହ ଶିଷ୍ୟ, ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ଗହଣରେ ମହାନନ୍ଦର ସହ ସମ୍ପର୍ଣ୍ଣ ହୋଇଛି । ପୂରାଣ ପ୍ରସିଦ୍ଧ ହଁସନାଥ ପୀଠରୁ ଆଜ୍ଞାମାଳା ସଂକୀର୍ତ୍ତନ ସହ ଆସି ମଞ୍ଚରେ ପ୍ରତିଷ୍ଠା ହେବା ପରେ ଭୁବନେଶ୍ୱର ଇସ୍କନ ମନ୍ଦିରରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ହରିନାମର ପ୍ରକମ୍ପିତ କୀର୍ତ୍ତନରେ ମହୋତ୍ସବର ଶୁଭାରମ୍ଭ ହୋଇଥିଲା ।

ଓଡିଶାର ବିଶିଷ୍ଟ ସାମ୍ବାଦିକ, ସଂସ୍କୃତ ପଣ୍ଡିତ, ଗବେଷକ, ବିଦ୍ୱାନ,ସନ୍ନ୍ୟାସୀ ବାଗ୍ମୀ ପ୍ରବକ୍ତା-ପ୍ରଦ୍ୟୁମ୍ନ ଶତପଥି, ଡ଼ଃ ହରେକୃଷ୍ଣ ଶତପଥି, ଅସିତ ମହାନ୍ତି, ଇସ୍କନର ସନ୍ନ୍ୟାସୀ କୃଷ୍ଣଗତି ଦାସ, ମନୋରଞ୍ଜନ ପାତି, ହରେକୃଷ୍ଣ ପଣ୍ଡା, ପ୍ରଦୀପ୍ତ କୁମାର ମହାନ୍ତି, ଗିରିଶ ପ୍ରସାଦ ଦାସ ଏବଂ ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଚତୁର୍ଦ୍ଦଶ ଶତାବ୍ଦୀର ଓଡ଼ିଆ ଯୋଗୀ, ମହାପୁରୁଷ ଏବଂ ପୁରୀ ଗୋବର୍ଦ୍ଧନ ପୀଠର ଦଶମ ଶଙ୍କରାଚାର୍ଯ୍ୟ ଶ୍ରୀଧର ସ୍ୱାମୀଙ୍କର ସ୍ମୃତିଚାରଣ କରିବାସହ ତାଙ୍କ ଜନ୍ମବୃତ୍ତାନ୍ତ, କୃତି, କାର୍ଯ୍ୟାବଳୀ ଏବଂ ମାନବ ସମାଜକୁ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରି ତାଙ୍କୁ ଜଣେ ଶ୍ରେଷ୍ଠ ଓଡ଼ିଆ ଭାବେ ପ୍ରତିପାଦିତ କରିଥିଲେ । ୧୩୨୫ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱର ଜିଲ୍ଲାର ରେମୁଣାସ୍ଥିତ ମୟୂର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଏହି ପ୍ରାଥୀତଯଶା ମହାପୁରୁଷ ବାରଣାସିରେ ସଂସ୍କୃତ ଏବଂ ଶାସ୍ତ୍ର ଅଧ୍ୟୟନ କରି ପାଣ୍ଡିତ୍ୟ ଲାଭ କରି କାଶୀ ମହାରାଜଙ୍କ ସଭାରେ ମହାପଣ୍ଡିତ ଭାବେ ଅବସ୍ଥାପିତ ହୋଇ ବ୍ୟାସଦେବ କୃତ ଭାଗବତକୁ ସରଳ ଟୀକାକାରଣ କରି ଭାବାର୍ଥ ଦୀପିକା ଗ୍ରନ୍ଥ ରଚନା କରିଥିଲେ, ଯେଉଁଥିରୁ କି ପରବର୍ତ୍ତିକାଳରେ ଜଗନ୍ନାଥ ଦାଶ ଓଡ଼ିଆ ଭାଗବତ ରଚନାକରି ଘରେ ଘରେ ପରିଚିତ ହୋଇପାରିଥିଲେ । ପରେ ସେ ପୁରୀ ଶଙ୍କର ମଠର ମହନ୍ତ ପଦ ଅଳଙ୍କୃତ କରିବା ସହ ପୁରୀ ଗୋବର୍ଦ୍ଧନ ପୀଠର ଦଶମ ଶଙ୍କରାଚାର୍ଯ୍ୟ ପଦରେ ଆସିନ ହୋଇ ସମଗ୍ର ଓଡ଼ିଆ ଜାତିକୁ ଗୌରବାନ୍ୱିତ କରିଥିଲେ ।

ଏଭଳି ମହାନ ସନ୍ଥ ବ୍ରହ୍ମଚାରୀ ଶ୍ରୀଧର ସ୍ୱାମୀଙ୍କ ପାଇଁ ସମଗ୍ର ଓଡ଼ିଆ ଜାତି ଗର୍ବ କରିବା ସହିତ ତାଙ୍କରି ସ୍ମୃତି ରକ୍ଷା ପାଇଁ ତାଙ୍କ ବିଷୟରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ପାଠ୍ୟ ପୁସ୍ତକରେ ସ୍ଥାନ ଦିଆଯିବା ଉଚିତ ବୋଲି ମତପ୍ରକାଶ ପାଇଥିଲା । ଏତଦ ବ୍ୟତୀତ ପୁରୀ ଏବଂ ଭୁବନେଶ୍ୱରରେ ଥିବା ଶଙ୍କର ମଠର ପୁନଃରୁଦ୍ଧାର କରାଯାଇ ତାଙ୍କର ପୂର୍ଣ୍ଣାବୟବ ପ୍ରତିଷ୍ଠା କରାଯିବାକୁ ମଧ୍ୟ ଦାବି ଉପସ୍ଥାପିତ କରାଯାଇଥିଲା ।

ଅଧିକନ୍ତୁ ରାଜ୍ୟ ସରକାର ଶ୍ରୀଧର ସ୍ୱାମୀଙ୍କ ନାମରେ ରାଜ୍ୟ ରାଜଧାନୀରେ ଏକ ରାସ୍ତାର ନାମକରଣ କରିବା ସହ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନା କରିବାକୁ ନିଷ୍ପତି ନେଇଛନ୍ତି ବୋଲି ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି ପ୍ରକାଶ କରିଥିଲେ । ସନ୍ଧ୍ୟାରେ ଆଧ୍ୟାତ୍ମିକ ସେବକ ମନୋରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଅମୃତ ମହୋତ୍ସବକୁ ଦିବ୍ୟ ଅତିଥିଗଣ ଶୁଭାରମ୍ଭ କରିଥିଲେ । ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦର ସମ୍ପାଦକ ମୟୂର ଗ୍ରାମର ହରେକୃଷ୍ଣ ପଣ୍ଡା ପରିଷଦର କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଆବାହକ ପ୍ରଦୀପ୍ତ କୁମାର ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ପରିଶେଷରେ ୪୨ ମୌଜାର ସଂକୀର୍ତ୍ତନ ଦଳ କୀର୍ତ୍ତନ କର ମହୋତ୍ସବର ସମାପନ କରିଥିଲେ ।

### ଘରୋଇ ପରିବହନରେ ୫୦ ପ୍ରତିଶତ ରିହାତି ଦାବିରେ

# ଛାତ୍ର କଂଗ୍ରେସ ପକ୍ଷରୁ ଆଞ୍ଚଳିକ ପରିବହନ ଅଫିସ ଘେରାଉ

ଭୁବନେଶ୍ୱର,(ସବ୍ୟୁ): ଗତ ଏପ୍ରିଲ ମାସ ୩୧ ତାରିଖ ଦିନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଭୁବନେଶ୍ୱର ସ୍ଥିତ କଂଗ୍ରେସ ଭବନରେ ରାଜ୍ୟ ସରକାରଙ୍କ ନିକଟରେ ରାଜ୍ୟର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ମାଗଣା ସରକାରୀ ସାର୍ବଜନୀନ ପରିବହନ ଏବଂ ଘରୋଇ ପରିବହନରେ ୫୦ ପ୍ରତିଶତ ରିହାତି ପାଇଁ ଦାବି କରିଥିଲେ। ଜୁନ ମାସ ୧୦ ତାରିଖ ସୁଦ୍ଧା ଏହି ପ୍ରତିଶୃତି ପୂରଣ କରିବାକୁ ଦାବି ମଧ୍ୟ କରିଥିଲେ । ପ୍ରତିଶୃତି ପୂରଣ ନ କଲେ ଛାତ୍ର କଂଗ୍ରେସ ରାଜ୍ୟ ସାରା ବିକ୍ଷୋଭ କରିବ ବୋଲି ଶ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କୁ ଚେତାବନୀ ମଧ୍ୟ ଦେଇଥିଲା । ସରକାର ଏହି ପ୍ରତିଶୃତି ପୂରଣ ନ କରିଥିବାରୁ ଆଜି ୩୦ ଜିଲ୍ଲାରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ନେତୃତ୍ୱରେ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଛାତ୍ର କଂଗ୍ରେସ ଘେରାଉ କରିଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ପ୍ରଧାନ ନିଜେ ମଧ୍ୟ ଆଜି ବିଭିନ କଲେଜ ର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଘେରାଉ କରିଥିଲେ। ରାଜ୍ୟରେ ଅନେକ ଗରିବ ମେଧାବୀ ଛାତ୍ରଛାତ୍ରୀ ଅଛନ୍ତି ଯେଉଁମାନେ




ପରିବହନ ବ୍ୟବସ୍ଥାର ସୁବିଧା ଥାଇ ମଧ୍ୟ ଅଭାବ ହେତୁ ଶିକ୍ଷଲାଭ କରିବା ପାଇଁ ଶିକ୍ଷାନୁଷ୍ଠାନ ଯିବାରେ ସେମାନଙ୍କ ପାଇଁ ବାଧା ଉପୁଜିଛି,ରାଜ୍ୟ ସରକାର ସେଥିପ୍ରତି ଧ୍ୟାନ ଦେବା ଦରକାର। ଛାତ୍ର ନେତା ତାପସ ଦେ, ଶୁଭମ ରାଜ,ଶାହରୁଖ ଖାନ,ସୁନୀଲ ସାହୁ ଗାନ୍ଧୀ,ଲିପିକା ପାତ୍ରଙ୍କ ସହ ପ୍ରମୁଖ ଛାତ୍ର ନେତା ଏବଂ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଯୁବନେତା ସୁଦିପ ସାମଲ, ନିହାର ରଞ୍ଜନ ବେହେରା, ମନୋଜ ବିଶ୍ୱାଳ ପ୍ରମୁଖ ଯୁବନେତା ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଯଦି ଏହି ପ୍ରତିଶୃତି ପୂରଣ ନହୁଏ ତେବେ ଆଗାମୀ ଦିନରେ ଛାତ୍ର କଂଗ୍ରେସ ପକ୍ଷରୁ ସାରା ରାଜ୍ୟରେ ଆନ୍ଦାଳନ ତୀବ୍ର ରୂପ ବୋଲି ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି ରାଜ୍ୟ ସଭାପତି ଶ୍ରୀ ପ୍ରଧାନ।

# ୭୮ଗ୍ରାମ ବ୍ରାଉନସୁଗର ଜବତ, ୨ମହିଳାଙ୍କ ସମେତ ୫ଗିରଫ

ଖୋର୍ଦ୍ଧା,(ସବ୍ୟୁ): ଆଦର୍ଶ, ସଦର ଓ ଶିଙ୍ଖାଂଚଳ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରି ୭୮.୬୮ଗ୍ରାମ୍ ଓଜନ ର ବ୍ରାଉନସୁଗର କରିଛି । ଏହି ଘଟଣାରେ ପୁଲିସ ୨ଜଣ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି । ଗିରଫ ମାନେ ହେଲେ ନୟାଗଡ ଜିଲ୍ଲା ଖଣ୍ଡପଡା ଥାନା ବସନ୍ତପୁର ତଥା ଖୋର୍ଦ୍ଧା ଜବରଦସ୍ତପୁର ସ୍ୱପ୍ନେଶ୍ୱର ସାହି ରେ ରହୁଥିବା ମନୋରମା ନାୟକ (୪୫), ଭାଲିଆବାଡି ର ନିବାସିନୀ ସାହୁ ଓରଫ ଆସେଇ (୩୬), ତାଙ୍କ ସ୍ୱାମୀ ସତ୍ୟନାରାୟଣ ସାହୁ (୩୯), ତରତୁଆ ର କରିମ୍ ଖାନ୍ (୨୯) ଏବଂ ଭାଲିଆବାଡି ହାତିଆଣୁଣିସାହି ର ଅତନୁ ଖାନ୍ (୨୩) । ଗିରଫମାନଙ୍କ ଠାରୁ ନଗଦ ୧୨,୧୦୦ଟଙ୍କା, ୩ଟି ମୋବାଇଲ ଥାନା ଓ ୪ଟି ମୋଟରସାଇକେଲ ଜବତ କରିଛି । ଜବତ ବ୍ରାଉନସୁଗରର ମୂଲ୍ୟ ୭ଲକ୍ଷ ୮୦ହଜାର ହେବ। ଶିଙ୍ଖାଂଚଳ ଥାନା ପୁଲିସ ଗଡଖୋର୍ଦ୍ଧା କୁଞ୍ଜବିହାରୀ ମନ୍ଦିର ସମ୍ମୁଖରେ ମନୋରମା ବେପାର କରୁଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା । ତାକୁ ଧରିବା ଲାଗି ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ପ୍ରଧାନଙ୍କ ତତ୍ତ୍ୱବଧାନରେ ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢଉ କରିଥିଲେ । ମନୋରମା କୁ ଧରି ତା ଠାରୁ ୩୫.୨୫ଗ୍ରାମ ବ୍ରାଉନସୁଗର ସମେତ ନଗଦ ୭୨ଶହ ଟଙ୍କା କୁ ଜବତ କରିଛି । ଦୀର୍ଘଦିନ ଧରି ସହତ ଠାରୁ ୨୩.୪୩ଗ୍ରାମ ବ୍ରାଉନସୁଗର ଓ ନଗଦ ୧୫ଶହ ଟଙ୍କା କୁ ଜବତ କରିଛି । ଏଥିସହିତ ଭାଲିଆବାଡି ଅଂଚଳରେ ଚଢଉ କରି ଆଦର୍ଶଥାନା ପୁଲିସ ଚଢଉ କରି ଦମ୍ପତିନିବାସିନୀ ଓ ତାଙ୍କ ସ୍ୱାମୀ



ସେ ଏହି ବ୍ୟବସାୟ କରୁଥିବା ପୁଲିସ କହିଛି । ଏନେଇ ଏସ୍‌ଆଇ ପ୍ରମୋଦ କୁମାର ନାୟକଙ୍କ ଅଭିଯୋଗ କ୍ରମେ ପୁଲିସ ୧୪୨/୨୫ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସେହିପରି ସଦରଥାନା ଅନ୍ତର୍ଗତ ଗଡଗୁଡ଼ୁମ ପାଣିଟାଙ୍କି ନିକଟରେ ପୁଲିସ ଚଢଉ କରି ଅତନୁ ଖାନ୍ କୁ ଗିରଫ କରିବା ସତ୍ୟନାରାୟଣ ଙ୍କ ସମେତ ତରତୁଆ ର କରିମ୍ କୁ ଗିରଫ କରିଛି । ସେମାନଙ୍କ ଠାରୁ ୨୦ଗ୍ରାମ ବ୍ରାଉନସୁଗର ସମେତ ୩୪ଶହ ଟଙ୍କା ସମେତ ୩ଟି ମୋବାଇଲ ଥାନା ଓ ୪ଟି ମୋଟରସାଇକେଲ ଜବତ କରିଛି । ପୁଲିସ ୩ଟି ପୃଥକ ମାମଲାରେ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

## ଗୁଜୁରାଟ ବିମାନ ଦୁର୍ଘଟଣା ମୃତକଙ୍କ ଲାଗି ପ୍ରଦୀପ ପ୍ରଜ୍ଜ୍ୱଳନ

ରଣପୁର,(ସବ୍ୟୁ):ଗୁଜୁରାଟ ଅହମଦାବାଦ ବିମାନ ଦୃଘଟଣା ସାରାଦେଶ ରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିବା ବେଳେ ନୟାଗଡ ଜିଲ୍ଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ଥିତ ପଞ୍ଚୁଦୋଳ ପଡିଆ ରଘୁଦିବାକର ମଣ୍ଡପ ଠାରେ ମୃତକ ଆତ୍ମାର ସଦଗତି ପାଇଁ ନିରବ ପ୍ରାଥନା କରାଯିବା ସହିତ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଛି। ଏଥିରେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ରଙ୍ଗୀନ ମହାନ୍ତି କିଛି କାଉସିଲର ସମେତ ସ୍ଥାନୀୟ ବୁଦ୍ଧିଜୀବି ବିଜେଡ଼ି ବ୍ଲକ ସଭାପତି ସଚିକାନ୍ତ ଷଡ଼ଙ୍ଗୀ ସମେତ ଶତାଧିକ ଯୁବକ ଏହି କାର୍ଯ୍ୟକ୍ରମ ରେ ସାମିଲ ହୋଇ ମୃତକ ଆତ୍ମାର ସତଗତି କାମନା କରିଥିଲେ ।





ଅହମ୍ମଦାବାଦ-ଲଣ୍ଡନ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ସ୍ଥଳର ଦୃଶ୍ୟ

# 'ମେଡେ' କଲ୍ କରିଥିଲେ ପାଇଲଟ

ଅହମ୍ମଦାବାଦ : ଗୁଜରାଟର ସର୍ଦାର ବଲ୍ଲଭ ଭାଇ ପଟେଲ ଅନ୍ତର୍ଜାତୀୟ ଏୟାରପୋର୍ଟରୁ ଉଡ଼ାଣ ଭରିବାର ମାତ୍ର କିଛି ସମୟ ପରେ କ୍ରାଶ ହୋଇଯାଇଛି ଏୟାର ଇଣ୍ଡିଆ ବିମାନ । ବିମାନରେ ୧୬୯ ଜଣ ଭାରତୀୟ, ୫୩ ଜଣ ବ୍ରିଟିଶ ନାଗରିକ, ୭ ଜଣ ପର୍ତ୍ତୁଗିଜ ଓ ଜଣେ କାନାଡା ନାଗରିକ ରହିଥିଲେ । କ୍ରାଶ ପରେ ବିମାନଟି ପୂରା ନିଆଁ ପିଣ୍ଡୁଳାରେ ପରିଣତ ହୋଇଯାଇଛି । ଏଥିଯୋଗୁ ସମସ୍ତ ୨୪୨ ଜଣଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି ।

ବିମାନରେ ୨୩୦ ଜଣ ଯାତ୍ରୀ, ୨ ଜଣ ପାଇଲଟ ଓ ୧୦ ଜଣ କ୍ରୁ ସଦସ୍ୟ ରହିଥିଲେ ।ତେବେ କ୍ରାଶ ପୂର୍ବରୁ ପାଇଲଟ ଆସନ୍ନ ବିପଦ ସମ୍ପର୍କରେ ଜାଣି ପାରି ମେଡେ କଲ୍ କରିଥିଲେ ବୋଲି ଡିଜିସିଏ ସ୍ପଷ୍ଟ କରିଛି । ଏହି କଲ ରେଡିଓ ସିଗ୍ନାଲ ଦ୍ୱାରା କରାଯାଏ । ପାଇଲଟ ୩ ଥର ମେଡେ ବୋଲି କୁହନ୍ତି । ଏହାର ଅର୍ଥ ସହଯୋଗ ଦରକାର। ଡିଜିସିଏ କହିଛି ଯେ ଲଣ୍ଡନ ଅଭିମୁଖେ ବୋଇଂ ୭୮୭ ଏୟାରକ୍ରାଫ୍ଟ ଟେଲ ନମ୍ବର ଭିଟି ଏଏନବି ୨୮ ନମ୍ବର ରନ ୱେରୁ ମଧ୍ୟାହ୍ନ ୧.୩୯ ମିନିଟରେ ଉଡ଼ାଣ ଭରିଥିଲା । ଉଡ଼ାଣ ଭରିବା କ୍ଷଣି ପାଇଲଟ ତୁରନ୍ତ ମେ' ଡେ କଲ୍ ବା ଜରୁରିକାଳୀନ କଲ ଜରିଆରେ ଏୟାର ଟ୍ରାଫିକ କଣ୍ଟ୍ରୋଲ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ।




ବିମାନକୁ ବଡ଼ ବିପଦ ଥିବା ପାଇଲଟ ଅନୁଭବ କରି ସହାୟତା ମାଗିଥିଲେ । ଏୟାର ଟ୍ରାଫିକ କଣ୍ଟ୍ରୋଲ ପକ୍ଷରୁ ଏହାର ଜବାବ ପାଇଲଟଙ୍କ ପାଖରେ ପହଞ୍ଚି ପାରି ନଥିଲା । ପାଲଟ ମେ'ଡେ କଲ କରିବା ପରେ ନୀରବି ଯାଇଥିଲେ ।

ବିମାନଟିର ଉଡ଼ାଣ କ୍ୟାପଟେନ ସୁମିତ ସଭରୱାଲ କରୁଥିଲେ । ତାଙ୍କ ପାଖରେ ୮୨୦୦ ଘଣ୍ଟା ବିମାନ ଉଡ଼ାଣର ଅଭିଜ୍ଞତା ରହିଥିଲା। । ସେହିପରି ପ୍ରଥମ ଅଫିସର କ୍ଲାଇଭ କୁନ୍ଦର ୧୧୦୦ ଘଣ୍ଟା ବିମାନ ଉଡ଼ାଣ କରିବାର ଅଭିଜ୍ଞତା ରଖିଥିଲେ ।। ସାମ୍ନାକୁ ଆସିଥିବା ୧୭ ସେକେଣ୍ଡ ଭିଡିଓରେ ଦେଖାଯାଉଛି ଯେ ବିମାନଟି ଗୋଟିଏ ଆବାସିକ ଅଞ୍ଚଳରେ କ୍ରାଶ ହେଉଛିଛ ବିମାନଟି କ୍ରାଶ ହେବା ପରେ ଭୟଙ୍କର ବିସ୍ଫୋରଣ ହେବା ସହ ଏହା ନିଆଁ ପିଣ୍ଡୁଳାରେ ପରିଣତ ହୋଇଯାଇଥିଲା ।

## ମେଡେ କ'ଣ ?

କେମ୍ବ୍ରିଜ୍ ଡିକ୍ସନାରୀ ଅନୁଯାୟୀ, ମେଡେ କଲ୍ ହେଉଛି ସାହାଯ୍ୟ ପାଇଁ ଏକ ସଙ୍କଟକାଳୀନ ଡାକ, ଯାହା ମୁଖ୍ୟତଃ ଜାହାଜ ଏବଂ ବିମାନ ଦ୍ୱାରା ଗୁରୁତର ଏବଂ ଆସନ୍ନ ବିପଦ ପରିସ୍ଥିତିରେ ବ୍ୟବହାର କରାଯାଏ । ଏହା ଏକ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ସଙ୍କେତ, ଯାହା ସୂଚାଇଥାଏ ଯେ ସାହାଯ୍ୟର ଜରୁରୀ ଆବଶ୍ୟକତା ଅଛି । 'ମେଡେ' ଶବ୍ଦଟି ଫରାସୀ ବାକ୍ୟାଂଶ m'aiderର ଏକ ସଂକ୍ଷିପ୍ତ ରୂପ, ଯାହାର ଅର୍ଥ ମୋତେ ସାହାଯ୍ୟ କର ।

# ରାଜା ଚାର୍ଲ୍ସ-ତୃତୀୟଙ୍କ ଶୋକ



ଲଣ୍ଡନ: ଅହମଦାବାଦରେ ଗୁରୁବାର ହୋଇଥିବା ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି । ଏହି ଦୁର୍ଘଟଣାରେ ୫୦ରୁ ଅଧିକ ବ୍ରିଟିଶ ନାଗରିକ ମୃତ୍ୟୁବରଣ କରିଛନ୍ତି । ଏହି ଦୁର୍ଘଟଣାକୁ ନେଇ ବ୍ରିଟେନର ରାଜା ଚାର୍ଲ୍ସ ତୃତୀୟ ଏହି ଦୁର୍ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ସେ କହିଛନ୍ତି ଯେ ଆଜି ଅହମଦାବାଦରେ ଘଟିଥିବା ଭୟଙ୍କର ଘଟଣା ପାଇଁ ମୁଁ ଏବଂ ମୋ ପତ୍ନୀ ମର୍ମାହତ । ଅନେକ ଦେଶର ନାଗରିକ ଏହି ଦୁଃଖଦ ଘଟଣା ସହିଛନ୍ତି । ଏହି ଦୁଃଖଦ ମୁହୂର୍ତ୍ତରେ ଆମର ପ୍ରାର୍ଥନା ପୀଡିତ ଏବଂ ସେମାନଙ୍କ ପରିବାର ସହିତ ଅଛି । ଏହି କଷ୍ଟକର ସମୟରେ ସାହାଯ୍ୟ କରୁଥିବା ସମସ୍ତ ଜରୁରୀକାଳୀନ କର୍ମୀ ଏବଂ ରିଲିଫ୍ କର୍ମୀଙ୍କୁ ଆମେ ସାଲ୍ୟୁଟ୍ କରୁଛୁ ।

ସେପଟେ ଏହି ବିମାନ ଦୁର୍ଘଟଣାର ତଦନ୍ତ ପାଇଁ ଏକ ବ୍ରିଟିଶ ତଦନ୍ତକାରୀ ଦଳ ଭାରତ ଆସିବ । ବ୍ରିଟେନର ଏୟାର ଆକ୍ସିଡେଣ୍ଟସ ଇନଭେଷ୍ଟିଗେସନ ବ୍ରାଞ୍ଚ୍ (ଏଏଆଇବି)ର ଏକ ଦଳ ଭାରତ ଆସି ତଦନ୍ତରେ ଭାରତକୁ ସହାୟତା କରିବ । ସେହିପରି ମୃତ୍ୟୁବରଣ କରିଥିବା ବ୍ରିଟିଶ ନାଗରିକଙ୍କ ପାଇଁ ଲଣ୍ଡନରେ ଏକ କଣ୍ଟ୍ରୋଲ ରୁମ ଖୋଲାଯାଇଛି ।

# ଦିଲ୍ଲୀରୁ ଅହମଦାବାଦ ସବୁ ବିମାନ ବାତିଲ୍

ଅହମଦାବାଦ: ଦୁର୍ଘଟଣା ପରେ ଦିଲ୍ଲୀରୁ ଅହମଦାବାଦ ଯିବାକୁ ଥିବା ସବୁ ବିମାନ ବାତିଲ୍ ହୋଇଛି। ଗୁଜରାଟର ଅହମଦାବାଦରେ ଆଜି ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଘଟଣା ସମୟର ଏକ ଭିଡିଓ ଏବେ ଖୁବ ଭାଇରାଲ ହେଉଛି, ଯେଉଁଥିରେ ବିମାନଟି ନିଆଁ ପିଣ୍ଡୁଳାରେ ପରିଣତ ହେଉଥିବା ଦେଖାଯାଇଛି ।

ତେବେ ଏହି ଦୁର୍ଘଟଣା ପରେ ଦିଲ୍ଲୀରୁ ଅହମଦାବାଦ ଯିବାକୁ ଥିବା ସବୁ ବିମାନ ବାତିଲ୍ କରାଯାଇଛି । ବାତିଲ ହୋଇଥିବା ବିମାନଗୁଡ଼ିକ ମଧ୍ୟରେ ଆକାଶା ଏୟାରର ୨ଟି, ଇଣ୍ଡିଗୋର ୩ଟି, ଜଲର ଗୋଟିଏ ଏବଂ କଣ୍ଟ୍ରାସର ଗୋଟାଏ ବିମାନ ରହିଛି ।

## ପ୍ରତି ମୃତକଙ୍କ ପରିବାରକୁ ଟାଟା ଦେବ ୧ କୋଟିର ସହାୟତା

ନୂଆଦିଲ୍ଲୀ: ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପାଇଁ ସହୟତା ଘୋଷଣା କରିଛି ଟାଟା ଗ୍ରୁପ । ପ୍ରତି ମୃତକଙ୍କ ପରିବାର ପାଇଁ ଟାଟା ୧ କୋଟିର ସହାୟତା ଦେବ ।

ଏଥିସହ ଦୁର୍ଘଟଣାରେ ଆହତଙ୍କ ମେଡିକାଲ ଖର୍ଚ୍ଚ ବହନ କରିବ ଟାଟା । ତାସହ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ମେଡିକାଲ କଲେଜର କୋଠାକୁ ବି ସଜାଡି ଦେବାକୁ ପ୍ରତିଶ୍ରୁତି ଦେଇଛି ଟାଟା ଗ୍ରୁପ । ଏନେଇ ଟାଟା ଗ୍ରୁପ ପକ୍ଷରୁ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ସୂଚନା ଦିଆଯାଇ କୁହାଯାଇଛି- ଦୁଃଖଦ ଘଟଣା ପାଇଁ ଆମେ ଗଭୀର ମର୍ମାହତ । ଏହି ମୁହୂର୍ତ୍ତରେ ଆମେ ଯେଉଁ ଦୁଃଖ ଅନୁଭବ କରୁଛୁ ତାହା କୌଣସି ଶବ୍ଦରେ ପ୍ରକାଶ କରାଯାଇପାରିବ ନାହିଁ ।

## ପ୍ରଥମ ଥର ପାଇଁ ବୋଇଂ ଡ୍ରିମ୍‌ଲାଇନ-୭୮୭ ଦୁର୍ଘଟଣାଗ୍ରସ୍ତ

ଅହମଦାବାଦ : ଅହମଦାବାଦରେ ଗୁରୁବାର ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ବୋଇଙ୍ଗ୍ ଡ୍ରିମଲାଇନ-୭୮୭ ବିମାନ ଚର୍ଚ୍ଚାକୁ ଆସିଯାଇଛି । କାରଣ ପ୍ରଥମଥର ପାଇଁ ଏହି ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି ।

ଆମେରିକୀୟ ବିମାନ କମ୍ପାନୀ ବୋଇଙ୍ଗ୍ ଦ୍ୱାରା ନିର୍ମିତ ଡ୍ରିମଲାଇନ-୭୮୭ ବିମାନ ୨୦୧୧ରେ ପ୍ରଥମ ଥର ପାଇଁ ଚଳାଚଳ ଆରମ୍ଭ କରିଥିଲା । ଏହି ବିମାନକୁ ଏକ ଅତ୍ୟନ୍ତ ସୁରକ୍ଷିତ ବିମାନ ବୋଲି ମନେକରାଯାଏ । ବୋଇଙ୍ଗ କମ୍ପାନୀର ତଥ୍ୟ ଅନୁସାରେ ଏବେ ସାରା ବିଶ୍ୱରେ ପ୍ରାୟ ୧୧୭୫ଟି ଡ୍ରିମଲାଇନର-୭୮୭ ବିମାନ ଚଳାଚଳ କରୁଛି ଓ ଦୈନିକ ପ୍ରାୟ ୨୧୦୦ଟି ଫ୍ଲାଇଟ୍ ଚଳାଚଳ ହେଉଛି । ଏପର୍ଯ୍ୟନ୍ତ ପ୍ରାୟ ୧୦୦ କୋଟି ଯାତ୍ରୀ ଡ୍ରିମଲାଇନର-୭୮୭ରେ ଚଳାଚଳ କରିସାରିଲେଣି । ଆଜିର ଦୁର୍ଘଟଣା ଡ୍ରିମଲାଇନର-୭୮୭ ବିମାନର ପ୍ରଥମ ଦୁର୍ଘଟଣା ବୋଲି ଜଣାପଡ଼ିଛି ।

ଏହି ଦୁର୍ଘଟଣା ଖବର ଆସିବା ପରେ ବୋଇଙ୍ଗ କମ୍ପାନୀର ସେୟାର ମୂଲ୍ୟ ହ୍ରାସ ପାଇଛି । ଆମେରିକୀୟ ଷ୍ଟକ ବଜାର ଖୋଲିବା ପୂର୍ବରୁ ହିଁ ଏହି ଷ୍ଟକ ମୂଲ୍ୟ ୮ ପ୍ରତିଶତ ହ୍ରାସ ପାଇଛି । ବଜାର



ଖୋଲିବା ପରେ ଏହା ଆହୁରି ହ୍ରାସ ପାଇବାର ସମ୍ଭାବନା ରହିଛି । ଏହି ଦୁର୍ଘଟଣା ପରେ ବୋଇଙ୍ଗ କମ୍ପାନି ପକ୍ଷରୁ କୁହାଯାଇଛି ଯେ ସେମାନେ ଏୟାର ଇଣ୍ଡିଆ ସହ ଯୋଗାଯୋଗରେ ଅଛନ୍ତି ଓ ସବୁପ୍ରକାରର ସହଯୋଗ କରୁଛନ୍ତି ।

## ଟିକେଟ ବାତିଲ କଲେ ସଂପୂର୍ଣ୍ଣ ଅର୍ଥ ଫେରସ୍ତ

ଅହମଦାବାଦ : ଗୁରୁବାର ଦିନ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦର ଅଧିକାରୀମାନେ କହିଛନ୍ତି ଯେ ଏୟାର ଇଣ୍ଡିଆର ଲଣ୍ଡନ ଯାଉଥିବା ବିମାନ ଏଆଇ-୧୭୧ ଅହମଦାବାଦ ବିମାନବନ୍ଦର ନିକଟରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ବିମାନବନ୍ଦରରୁ ସମସ୍ତ ବିମାନ ଚଳାଚଳକୁ ଅସ୍ଥାୟୀ ଭାବରେ ବନ୍ଦ କରିଦିଆଯାଇଛି ।

ଅନ୍ୟପକ୍ଷରେ ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାର ଇଣ୍ଡିଆ ଦୁର୍ଘଟଣା ପରେ ଏକ ବଡ଼ ନିଷ୍ପତ୍ତି ନେଇଛି । ଏୟାରଇଣ୍ଡିଆ ଜୁନ୍ ୧୨ରୁ ୧୪ ମଧ୍ୟରେ ଅହମଦାବାଦରୁ ଯିବା ପାଇଁ ବୁକ୍ କରିଥିବା ଯାତ୍ରୀଙ୍କ ପାଇଁ ଏକକାଳୀନ ରିସିଡ୍ୟୁଲିଂ ଫି ଛାଡ଼ ଘୋଷଣା କରିଛି । ଏହା ଜୁନ୍ ୧୨ ପର୍ଯ୍ୟନ୍ତ ଜାରି ହୋଇଥିବା ଟିକେଟ୍ ପାଇଁ ପ୍ରଯୁଜ୍ୟ।

ଯେଉଁମାନେ ଏହି ସମୟ ମଧ୍ୟରେ କରାଯାଇଥିବା ବୁକିଂ ବାତିଲ କରିବାକୁ ଚାହାଁନ୍ତି, ସେମାନଙ୍କ ପାଇଁ ସମ୍ପୂର୍ଣ୍ଣ ବାତିଲ ଫି ଛାଡ଼ କରାଯିବ। ଅର୍ଥାତ ସଂପୂର୍ଣ୍ଣ ଟିକେଟ ଭଡ଼ା ଫେରସ୍ତ ମିଳିବ । ଏହି ଦୁର୍ଘଟଣା ସଂପର୍କରେ ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ୍ ୱିଲସନ ଦୁଃଖ ପ୍ରକାଶ କରିବା ସହ ଏୟାର ଇଣ୍ଡିଆ ଟିମ ସହାୟତା କାର୍ଯ୍ୟରେ ଲାଗିଛନ୍ତି ବୋଲି କହିଛନ୍ତି ।

# ୧୦ଟି ପ୍ରମୁଖ ବିମାନ ଦୁର୍ଘଟଣା

ଗୁଜରାଟର ଅହମଦାବାଦରେ ଆଜି ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନ ଅପରାହ୍ନ ୧ଟା ୩୯ ମିନିଟରେ ଲଣ୍ଡନ ଅଭିମୁଖେ ଉଡ଼ାଣ ଭରିଥିବା ଏହି ବିମାନରେ ୨୩୦ ଜଣ ଯାତ୍ରୀଙ୍କ ସହିତ ୨ ଜଣ ପାଇଲଟ ଓ ୧୦ ଜଣ କ୍ରୁ ସଦସ୍ୟ ଥିଲେଛ ୨୩୦ ଜଣ ଯାତ୍ରୀଙ୍କ ମଧ୍ୟରେ ୧୬୯ ଜଣ ଭାରତୀୟ ନାଗରିକ ଥିଲେଛ ସେହିପରି ୫୩ ଜଣ ବ୍ରିଟିଶ ନାଗରିକଙ୍କ ସହିତ ୭ ପର୍ତ୍ତୁଗୀଜ ଓ ଜଣେ କାନାଡୀୟ ନାଗରିକ ଏହି ବିମାନରେ ଯାତ୍ରା କରୁଥିଲେ ।

**୨୦୨୦ ଅଗଷ୍ଟ ୭ :**ଅହମଦାବାଦ ଘଟଣା ପୂର୍ବରୁ ଦେଶରେ ଶେଷ ଥର ପାଇଁ ୨୦୨୦ ଅଗଷ୍ଟ ୭ ତାରିଖରେ କେରଳର କାଲିକଟରେ ବଡ଼ ବିମାନ ଦୁର୍ଘଟଣା ଘଟିଥିଲା । ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଫ୍ଲାଇଟ ୧୩୪୪ ଦୁବାଇରୁ ଆସି କାଲିକଟ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରୁଥିବା ବେଳେ ଖରାପ ପାଗ ଯୋଗୁ ଓଦା ହୋଇଯାଇଥିବା ରନେ୍ୱରୁ ବାହାରି ଖାଇରେ ଖସି ପଡ଼ିଯାଇଥିଲା ଓ ଦୁଇ ଖଣ୍ଡ ହୋଇଯାଇଥିଲା । ଏଥିରେ ୨୧ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା । ତେବେ ବାକି ୧୬୫ ଯାତ୍ରୀ ଓ ୪ କ୍ରୁ ମେମ୍ବରଙ୍କ ଜୀବନ ବଞ୍ଚି ଯାଇଥିଲା । ଯାତ୍ରୀଙ୍କ ମଧ୍ୟରୁ ୧୧୦ ଆହତ ହୋଇଥିଲେ ।

**୨୦୧୦ ମେ' ୨୨ ମେଙ୍ଗାଲୁରୁ ବିମାନ ଦୁର୍ଘଟଣା:** ଏୟାର ଇଣ୍ଡିଆ ଏକ୍ସପ୍ରେସ ଫ୍ଲାଇଟ ୮୧୨ ରନେ୍ୱ ଅତିକ୍ରମ କରି ଖାଲରେ ପଡ଼ି ଯାଇଥିଲା ଏବଂ ଏକାଧିକ ଖଣ୍ଡ ହୋଇଯାଇଥିଲା।। ଏଥିରେ ନିଆଁ ମଧ୍ୟ ଲାଗିଯାଇଥିଲା।ଫଳରେ ବିମାନରେ ଥିବା ସମସ୍ତ ୧୫୮ ଜଣଙ୍କର ମୃତ୍ୟୁ ଘଟିଥିଲା ।

**୨୦୦୦ ଜୁଲାଇ ୧୭ ପାଟନା ବିମାନ ଦୁର୍ଘଟଣା:** ଏଲାଇନ୍ସ ଏୟାର ଫ୍ଲାଇଟ ୭୪୧୨ର ଏକ ବୋଇଂ ୭୩୭ ବିମାନ ପାଟନାରେ କ୍ରାଶ ହେବାରୁ ୬୦ ଜଣଙ୍କ ମୃତ୍ୟୁ ଘଟିଥିଲା । ସେମାନଙ୍କ ମଧ୍ୟରୁ ୫୫ ଜଣ ବିମାନ ଯାତ୍ରୀ ଥିବା ବେଳେ ଆଉ ୫ ଜଣ ବାହାର ଲୋକ ଥିଲେ । କାରଣ ବିମାନଟି ଜନବସତିରେ କ୍ରାଶ ହୋଇଥିଲା ବିମାନଟି କୋଲକାତାରୁ ପାଟନା ଓ ଲକ୍ଷ୍ନୌ ଦେଇ ଦିଲ୍ଲୀ ଅଭିମୁଖେ ଯାଉଥିଲା ଚପାଟନାରେ ଏହା ଅବତରଣ କରିବା ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବିମାନଟିରେ ୫୨ ଜଣ ଯାତ୍ରୀ ଓ ୬ ଜଣ କ୍ରୁ ମେମ୍ବର ଥିଲେ । ପାଇଲଟଙ୍କ ଭୁଲ ଯୋଗୁ ଏହି ଦୁର୍ଘଟଣା ଘଟିଥିଲା ।



**୧୯୯୯ ନଭେମ୍ବର ୧୨ ଚରଖୀ ଦାଦରୀ ବିମାନ ଦୁର୍ଘଟଣା:** ଏହା ହେଉଛି ଭାରତ ଇତିହାସର ସବୁଠୁ ବଡ଼ ବିମାନ ଦୁର୍ଘଟଣା । ମଝି ଆକାଶରେ ଦୁଇଟି ବିମାନ ମଧ୍ୟରେ ଧକ୍କା ହୋଇଯାଇଥିଲା । ଏଥିରେ ୩୪୯ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା । ସାଉଦି ଆରବ ଏୟାରଲାଇନ୍ସର ବୋଇଂ ୭୪୭ ଓ କାଜାଖାସ୍ତାନ ଏୟାରଲାଇନ୍ସ ଫ୍ଲାଇଟ ୧୯୦୭ ମଧ୍ୟରେ ଏହି ଧକ୍କା ହୋଇଥିଲା । ପାଇଲଟଙ୍କ ତ୍ରୁଟି ଓ ଏୟାର ଟ୍ରାଫିକ କଣ୍ଟ୍ରୋଲ ସହିତ ଭୁଲ ବୁଝାମଣା ଯୋଗୁ ଏହି ଦୁର୍ଘଟଣା ଘଟିଥିଲା ।

୧୯୯୩ ଏପ୍ରିଲ ୨୬ ଔରାଙ୍ଗାବାଦ ବିମାନ ଦୁର୍ଘଟଣା: ଇଣ୍ଡିଆନ ଏୟାରଲାଇନ୍ସ ଫ୍ଲାଇଟ ୪୯୧ର ବୋଇଂ ୭୩୭ ବିମାନ ମହାରାଷ୍ଟ୍ରର ଔରାଙ୍ଗାବାଦରୁ ଉଡ଼ାଣ ଭରୁଥିବା ବେଳେ ଏକ ଟ୍ରକ ଓ ବିଦ୍ୟୁତ ତାରରେ ପିଟି ହୋଇଥିଲା । ଏଥିରେ ୫୫ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା ।

୧୯୯୧ ଅଗଷ୍ଟ ୧୬ ଇମ୍ଫାଲ ବିମାନ ଦୁର୍ଘଟଣା: ଇଣ୍ଡିଆନ ଏୟାରଲାଇନ୍ସ ଫ୍ଲାଇଟ ୨୫୭ ଇମ୍ଫାଲରେ କ୍ରାଶ ହେବାରୁ ସେଥିରେ ଥିବା ସମସ୍ତ ୬୯ ଜଣଙ୍କର ମୃତ୍ୟୁ ଘଟିଥିଲା ।

୧୯୯୦ ଫେବ୍ରୁଆରୀ ୧୪ ବେଙ୍ଗାଲୁରୁ ବିମାନ ଦୁର୍ଘଟଣା: ଇଣ୍ଡିଆନ ଏୟାରଲାଇନ୍ସ ଫ୍ଲାଇଟ ୬୦୫ର ଏୟାର ବସ୍ ଏ୩୨୦ ବେଙ୍ଗାଲୁରୁ ବା ତତ୍କାଳୀନ ବାଙ୍ଗାଲୋରରେ ଅବତରଣ କରିବା ପାଇଁ ଆସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ ୯୨ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲାଛ ପାଇଲଟଙ୍କ ଭୁଲ ଯୋଗୁ ଏହି ଦୁର୍ଘଟଣା ଘଟିଥିଲା ।

**୧୯୮୮ ଅକ୍ଟୋବର ୧୯ ଅହମଦାବାଦ ବିମାନ ଦୁର୍ଘଟଣା:** ଇଣ୍ଡିଆନ ଏୟାର ଲାଇନ୍ସ ଫ୍ଲାଇଟ ୧୧୩ ଅହମଦାବାଦରେ କ୍ରାଶ ହୋଇଯାଇଥିଲା । ଏଥିରେ ୧୩୩ ଜଣଙ୍କ ଜୀବନ ଯାଇଥିଲା । ଏହା ମୁମ୍ବାଇରୁ ଆସି ଅହମଦାବାଦରେ ଅବତରଣ କରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ବିମାନଟିରେ ୧୩୫ ଜଣ ସବାର ହୋଇଥିବା ବେଳେ ୧୩୩ ଜଣଙ୍କ ମୃତ୍ୟୁ ଘଟିଥିଲା ।

**୧୯୮୨ ଜୁନ ୨୧ ବମ୍ବେ ବିମାନ ଦୁର୍ଘଟଣା:** ଏୟାର ଇଣ୍ଡିଆ ଫ୍ଲାଇଟ ୪୦୩ ଅତ୍ୟନ୍ତ ଖରାପ ପାଗ ଯୋଗୁ ବମ୍ବେ ଏୟାର ପୋର୍ଟରେ ଏହି ଦୁର୍ଘଟଣା ଘଟିଥିଲା । ଏଥିରେ ୧୭ ଜଣଙ୍କ ମୃତ୍ୟୁ ଘଟିଥିଲା । ତେବେ ବାକି ୯୪ ଜଣଙ୍କ ଜୀବନ ବଞ୍ଚି ଯାଇଥିଲା ।

**୧୯୭୮ ଜାନୁଆରୀ ୧ ବମ୍ବେ ବିମାନ ଦୁର୍ଘଟଣା:** ଏୟାର ଇଣ୍ଡିଆ ଫ୍ଲାଇଟ ୮୫୫ର ବୋଇଂ ୭୪୭ ଆରବ ସାଗରରେ ପଡ଼ି ଯାଇଥିଲା । ଏହା ବମ୍ବେ ବିମାନ ବନ୍ଦରରୁ ଉଡ଼ାଣ ଆରମ୍ଭ କରିବା ପରେ ଆରବ ସାଗରରେ ପଡ଼ି ଯାଇଥିଲା । ଏଥିରେ ବିମାନରେ ଥିବା ସମସ୍ତ ୧୩୨ ଜଣଙ୍କ ମୃତ୍ୟୁ ଘଟିଥିଲା ।

## ଅସିର ମୁନିର୍‌ଙ୍କୁ ଆମେରିକାର ନିମନ୍ତ୍ରଣ

ନୂଆଦିଲ୍ଲୀ : ପାକିସ୍ତାନର ସେନା ମୁଖ୍ୟ ସୟଦ ଆସିର ମୁନିରଙ୍କୁ ଆମେରିକାର ସେନାର ୨୫୦ ତମ ବାର୍ଷିକ ଉତ୍ସବକୁ ନିମନ୍ତ୍ରଣ କରାଯାଇଛି । ଶ୍ରୀ ମୁନିର ଏବେ ଫିଲ୍ଡ ମାର୍ସଲ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୭୯ତମ ଜନ୍ମ ଦିବସରେ ଏହି ଉତ୍ସବ କରାଯିବ । ତେବେ ପାକିସ୍ତାନ ସେନା ମୁଖ୍ୟଙ୍କୁ ନିମନ୍ତ୍ରଣ ନେଇ ଏବେ ଉଦବେଗ ପ୍ରକାଶ ପାଇଛି ।

କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଭାରତ ପାଇଁ ଏହା ଏକ କୁଟନୀତିଜ୍ଞ ଧୋକା । ଭାରତ ଓ ପାକିସ୍ତାନ ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ସର୍ବଦଳୀୟ ବୈଠକ ଓ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକନ୍ତୁ । ବିଶେଷ କରି ଅପରେସନ୍ ସିନ୍ଦୂର ପରେ ଆମେରିକା ବାରମ୍ବାର ଏକ ବିବୃତ୍ତି ଦେଇ ଅସ୍ତ୍ରବିରତି କରୁଥିବା ଦାବି କରୁଛି । କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଗଣମାଧମକୁ କହିଛନ୍ତି ଯେ ପାକିସ୍ତାନ ସେନା ମୁଖ୍ୟଙ୍କୁ ୱାଶିଂଟନରେ ଆମେରିକା ସେନା ଦିବସକୁ ନିମନ୍ତ୍ରଣ କରାଯାଇଛି । ଏହା ଭାରତର ଏକ କୂଟନୈତିକ ଧକ୍କା । ମୁନିର ସେହି ବ୍ୟକ୍ତି ଯେକି ପହଲିଗାମ ଆତଙ୍କ ଆକ୍ରମଣ ପୂର୍ବରୁ ଉତ୍ତେଜନା ମୂଳକ ମନ୍ତବ୍ୟ ଦେଉଥିଲେ । ତେବେ ଏହା ପ୍ରଶ୍ନ ଉଠୁଛି ଆମେରିକା ଉଦ୍ଦେଶ୍ୟ କଣ ? ଏହା ଏକ ଚିନ୍ତାର ବିଷୟ । କେନ୍ଦ୍ର ସରକାର କହୁଛନ୍ତି ଏବେ ବି ଅପରେସନ୍ ସିନ୍ଦୂର ବଳବତ୍ତର ରହିଛି । ଏଭଳି ସ୍ଥିତିରେ ପାକିସ୍ତାନ ସେନା ମୁଖ୍ୟଙ୍କ ଆମେରିକାର ସେନା ଦିବସରେ ଅତିଥି ହେବା ଏକ ଚିନ୍ତା ଜନକ ଘଟଣା ବୋଲି ସେ ଉଲ୍ଲେଖ କରିଛନ୍ତି ।

# ବୁମ୍‌ରାଙ୍କ ରେକର୍ଡ ଭାଙ୍ଗିଲେ ରବାଡ଼ା

ଲଣ୍ଡନ,୧୨।୬(ଏଜେନ୍ସି): ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ ଫାଇନାଲ ମ୍ୟାଚ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଛି । ପ୍ରଥମ ଇନିଂସରେ ଦ.ଆଫ୍ରିକାର ଷ୍ଟାର ପେସର କାଗିସୋ ରାବାଡା ୫ଟି ୱିକେଟ ଅକ୍ତିଆର କରିଥିଲେ । ଏହି ଅବସରରେ ରାବାଡା ଭାରତର ଯଶପ୍ରୀତ ବୁମରା ଙ୍କ ଏକ ରେକର୍ଡ ଭାଙ୍ଗିଛନ୍ତି । ରବାଡା ବିଶ୍ୱ କ୍ରିକେଟରେ ସବୁଠାରୁ ଭଲ ଷ୍ଟ୍ରାଇକ ରେଟରେ ବୋଲିଂ କରି ୨୦୦ ୱିକେଟ ଅକ୍ତିଆର କରିଛନ୍ତି । ରବାଡା ୩୯.୧ ଷ୍ଟ୍ରାଇକ ରେଟରେ ଏହି ସଫଳତା ହାସଲ କରିଥିବା ବେଳେ ୪୨.୦ ହାରରେ ବୁମରା ବୋଲିଂ କରିଛନ୍ତି । ଡେଲ ଷ୍ଟେଇନ (୪୨.୩), ୱାକର ୟୁନୁସ (୪୩.୪) ଓ ପାଟ କୁମିନ୍ସ (୪୬.୩) ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ମଧ୍ୟରେ ରହିଛନ୍ତି ।

ଜଣେ ବୋଲର କେତୋଟି ବଲ ପକାଇବା ପରେ ୱିକେଟ ହାସଲ କରନ୍ତି ତାହାକୁ ନେଇ ଏହି ଷ୍ଟ୍ରାଇକ ରେଟ ନିର୍ଦ୍ଧାରଣ କରାଯାଇଥାଏ । ବୁମରା ଙ୍କ ନିକଟରୁ କମ ବଲ ବୋଲିଂ କରି ରବାଡା ଏହି ସଫଳତା ହାସଲ କରିଛନ୍ତି । ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ ଫାଇନାଲରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨୧୨ ରନ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୪ ୱିକେଟ ବିନିମୟରେ ୪୩ ରନ ସଂଗ୍ରହ କରିଥିଲା ।

# ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡ ଖେଳିପାରେ ୮ ମ୍ୟାଚ୍




ନୂଆଦିଲ୍ଲୀ, ୧୨।୬ (ଏଜେନ୍ସି): ଆସନ୍ତାବର୍ଷ ଟି-୨୦ ବିଶ୍ୱକପ ଖେଳାଯିବ । ଏଥିପାଇଁ ଭାରତୀୟ ପ୍ରସ୍ତୁତି ଆରମ୍ଭ କରିଦେଇଛି । ଟିମ୍ ଇଣ୍ଡିଆ ନ୍ୟୁଜିଲାଣ୍ଡ ସହ ୮ଟି ମ୍ୟାଚ୍ ଖେଳିବା ପାଇଁ ଯୋଜନା କରୁଛି । ଅବଶ୍ୟ ଅଫିସିଆଲ ଭାବେ ଏହାର କୌଣସି ଘୋଷଣା ହୋଇନାହିଁ । ଭାରତ ଗସ୍ତରେ ନ୍ୟୁଜିଲାଣ୍ଡ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବ । ଟି-୨୦ ବିଶ୍ୱକପ ୨୦୨୬ ଫେବୃଆରୀ ୮ରୁ ଆରମ୍ଭ ହେବାକୁ ଯାଉଛି । ଏହାପୂର୍ବରୁ ଭାରତ-ନ୍ୟୁଜିଲାଣ୍ଡ ଶୃଙ୍ଖଳା ଖେଳାଯିବ । ଏହି ଶୃଙ୍ଖଳା ଭାରତରେ ଆୟୋଜିତ ହେଉଥିବାରୁ ନ୍ୟୁଜିଲାଣ୍ଡକୁ ମଧ୍ୟ ଫାଇଦା ମିଳିବ । ଦିନିକିଆ ଶୃଙ୍ଖଳାରେ ରୋହିତ ଶର୍ମା ଓ ବିରାଟ କୋହଲି ଖେଳିବେ । ଟେଷ୍ଟ ଓ ଟି-୨୦ରୁ ଦୁହେଁ ଅବସର ନେଇସାରିଛନ୍ତି । ରୋହିତଙ୍କ ଭବିଷ୍ୟତ ବିସିସିଆଇ ହାତରେ ଥିବାବେଳେ ଆଉ ଦୁଇ/ତିନି ବର୍ଷ ଖେଳିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି । ଆଇପିଏଲ୍ ପରେ ଭାରତର ଅନେକ ଯୁବ ଖେଳାଳି ପ୍ରଦର୍ଶନ ମାଧ୍ୟମରେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଛନ୍ତି ।

## ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ

# ଦ.ଆଫ୍ରିକା ୧୩୮ରେ ଅଲ୍‌ଆଉଟ







ନୂଆଦିଲ୍ଲୀ, ୧୨।୬ (ଏଜେନ୍ସି): ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ରୋଚକ ସ୍ଥିତିରେ ପହଞ୍ଚିଛି । ପ୍ରଥମ ଦିନ ୧୪ ୱିକେଟ ଝଡ଼ିଥିଲା । ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୨୧୨ ରନ କରି ସମସ୍ତ ୧୦ ୱିକେଟ ହରାଇଥିଲା । ପୁଣି ପ୍ରଥମ ଦିବସ ଷ୍ଟମ୍ପ ବେଳକୁ ଦ.ଆଫ୍ରିକା ୪ ୱିକେଟ ହରାଇଥିଲା । ଦ୍ୱିତୀୟ ଦିନ ପ୍ରଥମ ଅଧିବେଶନରେ ଅଷ୍ଟ୍ରେଲିଆ ଅଧିନାୟକ ପାଟ୍ କୁମିନ୍ସ ଦ.ଆଫ୍ରିକା ବ୍ୟାଟରଙ୍କୁ ଘାଇଲା କରିଥିଲେ । ତେଣୁ ଦ.ଆଫ୍ରିକାର ପ୍ରଥମ ପାଳି ୫୭.୧ ଓଭରରେ ୧୩୮ ରନ ସ୍କୋର୍‌ରେ ସୀମିତ ରହିଥିଲା । କୁମିନ୍ସ ସର୍ବାଧିକ ୬ ୱିକେଟ ଅକ୍ତିଆର କରିଥିଲେ । ଦ୍ୱିତୀୟ ଇନିଂସ୍‌ରେ ଅଷ୍ଟ୍ରେଲିଆ ୩ୟ ଅଧିବେଶନ ସୁଦ୍ଧା ୩୧ ଓଭରରେ ୭ ୱିକେଟ ହରାଇ ୯୧ ରନ କରିଛି । ତେଣୁ ଦଳ ୧୬୪ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି ।

ପ୍ରଥମ ଦିନର ଅସମାପ୍ତ ଇନିଂସ୍ ୪୩/୪ରୁ ଦ୍ୱିତୀୟ ଦିନ ଦ.ଆଫ୍ରିକା ବ୍ୟାଟିଂ ଆରମ୍ଭ କରିଥିଲା । ତେମ୍ବା ବଭୁମା ଦଳକୁ ସଂକଟ ସ୍ଥିତିରୁ ଉଦ୍ଧାର କରିବେ ବୋଲି ଆଶା କରାଯାଉଥିଲା । ସେ ୩ ରନ ସ୍କୋର୍‌ରୁ ଇନିଂସ୍ ଆରମ୍ଭ କରିଥିଲେ । ୮୪ ବଲ୍‌ର ସମ୍ମୁଖୀନ ହୋଇ ୪ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୩୬ ରନ କରି ବଭୁମା ଆଉଟ୍ ହୋଇଥିଲେ । ସେ ପାଭିଲିଅନ ଫେରିଲା ବେଳକୁ ଦଳୀୟ ସ୍କୋର ୯୪/୫ ରନରେ ପହଞ୍ଚି ଥିଲା । ବଭୁମାଙ୍କ ପରେ ଡେଭିଡ୍ ବେଡିଂହାମ୍ ୧୧୧ ବଲ୍‌ର ସମ୍ମୁଖୀନ ହୋଇ ୪୫ ରନ କରିଥିଲେ । ଏହି ୱିକେଟ ପତନ ସହ ଦ.ଆଫ୍ରିକାର ଇନିଂସ ପତନ ଆରମ୍ଭ ହୋଇଥିଲା । କାଏଲ ଭେରିନେ ୧୩, କେଶବ ମହାରାଜ ୭ ରନ କରିଥିଲେ । ପୂର୍ବରୁ ରିଆନ ରିକେଲିଟନ ୧୬ ରନ କରି ଆଉଟ ହୋଇଥିଲେ । ତେଣୁ ଦ.ଆଫ୍ରିକାର ପ୍ରଥମ ଇନିଂସ ୫୭.୧ ଓଭରରେ ୧୩୮ ରନରେ ସୀମିତ ରହିଥିଲା । ଅଷ୍ଟ୍ରେଲିଆ ପକ୍ଷରୁ ଲର୍ଡ୍ସରେ ସ୍ମରଣୀୟ ବୋଲିଂ କରିଥିଲେ ପାଟ୍ କୁମିନ୍ସ । ସେ ୧୮.୧ ଓଭର ବୋଲିଂ କରି ୬ ମେଡେନ ସହ ୨୮ ରନ ବ୍ୟୟରେ ଗୁରୁତ୍ୱପୂର୍ଣ୍ଣ ୬ ୱିକେଟ ଅକ୍ତିଆର କରିଥିଲେ । ମିଚେଲ ଷ୍ଟାର୍କ ୨ଟି ଓ ଜୋସ୍ ହାଜଲେ ଉଡ୍ ଗୋଟିଏ ୱିକେଟ ସଫଳତା ହାସଲ କରିଥିଲେ ।

୭୪ ରନର ପ୍ରଥମ ଇନିଂସ ଅଗ୍ରଣୀ ସହ ଅଷ୍ଟ୍ରେଲିଆ ବ୍ୟାଟିଂ ଆରମ୍ଭ କରିଥିଲା । ଉସ୍ମାନ ଖ୍ୱାଜାଙ୍କ ସହ ମାର୍ନୁସ ଲାବୁଶେନ ଇନିଂସ ଓପନ କରିଥିଲେ । ଦୁହେଁ ଧିମା ଆରମ୍ଭ କରି ୧୦ ଓଭରରେ ୨୮ ରନ ସଂଗ୍ରହ କରିଥିଲେ । ଶେଷରେ ଖ୍ୱାଜା ନିଜର ସଂଜମତା ହରାଇ ୨୩ ବଲ୍‌ରୁ ୬ ରନ କରି ରବାଡ଼ାଙ୍କ ବଲରେ ୱିକେଟରକ୍ଷକ ଭେରିନେଙ୍କ ହାତରେ ଧରାପଡ଼ିଥିଲେ । ବାମହାତୀ ଖ୍ୱାଜା ରବାଡ଼ାଙ୍କ ଆଉଟ୍ ସୁଇଂ ବଲ୍‌କୁ ବୁଝିବାରେ ସଫଳ ହୋଇ ନଥିଲେ । ଏହି ୱିକେଟ ଝଡ଼ିବାର ୨ଟି ବଲ୍ ପରେ କାମେରନ ଗ୍ରୀନ ରବାଡ଼ାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ଅର୍ଥାତ୍ ରବାଡ଼ା ଗୋଟିଏ ଓଭରରେ ୨ ୱିକେଟ ଦଖଲ କରି ଦ.ଆଫ୍ରିକାକୁ ପୁଣି ଭଲ ସ୍ଥିତିକୁ ଆଣିଛନ୍ତି । ଲାବୁଶେନ ୬୪ ବଲରୁ ୨୨ ରନ କରି ଆଉଟ ହୋଇଥିବାବେଳେ ଅଭିଜ୍ଞ ଷ୍ଟିଭେନ୍ ସ୍ମିଥ୍ ଗୋଟିଏ ଚୌକା ସହ ୧୩ ରନ କରି ଲୁଙ୍ଗି ଏନ୍‌ଗିଡିଙ୍କ ଶିକାର ହୋଇଥିଲେ ।

ଲାଗୁଥିଲା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ବଡ଼ ସ୍କୋର କରି ଦ.ଆଫ୍ରିକାକୁ ଚାପରେ ରଖିବ । କିନ୍ତୁ ଦ.ଆଫ୍ରିକାର କାଗିଶୋ ରବାଡ଼ା, ଲୁଙ୍ଗି ଏନ୍‌ଗିଡି, ମାର୍କୋ ଜନସେନ ଓ ୱିଆନ୍ ମୁଲଡରଙ୍କ ଘାତକ ବୋଲିଂ ଆଗରେ ଅଷ୍ଟ୍ରେଲିଆ ବ୍ୟାଟର ବେଶି ସମୟ ତିଷ୍ଠି ପାରିନଥିଲେ । ଏପରିକି ୩୧ ଓଭର ସୁଦ୍ଧା ଅଷ୍ଟ୍ରେଲିଆ ୭ ୱିକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା । ଏଥିସହ ଦଳ ୧୬୪ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା । ଆଲେକ୍ସ କାରେ ଅପରାଜିତ ୧୪ ରନ କରି ଦଳର ବ୍ୟାଟିଂ ମଙ୍ଗ ଧରିଥିଲେ । ଏହି ଇନିଂସ୍‌ରେ ଲୁଙ୍ଗି ଏନ୍‌ଗିଡି ସର୍ବାଧିକ ୩ଟି, ରବାଡ଼ା ୨ଟି, ଜନସେନ ଓ ମୁଲଡର ଗୋଟିଏ ଲେଖାଏ ୱିକେଟ ନେଇଥିଲେ ।

# ଏସିଆ କପ: ଭାରତୀୟ ମହିଳା ଆଇସ୍ ହକି ଦଳକୁ ବ୍ରୋଞ୍ଜ




ନୂଆଦିଲ୍ଲୀ, ୧୨।୬ (ଏଜେନ୍ସି): ଭାରତୀୟ ମହିଳା ଆଇସି ହକି ଦଳକୁ ଐତିହାସିକ ବ୍ରୋଞ୍ଜ ପଦକ ସଫଳତା ମିଳିଛି । ଚଳିତ ଆଇଆଇଏଚ୍‌ଏଫ୍ ମହିଳା ଏସିଆ କପ ୟୁଏଇର ଅଲ ଆଲିନ୍‌ରେ ମେ ୩୧ରୁ ଜୁନ୍ ୬ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ ପ୍ରଥମ କରି ବ୍ରୋଞ୍ଜ ପଦକ ସଫଳତା ହାସଲ କରିବାର ଗୌରବ ଅର୍ଜନ କରିଛି । ୨୦ ଜଣିଆ ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କ ମଧ୍ୟରେ ୧୦ ଜଣ ଇଣ୍ଡୋ-ତିବ୍ବତିଆନ୍ ବର୍ଡ଼ର ପୋଲିସ (ଆଇଟିବିପି)ର, ୯ ଜର ଲେହର ଏବଂ ଜଣେ ହିମାଚଳପ୍ରଦେଶର । ଏହି ପ୍ରତିଯୋଗିତାରେ ଭାରତ ୫ଟି ରାଷ୍ଟ୍ର ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲା । ଭାରତୀୟ ଦଳ ୩ଟି ଜିତିଥିବାବେଳେ ୨ଟି ମ୍ୟାଚ୍ ହାରି ୩ ସ୍ଥାନ ଅଧିକାର କରିଥିଲା ।

ଲେହ, ଲଦାଖରେ ଥିବା ଜଳାଶୟ ଶୀତ ଦିନେ ବରଫ ଫିଲ୍ଡରେ ପରିଣତ ହୋଇଯାଏ । ଏହି ସମୟରେ ଭାରତୀୟ ଆଇସ ହକି ଦଳ ଏଠାରେ ଅଭ୍ୟାସ କରିଥାନ୍ତି । ଭାରତୀୟ ଦଳକୁ ପର୍ଯ୍ୟାପ୍ତ ପରିମାଣର କ୍ରୀଡ଼ା ସାମଗ୍ରୀ ତଥା ପ୍ରଶିକ୍ଷକ ଯୋଗାଇ ଦିଆଯାଇଥିଲା । ଭାରତୀୟ ମହିଳା ଦଳର ବ୍ରୋଞ୍ଜ ସଫଳତା ପରେ ଚାରିଆଡୁ ଅଭିନନ୍ଦନର ସୁଅ ଛୁଟିଛି ।

## ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ

# ମାଧପୁରକୁ ହରାଇ କଣ୍ଟିଲୋ ଚାମ୍ପିଅନ



ଭାପୁର, ୧୨।୬ (ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡା ପଞ୍ଚାୟତ ଅଧୀନ ମାଧପୁର ଭଲିବଲ ଆସୋସିଏସନ୍ ତରଫରୁ ଆୟୋଜିତ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟରେ କଣ୍ଟିଲୋ ଦଳ ମାଧପୁର ଭଲିବଲ ଟିମକୁ ହରାଇ ଚାମ୍ପିୟାନ ହୋଇଛି । ମାଧପୁର ଭଲିବଲ ଆସୋସିଏସନ୍ ଦ୍ୱାରା ଆୟୋଜିତ ଏହି ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟରେ ଆଠଗୋଟି ଭଲିବଲ ଟିମ ଭାଗ ନେଇଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଖେଳ ପରିଚାଳନା କରିଥିଲେ ବଡବାଣପୁର ଅଞ୍ଚଳର ଖେଳ ଶିକ୍ଷକ ସୁବାଷ ଚନ୍ଦ୍ର ବେହେରା ଓ ବାଘୁଆପଲ୍ଲୀ ବିଦ୍ୟାଳୟର ଖେଳ ଶିକ୍ଷକ କୈଳାସ ଚନ୍ଦ୍ର ପ୍ରଧାନ । ଉକ୍ତ ମ୍ୟାଚରେ ମୁଖ୍ୟଅତିଥି ଭାବରେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ସମ୍ମାନୀତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଶିବାନୀ ଦାଶ , ଅବସରପ୍ରାପ୍ତ ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରା, ପୂର୍ବତନ ସରପଞ୍ଚ ତ୍ରିନାଥ ମୁଦୁଲି, ସମାଜସେବୀ ଦେବୀ ପ୍ରସାଦ ଦାଶ, ଶିକ୍ଷକ ଅର୍ଜୁନ ବେହେରା ପ୍ରମୁଖ ଯୋଗଦେଇ ସମସ୍ତ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଖେଳ ଶେଷରେ ଅତିଥିମାନେ କଣ୍ଟିଲୋ ଚାମ୍ପିଅନ ଦଳକୁ ଟ୍ରଫି ସହ ନଗଦ ୧୫ଶହ ଟଙ୍କା ଓ ମାଧପୁର ରନର୍ସ ଦଳକୁ ଟ୍ରଫି ସହ ୧ ହଜାର ଟଙ୍କା ପ୍ରଦାନ କରିଥିବା ମାଧପୁର ଯୁବକ ସଂଘ ତରଫରୁ ସୂଚନା ମିଳିଛି ।

# ଆରସିବି କର୍ମଚାରୀଙ୍କୁ ମିଳିଲା ଜାମିନ

ବେଙ୍ଗାଲୁରୁ,୧୨।୬(ଏଜେନ୍ସି): ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ମାର୍କେଟିଂ ଓ ରାଜସ୍ୱ ମୁଖ୍ୟ ନିଖିଲ ସୋସାଲେଙ୍କୁ ବେଙ୍ଗାଲୁରୁ ଦଳାଚକଟା ଘଟଣାରେ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇଛି । ହେଲେ ତାଙ୍କୁ ତାଙ୍କ ପାସପୋର୍ଟ ଦାଖଲ କରିବାକୁ କୁହାଯାଇଛି । ଗତ ୪ ତାରିଖରେ ଆଇପିଏଲ୍ ଚାମ୍ପିଅନ ଆରସିବିର ବିଜୟ ଉତ୍ସବରେ ଦଳାଚକଟା ଯୋଗୁ ୧୧ଜଣଙ୍କ ମୃତ୍ୟୁ ହେବା ପରେ ୬ ତାରିଖରେ ସୋସାଲେ ଓ ଡିଏନ୍‌ଏ ଏଣ୍ଟରନେଟମେଣ୍ଟ ନେଟୱର୍କର ଦୁଇ କର୍ମଚାରୀ କିରନ କୁମାର (ସିନିୟର ଇଭେଣ୍ଟ ମ୍ୟାନେଜର) ଓ ସୁନୀଲ ମାଥ୍ୟୁ (ଉପ ସଭାପତି-ବ୍ୟବସାୟିକ ବିଷୟ)ଙ୍କୁ ଗିରଫ କରାଯାଇଥିଲା ।

୬ ତାରିଖରେ ବିମାନବନ୍ଦରରୁ ସେଣ୍ଟ୍ରାଲ କ୍ରାଇମ୍ ବ୍ରାଞ୍ଚ ଦ୍ୱାରା ଗିରଫ କରାଯାଇଥିଲା । ସୋସାଲେଙ୍କ ଓକିଲ କର୍ଣ୍ଣାଟକ ହାଇକୋର୍ଟରେ ସୋସାଲେଙ୍କ ଗିରଫଦାରୀ ଉପରେ ପ୍ରଶ୍ନ ଉଠାଇଥିଲେ । କିନ୍ତୁ କୋର୍ଟ ମାମଲାକୁ ସ୍ଥଗିତ ରଖିଥିଲେ । ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ଗୁରୁବାର ଅପରାହ୍ନରେ ରାୟ ଶୁଣାଇଛନ୍ତି ।

# ଭାରତୀୟ ମହିଳା ଦଳର ଇଂଲଣ୍ଡ ଗସ୍ତ: ସୂଚୀଙ୍କ ସ୍ଥାନରେ ରାଧା

ନୂଆଦିଲ୍ଲୀ, ୧୨।୬ (ଏଜେନ୍ସି): ବିସିସିଆଇର ମହିଳା ଚୟନ କମିଟି ଭାରତୀୟ ଦଳର ଇଂଲଣ୍ଡ ଗସ୍ତ ପାଇଁ ଖେଳାଳି ଅଦଳବଦଳ କରିଛି । ଆହତ ସୁଚୀ ଉପାଧ୍ୟାୟଙ୍କ ସ୍ଥାନରେ ରାଧା ଯାଦବଙ୍କୁ ଦଳରେ ସାମିଲ କରାଯାଇଛି । ସୁଚୀଙ୍କ ବାମଗୋଡ଼ ଆଣ୍ଠୁ ତଳ ମାଂସପେଶୀ ସଂକୋଚନ ଯୋଗୁ ତାଙ୍କୁ ଇଂଲଣ୍ଡ ଗସ୍ତରୁ ବାଦ୍ ଦିଆଯାଇଛି । ବେଙ୍ଗାଲୁରୁ କ୍ୟାମ୍ପରେ ସୁଚୀଙ୍କ ଆହତ ସମସ୍ୟା ଜଣାପଡ଼ିଛି । ହରମନପ୍ରୀତ କୌର ଉଭୟ ଦିନିକିଆ ଓ ଟି-୨୦ରେ ଦଳର ନେତୃତ୍ୱ ନେବେ । ସ୍ମୃତି ମନ୍ଧାନା ତାଙ୍କ ଡେପୁଟୀ ଦାୟିତ୍ୱ ତୁଲାଇବେ ।

**ଭାରତୀୟ ଟି-୨୦ ଦଳ**

ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା, ସାଫଳି ବର୍ମା, ଜେମିମା ରୋଡ୍ରିଗୁଏଜ, ରିଚା ଘୋଷ, ଜସ୍ତିକା ଭାଟିଆ, ହାର୍ଲିନ ଦେଓଲ, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚରାନୀ, ଅମନଜ୍ୟୋତ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ଼, ସାୟଲି ସତଘରେ, ରାଧା ଯାଦବ ।

**ଭାରତୀୟ ଦିନିକିଆ ଦଳ**

ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା, ପ୍ରତିକା ରାୱଲ, ହାରଲିନ ଦେଓଲ, ଜେମିମା ରୋଡ୍ରିଗୁଏଜ, ରିଚା ଘୋଷ, ଜସ୍ତିକା ଭାଟିଆ, ତେଜଲ ହସବନିସ, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚରାନୀ, ଅମନଜ୍ୟୋତ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ଼ା, ସାୟଲି ସତଘରେ ଓ ରାଧା ଯାଦବ ।




## ଫ୍ରେଣ୍ଡସିପ କ୍ରିକେଟ କ୍ଲବ ଟୁର୍ଣ୍ଣାମେଣ୍ଟ ସିଜିନ -୨

# ଫାଇନାଲରେ ଚକ୍ରଗଡ, ଡଙ୍କାରିସାହି



ଗଣିଆ, ୧୨।୬ (ସବ୍ୟୁ) : ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ବଡ଼ମୂଳ ପ୍ରଗଣାରେ ସାତକୋଶିଆ ସ୍ୟାଣ୍ଡସ ରିସୋର୍ଟ ଓ ଛାମୁଣ୍ଡିଆ ଏସବିଆଇ ଆମ ବ୍ୟାଙ୍କ୍ ଏବଂ ସମାଜସେବୀ ଗଣେଶ୍ୱର ସାମଲଙ୍କ ଦ୍ୱାରା ଆୟୋଜିତ ହେଉଥିବା ଫ୍ରେଣ୍ଡସିପ କ୍ରିକେଟ କ୍ଲବ ତରଫରୁ ଫ୍ରେଣ୍ଡସିପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ ୨ ବେଠିଆସାହି ମହାନଦୀ ଖେଳ ପଡିଆରେ ସେମି ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ସେମିଫାଇନାଲ ମ୍ୟାଚରେ ଓ ଏମପିସିସି ରାଣୀଭୁଇଁ ବନାମ ଏମଡିସିସି ଚକ୍ରଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

ପ୍ରଥମେ ରାଣୀଭୁଇଁ ବ୍ୟାଟିଂ କରି ୧୦୬ ରନ କରିବାରେ ସକ୍ଷମ ହୋଇଥିଲା । ଜବାବରେ ଚକ୍ରଗଡ ୯ ଓଭରରେ ୩ଟି ବଲରେ ୧୧୨ ରନ କରି ୫ ୱିକେଟରେ ବିଜୟୀ ହୋଇ ଫାଇନାଲରେ ନିଜର ସ୍ଥାନ ପକ୍କା କରିଛି । ଗୁରୁବାର ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସୁବାଷ ଚନ୍ଦ୍ର ରଣା ଯୋଗ ଦେଇଥିଲେ । ଦିପୁନା ମ୍ୟାଚରେ ସର୍ବାଧିକ ରନ କରି ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ । ସେହିପରି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ରେ ଏମଡିସିସି ଡଙ୍କାରିସାହି ବନାମ ଓ ଏମବିସିସି କମଳାଡିହା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା ।

ଡଙ୍କାରିସାହି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୩ ୱିକେଟ ହରାଇ ରନ ୧୬୯ ରନ ସଂଗ୍ରହ କରିବାରେ କରିବାରେ ସକ୍ଷମ ହୋଇଥିଲା । ଜବାବରେ କମଳାଡିହ ନିର୍ଦ୍ଧାରିତ ୧୦ ଓଭରରେ କୌଣସି ୱିକେଟ ନହରାଇ ୧୨୫ରନ କରିବାରେ ସକ୍ଷମ ହୋଇଥିଲା । ୪୪ରନ ବ୍ୟବଧାନରେ ଡଙ୍କାରିସାହି ବିଜୟୀ ହେବା ସହ ଫାଇନାଲକୁ ନିଜର ସ୍ଥାନ ବଜାୟ ରଖିଛି । ମୁଖ୍ୟଅତିଥି ଭାବେ ବନପାଳ ପ୍ରତାପ କୁମାର ସେଠୀ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ରାଜୁ ସର୍ବାଧିକ ୮୯ ରନ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ।

# ୨୨ରୁ ରାଜ୍ୟ ଜୁଜିଟସ୍ସୁ ପ୍ରତିଯୋଗିତା




ଭୁବନେଶ୍ୱର,୧୨।୬(ସବ୍ୟୁ): ଓଡିଶା ଜୁଜିଟସ୍ସୁ ସଂଘ ଆନୁକୂଲ୍ୟରେ ରାଜ୍ୟ କ୍ୟାଡେଟ, ଜୁନିଅର ଓ ସିନିୟର ଜୁଜିଟସ୍ସୁ ପ୍ରତିଯୋଗିତା ଚଳିତ ମାସ ୨୨ ତାରିଖ (ରବିବାର )ରେ ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ଆୟୋଜିତ ହେବ ।

ଏହି ପ୍ରତିଯୋଗିତାକୁ ଜାତୀୟ ଓ ରାଜ୍ୟ ସଂଘର ଅଧିକାରୀମାନେ ପରିଚାଳନା କରିବେ । ବିଭିନ୍ନ ବୟସ ଓ ଓଜନ ବର୍ଗରେ ମହିଳା ଓ ପୁରୁଷ ତଥା ଛାତ୍ର ଓ ଛାତ୍ରୀ ଅଂଶ ଗ୍ରହଣ କରିପାରିବେ । ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳି ଜାତୀୟ ଜୁଜିଟସ୍ସୁ ପ୍ରତିଯୋଗିତା ପାଇଁ ମନୋନୀତ ହେବେ । ପ୍ରତିଯୋଗିତାରେ ଭାଗ ନେବାକୁ ବା ଏହି ରାଜ୍ୟ ପ୍ରତିଯୋଗିତା ବିଷୟରେ ଅଧିକ ସୂଚନା ପାଇବା ପାଇଁ ଚାହୁଁଥିବା ଆଗ୍ରହୀ ପ୍ରତିଯୋଗୀମାନେ ରାଜ୍ୟ ସଂଘର କର୍ମକର୍ତ୍ତାଙ୍କ ସହ ୯୮୨୭୮୭୨୭୨୦ ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

**ସୂଚନା**

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି